୬ ଇଂଲଣ୍ଡ ଯିବେ ବୈଭବ ସୂର୍ଯ୍ୟବଂଶୀ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୧୪ ● ୨୩ ମଇ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-114 ● 23rd May 2025, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


### କଳିଙ୍ଗନଗରରେ ୧.୧୫ ଲକ୍ଷ କୋଟିର ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ

# ନୂଆ ସରକାର ଆରମ୍ଭ କଲେ ନିଯୁକ୍ତିର ନୂଆ ଲହର

ଭୁବନେଶ୍ୱର/ଯାଜପୁର, ୨୨।୫

ନ୍ୟୁଜ୍ ବ୍ୟୁରୋ



ଓଡ଼ିଶାର ସମୃଦ୍ଧ ଶିଳ୍ପ ଇତିହାସରେ ଆଉ ଏକ ସଫଳତାର ପୃଷ୍ଠା ଯୋଡ଼ି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଯାଜପୁରର କଳିଙ୍ଗନଗରଠାରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଶୁଭ ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ ସମୁଦାୟ ୨୦ଟି ପ୍ରକଳ୍ପର ଶିଳାନ୍ୟାସ ଓ ୪ଟି ନୂତନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହା ଦ୍ୱାରା ପ୍ରାୟ ୩୬ ହଜାର ନୂତନ ନିଯୁକ୍ତି ସୃଷ୍ଟି ହୋଇଛି ।

ସୂଚନାଯୋଗ୍ୟ ଯେ, ଗୁରୁବାର ପ୍ରାୟ ୪୯ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଏବଂ ପ୍ରାୟ ୬୬ ହଜାର କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଯାଜପୁର ଜିଲ୍ଲାରେ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି କାର୍ଯ୍ୟକ୍ରମ ଶିଳାନ୍ୟାସ ନୁହେଁ, କି ଉଦ୍‌ଘାଟନ ନୁହେଁ, ଏହା ହେଉଛି ସମୃଦ୍ଧ ଓଡ଼ିଶାର ଭବିଷ୍ୟତର ନିର୍ମାଣ । ଏହିସବୁ ପ୍ରକଳ୍ପ ଯୋଗୁଁ ୩୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ଏକ ସଂଖ୍ୟା ନୁହେଁ । ପ୍ରତ୍ୟେକ ନିଯୁକ୍ତିର ଅର୍ଥ ହେଉଛି ଆମ ଗାଁର ଜଣେ ଯୁବକଙ୍କୁ ଆଉ ନିଯୁକ୍ତି ପାଇଁ ବାହାରକୁ ଯିବାକୁ ପଡ଼ିବ ନାହିଁ । ରାଜ୍ୟରେ ନିଯୁକ୍ତିର ଏକ ନୂଆ ଲହର ସୃଷ୍ଟି ହୋଇଛି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କଳିଙ୍ଗ ନଗରଠାରେ ୨୦ଟି ଶିଳ୍ପର ଶିଳାନ୍ୟାସ କରାଗଲା । ଏହା ସମ୍ଭବ ହୋଇଛି ଆମ ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ। କାରଣ, ଯଦି ଇଚ୍ଛାଶକ୍ତି ନାହିଁ ତେବେ ପାଦେ ଆଗେଇବାକୁ ମଧ୍ୟ ମଣିଷ ସକ୍ଷମ ହୋଇପାରେ ନାହିଁ । ଆଜି ଆମ ସରକାର ନିଜର ଦୃଢ଼ ଇଚ୍ଛାଶକ୍ତିର ନିଦର୍ଶନ ଦେଖାଇଛନ୍ତି । (ପୃଷ୍ଠା ୭ରେ)

# ୨୨ ଏପ୍ରିଲର ଜବାବ ୨୨ ମିନିଟ୍‌ରେ ଦେଇଛୁ

ରାଜସ୍ଥାନ, ୨୨।୫



ରାଜସ୍ଥାନ ବିକାନେରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୬ ହଜାର କୋଟିର ପ୍ରକଳ୍ପର ଶିଳାନ୍ୟାସ ଏବଂ ଲୋକାର୍ପଣ କରିଛନ୍ତି। ସାରା ଦେଶରେ ୧୩ ଶହ ଷ୍ଟେସନର ଆଧୁନିକୀକରଣ ହୋଇଛି । ବିଶେଷକରି ରାଜସ୍ଥାନର ବିକାଶ ନେଇ ବିସ୍ତୃତ ତଥ୍ୟ ରଖିଛନ୍ତି । ରାଜସ୍ଥାନ ସୀମାନ୍ତରେ ୧୧ ବର୍ଷରେ ୧୭ ହଜାର କୋଟି ଟଙ୍କା ବ୍ୟୟ ହୋଇଛି। ସେପଟେ ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ବିକାନେରରେ ପାକିସ୍ତାନକୁ ନିଶାନା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ। ସେ କହିଛନ୍ତି ଏପ୍ରିଲ ୨୨ର ଜବାବ ମାତ୍ର ୨୨ ମିନଟରେ ଦେଇଛୁ। ସିନ୍ଦୂର ଯେତେବେଳେ ବାରୁଦ ହୁଏ, ତାହାର ପରିଣାମ କଣ ହୁଏ ତାହା ସାରା ବିଶ୍ୱ ଦେଖିଲା । ୯ଟି ଆତଙ୍କବାଦୀ ଆଡ୍ଡାକୁ ଆମ ସେନା ମାଟିରେ ମିଶାଇ ଦେଲା। ଯେଉଁମାନେ ସିନ୍ଦୂର ପୋଛିବାକୁ ଆସିଥିଲେ, ସେମାନଙ୍କୁ ମାଟିରେ ପୋତିଲୁ । ଯେଉଁମାନେ ଭାବୁଥିଲେ ଭାରତ ଚୁପ ରହିବ, ସେମାନେ ନିଜ ଘରେ ଲୁଚି ରହିଛନ୍ତି। ୩ ସେନାର ଚକ୍ରବ୍ୟୁହରେ ଫସିଲେ, ବାହାରି ପାରିଲେନି । ଯେଉଁ ଅସ୍ତ୍ରକୁ ନେଇ ଗର୍ବ କରୁଥିଲେ ଆଜି ଏହାର ଭଗ୍ନାବଶେଷରେ ପୋତି ହୋଇଛନ୍ତି । ଏହା ଏକ ଶକ୍ତିଶାଳୀ ଭାରତର ରୌଦ୍ର ରୂପ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ। ଇଏ ହେଉଛି ନୂଆ ଭାରତ। ଏହା ହେଉଛି ଆମର ଶକ୍ତି। ପ୍ରଥମେ ଆମେ ସେମାନଙ୍କ ଘରେ ପ୍ରବେଶ କରି ଆକ୍ରମଣ କରିଥିଲୁ। ଏବେ ଆମେ ସେମାନଙ୍କ ଛାତିରେ ଆକ୍ରମଣ କରିଛୁ । ଏହା ଆତଙ୍କବାଦର ପ୍ରଶଂସକଙ୍କୁ ଧ୍ୱଂସ କରିବାର ନୀତି ଓ ରଣନୀତି । ମୋ ରକ୍ତ ଗରମ ନୁହେଁ, ଧମନୀରେ ଗରମ ସିନ୍ଦୂର ପ୍ରବାହିତ ହେଉଛି । ଅପରେସନ ସିନ୍ଦୂର ଆମକୁ ୩ଟି ସୂତ୍ର ଦେଖାଇଛି । ପ୍ରଥମତଃ ଆତଙ୍କବାଦୀ ଆକ୍ରମଣ ହେଲେ କଡ଼ା ଜବାବ ଦିଆଯିବ। ଆମର ସେନା ସମୟ, ପଦ୍ଧତି ଓ ପରିସ୍ଥିତି ସ୍ଥିର କରିବେ। ଦ୍ୱିତୀୟତଃ ପରମାଣୁ ବୋମାର ବ୍ଲାକମେଲିଂକୁ ଖାତିର କରିବୁ ନାହିଁ । ଆତଙ୍କବାଦୀ କାର୍ଯ୍ୟ ଓ ଏହାର ସମର୍ଥନଙ୍କୁ ଅଲଗା ଦେଖିବୁ ନାହିଁ । ଆଗକୁ ଆତଙ୍କବାଦୀ କାର୍ଯ୍ୟ ପାକିସ୍ତାନ ଆହୁରି ଅଧିକ ମୂଲ୍ୟ ଦେବାକୁ ପଡିବ। ଯଦି ପାକିସ୍ତାନ ସହ କଥା ହେବୁ ତାହେଲେ ପିଓକେକୁ ନେଇ କଥା ହେବୁ। ଭାରତୀୟଙ୍କ ରକ୍ତରେ ଖେଳିଲେ ପାକିସ୍ତାନକୁ ମହଙ୍ଗା ପଡିବ। ପାକିସ୍ତାନକୁ ପାଣି ଦିଆଯାଇପାରିବ ନାହିଁ । ଏହା ଭାରତର ପ୍ରତିଜ୍ଞା, ବିଶ୍ୱ କୌଣସି ଶକ୍ତି ବଦଳାଇ ପାରିବନାହିଁ।

## ସୁଧାକର ବୁର୍ଗି ଓଏସ୍ଏସ୍‌ସି ଅଧ୍ୟକ୍ଷ ନିଯୁକ୍ତ



ଭୁବନେଶ୍ୱର, ୨୨।୫

ନ୍ୟୁଜ୍ ବ୍ୟୁରୋ

ଅବସରପ୍ରାପ୍ତ ଆଇଏଏସ ସୁଧାକର ବୁର୍ଗି ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ(ଓଏସ୍ଏସ୍‌ସି)ର ନୂତନ ଅଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଛନ୍ତି। ପୂର୍ବତନ ଡିଜିପି ଅଭୟଙ୍କ (ପୃଷ୍ଠା ୭ରେ)

# ଫେରିଲା କରୋନା: ରାଜଧାନୀରେ ପ୍ରଥମ ମାମଲା ଚିହ୍ନଟ

ଭୁବନେଶ୍ୱର, ୨୨।୫

ନ୍ୟୁଜ୍ ବ୍ୟୁରୋ

ତିନି ବର୍ଷର ବ୍ୟବଧାନ ପରେ ଓଡ଼ିଶାରେ କରୋନା ପୁନର୍ବାର ଦେଖାଦେଇଛି । ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ମାମଲା ଚିହ୍ନଟ ହୋଇଛି।

ରିପୋର୍ଟ ଅନୁଯାୟୀ ସଂକ୍ରମିତ ବ୍ୟକ୍ତି ଜଣକ ସମ୍ପ୍ରତି ଦିଲ୍ଲୀରୁ ଫେରିଥିଲେ। ସେ ବର୍ତ୍ତମାନ ଘରେ କ୍ୱାରେଣ୍ଟାଇନ୍‌ରେ ଅଛନ୍ତି। କରୋନା ଲକ୍ଷଣ ପ୍ରକାଶ ପାଇବା ପରେ ସମ୍ପୃକ୍ତ ବ୍ୟକ୍ତି ଟେଷ୍ଟ କରିଥିଲେ। ତା ପରେ ସେ କୋଭିଡ ପଜିଟିଭ ଚିହ୍ନଟ ହୋଇଥିବା ସୂଚନା ମିଳିଛି।

ଭୁବନେଶ୍ୱରର ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଜଣେ ବରିଷ୍ଠ ନାଗରିକ ହୋଇଥିବା ବେଳେ ସେ ଏକାଧିକ (ପୃଷ୍ଠା ୭ରେ)




## ଭୟଭୀତ ହେବାର କୌଣସି କାରଣ ନାହିଁ: ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର, ୨୨।୫ : ନ୍ୟୁଜ୍ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରରେ ପ୍ରଥମ କୋଭିଡ-୧୯ ମାମଲା ଚିହ୍ନଟ ହେବା ପରେ ରାଜ୍ୟ ସରକାରଙ୍କ ଓଡ଼ିଶା ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟବାସୀଙ୍କୁ ସତର୍କତା ଅବଲମ୍ବନ ସହ ସଚେତନ ରହିବାକୁ ଅନୁରୋଧ କରାଯାଇଛି। (ପୃଷ୍ଠା ୭ରେ)

# ୨୭ରେ ବଙ୍ଗୋପସାଗରରେ ଲଘୁଚାପ : ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୨।୫

ନ୍ୟୁଜ୍ ବ୍ୟୁରୋ



ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ପାଣିପାଗ ମଡେଲ ଅନୁଯାୟୀ, ମେ’ ୨୦୨୫ରେ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବାର ସମ୍ଭାବନା ରହିଛି। ଯାହା ଓଡ଼ିଶା ଉପକୂଳକୁ ପ୍ରଭାବିତ କରିପାରେ। ଏହି ଝଡ଼ ଯାହାର ନାମ ସମ୍ଭାବ୍ୟ ଭାବେ ଶକ୍ତି ରଖାଯାଇଛି । ମେ ୨୩ରୁ ୨୮ ତାରିଖ ମଧ୍ୟରେ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବାଂଲାଦେଶର ଖୁଲନା ଓ ଚଟ୍ଟୋଗ୍ରାମ ଅଞ୍ଚଳକୁ ପ୍ରଭାବିତ କରିବାର ଆଶଙ୍କା ରହିଛି।

ଆଇଏମଡି ଅନୁଯାୟୀ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ ୧୩, ୨୦୨୫ ସୁଦ୍ଧା ଦକ୍ଷିଣ ବଙ୍ଗୋପସାଗର, ଦକ୍ଷିଣ ଆଣ୍ଡାମାନ ସାଗର, ନିକୋବର ଦ୍ୱୀପପୁଞ୍ଜ ଏବଂ ଉତ୍ତର ଆଣ୍ଡାମାନ ସାଗରର କିଛି ଅଞ୍ଚଳରେ ପହଞ୍ଚିସାରିଛି । ଏହି ମୌସୁମୀ ବାୟୁର ଶୀଘ୍ର ଆଗମନ ଘୂର୍ଣ୍ଣିଝଡ଼ ସୃଷ୍ଟି ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି । ଆଣ୍ଡାମାନ ସାଗରରେ ଏକ ଉପରିସ୍ଥ ଚକ୍ରବାୟୁ (ସାଇକ୍ଲୋନିକ ସର୍କୁଲେସନ) ମଧ୍ୟ ଦେଖାଦେଇଛି, ଯାହା ଆସନ୍ତା ୨୪ ସୁଦ୍ଧା ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇପାରେ ଏବଂ ପରେ ଘୂର୍ଣ୍ଣିଝଡ଼ରେ ରୂପାନ୍ତରିତ ହେବାର ସମ୍ଭାବନା ରହିଛି।

ଓଡ଼ିଶାରେ ମେ ମାସ ଐତିହାସିକ ଭାବେ ଘୂର୍ଣ୍ଣିଝଡ଼ ପାଇଁ ପ୍ରସିଦ୍ଧ । କାରଣ ଏହି ସମୟରେ ସମୁଦ୍ର ପୃଷ୍ଠର ଉଷ୍ମତା ଏବଂ ବାୟୁମଣ୍ଡଳୀୟ ଗତିଶୀଳତା ଝଡ଼ ସୃଷ୍ଟି ପାଇଁ ଅନୁକୂଳ ରହିଥାଏ। ପୂର୍ବ ଘୂର୍ଣ୍ଣିଝଡ଼ ଯେପରିକି ଫନି (୨୦୧୯), ଅମ୍ଫାନ (୨୦୨୦) ଏବଂ ୟସ (୨୦୨୧) ର ବିନାଶକାରୀ ପ୍ରଭାବ ଓଡ଼ିଶାର ଉପକୂଳବାସୀଙ୍କ ମନରେ ଏବେ ବି ସତେଜ ରହିଛି।

ପାଣିପାଗ ବିଶେଷଜ୍ଞଙ୍କ ମତରେ, ଏହି ଝଡ଼ ମୁଖ୍ୟତଃ (ପୃଷ୍ଠା ୭ରେ)

## ସୁରକ୍ଷା ବାହିନୀଙ୍କ ଗୁଳିରେ ୨ ଆତଙ୍କବାଦୀ ନିପାତ

କିସ୍ତୱାର, ୨୨।୫

ଜମ୍ମୁ-କଶ୍ମୀରର କିସ୍ତାୱାରରେ ଗୁରୁବାର ସୁରକ୍ଷା ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଛି । ସୁରକ୍ଷା ବାହିନୀଙ୍କ ଗୁଳିରେ ଦୁଇ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ସକାଳୁ ହିଁ ଏହି ଅଞ୍ଚଳରେ ଗୁଳି ବିନିମୟ ଜାରି ରହିଛି । ସୂଚନା ଅନୁସାରେ ଏହି ଅଞ୍ଚଳରେ ୪ ଜଣ ଆତଙ୍କବାଦୀ ଲୁଚି ରହିଥିବା ନେଇ ସେନାକୁ ସୂଚନା ମିଳିଥିଲା। ଖବର ପାଇ ସମ୍ପୂର୍ଣ୍ଣ ଅଞ୍ଚଳକୁ ଘେରାଉ କରିଥିଲେ ସୁରକ୍ଷା ବାହିନୀ। ତଲାସୀ ଅଭିଯାନ ସମୟରେ (ପୃଷ୍ଠା ୭ରେ)

# ରାଷ୍ଟ୍ରପତି ପ୍ରଦାନ କଲେ କୀର୍ତ୍ତିଚକ୍ର ଓ ଶୌର୍ଯ୍ୟଚକ୍ର

ନୂଆଦିଲ୍ଲୀ, ୨୨।୫



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଷ୍ଟ୍ରପତି ଭବନରେ ପ୍ରତିରକ୍ଷା ଅନୁସନ୍ଧାନ ସମାରୋହର ପ୍ରଥମ ପର୍ଯ୍ୟାୟରେ ସଶସ୍ତ୍ର ବାହିନୀ, କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ଏବଂ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ପୋଲିସ କର୍ମଚାରୀଙ୍କୁ ୪ଟି ମରଣୋତ୍ତର ସମେତ ୬ଟି କୀର୍ତ୍ତିଚକ୍ର ଏବଂ ୭ଟି ମରଣୋତ୍ତର ସମେତ ୩୩ଟି ଶୌର୍ଯ୍ୟଚକ୍ର ପ୍ରଦାନ କରିଛନ୍ତି । ରାଇଫଲ ମ୍ୟାନ ରବି କୁମାର, କଲୋନେଲ ମନପ୍ରୀତ ସିଂହ, ଡିଏସପି ହିମାୟୁନ ମୁଜାମ୍ମିଲ ଭଟ୍ଟ ଓ ନାୟକ ଦିଲାର ଖାନଙ୍କୁ ମରଣୋତ୍ତର ଭାବେ କୀର୍ତ୍ତି ଚକ୍ର ପ୍ରଦାନ କରାଯାଇଛି।

ମରାଠା ଲାଇଟ ଇନଫାଣ୍ଟ୍ରିର ମେଜର ମଲ୍ଲ ରାମ ଗୋପାଳ ନାଇଡୁ ଏବଂ ପଞ୍ଜାବ ରେଜିମେଣ୍ଟର ମେଜର ମନଜିତଙ୍କୁ କୀର୍ତ୍ତିଚକ୍ରରେ ସମ୍ମାନିତ କରାଯାଇଛି । ମେଜର ଆଶିଷ ଧୋଞ୍ଚକ୍, ସିପାହୀ ପ୍ରଦୀପ ସିଂ, ହାବିଲଦାର ରୋହିତ କୁମାର, ପୁଲିସ ଅଧିକାରୀ ପବନ କୁମାର, କନଷ୍ଟେବଲ ଦେବାନ ସିଂ, ବିଜୟନ କୁଟ୍ଟି ଜି ଏବଂ କ୍ୟାପଟେନ ଦୀପକ ସିଂଙ୍କ ସମେତ ସାତ ଜଣ ବୀରଙ୍କୁ ତାଙ୍କ କର୍ତ୍ତବ୍ୟ ପାଳନ କରିବାରେ ଅସାଧାରଣ ସାହସ ଏବଂ ବଳିଦାନ ପାଇଁ ମରଣୋତ୍ତର ଭାବେ ଶୌର୍ଯ୍ୟଚକ୍ର ପ୍ରଦାନ କରାଯାଇଛି।

# ସରକାର କିଣିବେ ଏସ୍‌ସି ଏସ୍‌ଟିଙ୍କ ଜମି : ଗଠନ ହେବ କର୍ପସ ଫଣ୍ଡ

ଭୁବନେଶ୍ୱର, ୨୨।୫

ନ୍ୟୁଜ୍ ବ୍ୟୁରୋ



ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ପାଇଁ ଏକ ନୂଆ ପଦକ୍ଷେପ ନେଇଛନ୍ତି। ସରକାରଙ୍କ ନୂଆ ଯୋଜନା ଅନୁସାରେ ଆଦିବାସୀଙ୍କ ଜମି ଉପରେ ପ୍ରଭାବଶାଳୀ ବ୍ୟକ୍ତିମାନେ ନଜର ପକାଇପାରିବେ ନାହିଁ । ସେହିପରି ଧନୀ ଲୋକ ଆଉ ଚାପ ପକାଇ ଅନୁସୂଚିତ ଜନଜାତି ଓ ଜାତି ଲୋକଙ୍କ ଜମି ହଡ଼ପ କରିପାରିବେ ନାହିଁ । ଆଦିବାସୀଙ୍କ ଜମି ଏଣିକି ସରକାର କିଣିବେ। ଏଥିପାଇଁ ଖୁବଶୀଘ୍ର ସରକାର କର୍ପସ ଫଣ୍ଡ ଗଠନ କରିବାକୁ ଚିନ୍ତା କରୁଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଝିଅ ବାହାଘର, ସ୍ୱାସ୍ଥ୍ୟ ଚିକିତ୍ସା ଓ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଜମି ବିକ୍ରି କରିବାକୁ ଚାହୁଁଥିଲେ ସରକାର କିଣିବେ । ସରକାର ଉକ୍ତ ଜମିକୁ ୨ରୁ ୩ ବର୍ଷ ପର୍ଯ୍ୟନ୍ତ ସୁରକ୍ଷିତ କରି ରଖିବେ। ପରେ ଜମି ମାଲିକ ଚାହିଁଲେ ପୁଣି ସରକାରଙ୍କ ଠାରୁ ସେହି ଜମି କିଣିପାରିବେ।

ରାଜସ୍ୱ ମନ୍ତ୍ରୀଙ୍କ ସୂଚନା ଅନୁସାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଜମିର ସୁରକ୍ଷା ପାଇଁ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସରକାରୀ କମିଟି ଗଠନ କରାଯାଇଛି। ଏହି କମିଟିରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗରର ପ୍ରମୁଖ ସଚିବ, ଏସ୍‌ଟିଏସ୍‌ଟି ବିଭାଗର ନିର୍ଦ୍ଦେଶକ, ବିଶେଷଜ୍ଞ, କିଛି ଅଭିଜ୍ଞ ଅଧିକାରୀ ରହିବେ। ସେମାନେ ଏ ବାବଦରେ ନିରୀକ୍ଷଣ କରି ରିପୋର୍ଟ ଦେବେ। ଏହାସହ ଅନୁସୂଚିତ ଜନଜାତି ଓ ଜାତି ମାନଙ୍କର ସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ, ଏସ୍‌ସି ଏବଂ ଏସ୍‌ଟି ବିଭାଗର ଗୃହ କମିଟି, ବିଧାୟକମାନଙ୍କର ପରାମର୍ଶ ମଧ୍ୟ ନିଆଯିବ। ସମସ୍ତଙ୍କ ପରାମର୍ଶ ନେଇ କମିଟି ରିପୋର୍ଟ ଦେଲା ପରେ ନିଷ୍ପତ୍ତି ନିଆଯିବ। ଯଦି ଜମି ମାଲିକ ଆଉ ଜମି ଫେରାଇ ନେବାକୁ ଚାହିଁବେ ନାହିଁ, ତେବେ ଅନୁସୂଚିତ ଜନଜାତି ଲୋକଙ୍କ ପାଖରୁ କିଣା ଯାଇଥିବା ଜମି ସେହି ବର୍ଗର ଲୋକଙ୍କୁ ହିଁ ନିଲାମ କରାଯିବ।

## କନ୍ନଡ଼ ଲେଖିକା ବାନୁ ମୁସ୍ତାକ୍ ପାଇଲେ ଅନ୍ତର୍ଜାତୀୟ ବୁକର ପୁରସ୍କାର




ନୂଆଦିଲ୍ଲୀ, ୨୨।୫

ଭାରତୀୟ ଲେଖିକା, ଓକିଲ ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ବାନୁ ମୁସ୍ତାକ୍ ତାଙ୍କ କ୍ଷୁଦ୍ର ଗଳ୍ପ ସଂଗ୍ରହ ‘ହାର୍ଟ ଲ୍ୟାମ୍ପ’ ପାଇଁ ଅନ୍ତର୍ଜାତୀୟ ବୁକର ପୁରସ୍କାର ଜିତିଛନ୍ତି । ଏହି ସମ୍ମାନଜନକ ପୁରସ୍କାର ପାଇବାରେ କନ୍ନଡ ଭାଷାରେ ଲିଖିତ ଏହା ହେଉଛି ପ୍ରଥମ ପୁସ୍ତକ। ହାର୍ଟ ଲ୍ୟାମ୍ପର କାହାଣୀଗୁଡ଼ିକୁ ଦୀପା ଭସ୍ତି ଇଂରାଜୀରେ ଅନୁବାଦ କରିଛନ୍ତି।

୧୯୯୦ରୁ ୨୦୨୩ ମଧ୍ୟରେ ଲିଖିତ ୧୨ଟି କ୍ଷୁଦ୍ର (ପୃଷ୍ଠା ୭ରେ)

## ଏକାଳ ପଖାଳ



ଅକ୍ଷିମୁଠି ପରେ ବରଷା ନାହିଁ
ଜମି ଫାଟି କରି ଆଁ...
ଟାଉନୁରେ ଟିକେ ଅସରେ ହେଉଛି
ଗାଁ ଆକାଶଟା ଖାଁ...ଖାଁ...
ଥୟଧର ହାଁ...ହାଁ...
ମୌସୁମୀ ସଅଳ ଆସିବ ବାଣୀଟା
ମନେ ଅଛି କିବା-ନା ?

# ଭାରତର ୭୬% ଲୋକଙ୍କୁ ଅତ୍ୟଧିକ ବିପଦ




ନୂଆଦିଲ୍ଲୀ, ୨୨।୫

ଭାରତର ୫୭% ଜିଲ୍ଲାକୁ ପ୍ରଚଣ୍ଡ ଗରମ ଏବଂ ତାତିର ଅଧିକରୁ ଅତି ଅଧିକ ବିପଦ ରହିଛି । ଏହି ଜିଲ୍ଲାଗୁଡ଼ିକରେ ଦେଶର ପ୍ରାୟ ୭୬% ଜନସଂଖ୍ୟା ରହୁଛନ୍ତି । ରାତିର ତାପମାତ୍ରା ବୃଦ୍ଧି ଏବଂ ବର୍ଦ୍ଧିତ ଆର୍ଦ୍ରତା ଯୋଗୁ ତାତିର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଅଧିକ ବିପଦପୂର୍ଣ୍ଣ କରୁଥିବା ନେଇ ନୂଆଦିଲ୍ଲୀସ୍ଥିତ ରିସର୍ଚ୍ଚ ଥିଙ୍କଟାଙ୍କ କାଉନସିଲ ଆଣ୍ଡ ଏନର୍ଜି, ଏନଭାଇରନମେଣ୍ଟ ଆଣ୍ଡ ୱାଟର (ସିଇଇଡବ୍ଲ୍ୟୁ) ପକ୍ଷରୁ କରାଯାଇଥିବା ଅଧ୍ୟୟନରେ କୁହାଯାଇଛି । ‘ହାଓ ଏକ୍ସଟ୍ରିମ ହିଟ ଇଜ ଇମ୍ପାକ୍ଟିଂ ଇଣ୍ଡିଆ: ଆସେସିଂ ଡିଷ୍ଟ୍ରିକ୍ଟ-ଲେଭଲ ହିଟ ରିସ୍କ’ ଶୀର୍ଷକ ଏହି ଅଧ୍ୟୟନକୁ ଜାରି କରାଯାଇଛି। ଉକ୍ତ ଅଧ୍ୟୟନରେ ଭାରତର ୭୩୪ ଜିଲ୍ଲାର ଜଳବାୟୁ, ସ୍ୱାସ୍ଥ୍ୟ, ଭିତ୍ତିଭୂମି ଆଦି ୩୫ଟି ବିଭିନ୍ନ କ୍ଷେତ୍ରକୁ ବିଶ୍ଳେଷଣ କରାଯାଇ ପ୍ରତ୍ୟେକ ଜିଲ୍ଲା ପାଇଁ ଏକ ହିଟ୍-ରିସ୍କ ସ୍କୋର ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁଯାୟୀ, ପ୍ରଚଣ୍ଡ ଗରମ ପାଇଁ ଦେଶର ୪୧୭ଟି ଜିଲ୍ଲାର ହିଟ୍-ରିସ୍କ ସ୍କୋର ଅଧିକ ଏବଂ ଅତି ଅଧିକ ବିପଦ ବର୍ଗରେ ଆସୁଥିବା ବେଳେ ୨୦୧ଟି ଜିଲ୍ଲା ମଧ୍ୟମ ବିପଦ ବର୍ଗରେ ଆସୁଛି। ସେହିପରି ଦେଶର ୧୧୬ଟି ଜିଲ୍ଲା ତୁଳନାତ୍ମକ ଭାବେ ପ୍ରଚଣ୍ଡ ତାତିରେ କମ ପ୍ରଭାବିତ ହେବ ବୋଲି ଏହି ରିପୋର୍ଟ କହିଛି।

# ପାକିସ୍ତାନକୁ ଆତଙ୍କବାଦ ବନ୍ଦ କରିବାକୁ ତୁର୍କୀକୁ ଜଣାଇଲା ଭାରତ

ନୂଆଦିଲ୍ଲୀ, ୨୨।୫

ଭାରତ ବିରୋଧରେ ପାକିସ୍ତାନକୁ ସମର୍ଥନ କରୁଥିବା ତୁର୍କୀକୁ ଏକ କଡ଼ା ବାର୍ତ୍ତା ଦେଇଛ ଭାରତ। ତୁର୍କୀକୁ ଭାରତ କହିଛି ଯେ ପାକିସ୍ତାନକୁ କୁହ ସେ ଆତଙ୍କବାଦକୁ ସମର୍ଥନ କରିବା ବନ୍ଦ କରୁ।

ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଗୁରୁବାର କହିଛନ୍ତି ଯେ ଭାରତ ଆଶା କରୁଛି ଯେ ତୁର୍କୀ ପାକିସ୍ତାନକୁ ସୀମାପାର ଆତଙ୍କବାଦକୁ ସମର୍ଥନ ବନ୍ଦ କରିବା ଏବଂ ଆତଙ୍କବାଦୀ ଯନ୍ତ୍ର ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଭାବରେ ଅନୁରୋଧ କରିବ।

ସେ କହିଛନ୍ତି, ଆମେ ଆଶା କରୁଛୁ ଯେ ତୁର୍କୀ ପାକିସ୍ତାନକୁ ସୀମାପାର ଆତଙ୍କବାଦକୁ ସମର୍ଥନ ବନ୍ଦ କରିବାକୁ ଏବଂ ଦଶନ୍ଧି ଧରି ପୋଷଣ କରିଆସୁଥିବା ଆତଙ୍କବାଦୀ ଇକୋସିଷ୍ଟମ ବିରୁଦ୍ଧରେ ବିଶ୍ୱସନୀୟ ଏବଂ ଯାଞ୍ଚଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦୃଢ଼ ଭାବରେ ଅନୁରୋଧ କରିବ। ପରସ୍ପରର ଚିନ୍ତା ପ୍ରତି ସମ୍ବେଦନଶୀଳତା ଉପରେ ସମ୍ପର୍କ ଗଢ଼ି ଉଠିଥାଏ ବୋଲି ସେ କହିଥିଲେ।

ଶ୍ରୀ ଜୟସ୍ୱାଲ ଆଉ ଥରେ ସ୍ପଷ୍ଟ କରିଦେଇଛନ୍ତି ଯେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତିରେ କୌଣସି ତୃତୀୟ ପକ୍ଷର ଭୂମିକା ନଥିଲା।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୩ ମଇ ୨୦୨୫ ଶୁକ୍ରବାର





# ବିଏମ୍‌ସିରେ ମୁଖ୍ୟରାସ୍ତା ଅନ୍ଧାର:ସହରବାସୀଙ୍କ ହଟହଟା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଷ୍ଟ୍ରିଟ୍‌ଲାଇଟ୍ ସେବା ଯୋଗାଣରେ ପାତରଅନ୍ତର । ସହରର ମୁଖ୍ୟ ରାସ୍ତା ଅନ୍ଧାର । କିନ୍ତୁ ଶାଖା ରାସ୍ତାରେ ଗଣ୍ଡା ଗଣ୍ଡା ଷ୍ଟ୍ରିଟ୍‌ଲାଇଟ ଥାଇ ପୁଣି ନୂଆ ଖୁଣ୍ଟିରେ ଏଲଇଡି ଲାଗୁଛି । ଏଭଳି ଦୃଶ୍ୟ ବଡ଼ଗଡ଼ କେନାଲ ରୋଡରେ ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ବଡ଼ଗଡ଼ ଛକ ଠାରୁ ଟଙ୍କପାଣି ରୋଡ ଜଗନ୍ନାଥ ଆଶ୍ରମ ପର୍ଯ୍ୟନ୍ତ ୪ ଥାକିଆ ରାସ୍ତାରେ ସନ୍ଧ୍ୟା ପରେ ଅନ୍ଧାର ରାଜୁତି କରୁଛି । ବିଏମ୍‌ସି ପକ୍ଷରୁ ଏଭଳି ଅଯଥା ଷ୍ଟ୍ରିଟ୍ ଲାଇଟ୍ ଲଗାଯିବା ପଛରେ କଣ ଉଦ୍ଦେଶ୍ୟ ରହିଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବଡ଼ଗଡ଼ କେନାଲ ରୋଡର ଉଭୟ ପାର୍ଶ୍ୱ ପଳାଶୁଣି ଗ୍ରାମ ପର୍ଯ୍ୟନ୍ତ ଲମ୍ବିଛି। ପ୍ରାୟ ୧୨ କିମି ଲମ୍ବ ବିଶିଷ୍ଟ ଏହି ରାସ୍ତାରେ ପୂର୍ବରୁ ଖୁଣ୍ଟି ପୋତା ହୋଇ ଏଲଇଡି ଲାଇଟ୍ ଲାଗିଛି । ଯାହାକି ରାସ୍ତାକୁ ଯଥେଷ୍ଟ ଆଲୋକିତ କରୁଛି । ଏହା ସତ୍ତ୍ୱେ ବିଏମ୍‌ସି ପକ୍ଷରୁ ଏହି ରାସ୍ତାରେ ଦୋହରା ଆଲୋକୀକରଣ କାର୍ଯ୍ୟ ଚାଲିଛି। ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରାଯାଇ



ଏହି ରାସ୍ତା ସାରା ଶତାଧିକ ନୂଆ ଖୁଣ୍ଟି ପୋତାଯାଇ ସେଥିରେ ଏଲଇଡି ବଲବ ଲଗାଯାଇଛି । ଏହି କାର୍ଯ୍ୟକୁ ଦିଲ୍ଲୀର ଏକ କମ୍ପାନୀ କରିଛି। ଏହାର ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ କମ୍ପାନୀ ହାତରେ ନ୍ୟସ୍ତ ରହିଛି । କିନ୍ତୁ ପ୍ରକୃତରେ ରକ୍ଷଣାବେକ୍ଷଣ ଓ ମରାମତି କାର୍ଯ୍ୟ କମ୍ପାନୀ କର୍ମଚାରୀ କରୁନାହାନ୍ତି । କମ୍ପାନୀର କାମ ବିଏମ୍‌ସିର ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଓ କର୍ମଚାରୀ ମାନେ ତୁଲାଉଛନ୍ତି । କମ୍ପାନୀର ନିଜସ୍ୱ ଗାଡ଼ି ନାହିଁ । ବିଏମ୍‌ସିର ହାଇଡ୍ରା ପାୱାର ଲାଡର ଗାଡ଼ି ମଧ୍ୟ ରକ୍ଷଣାବେକ୍ଷଣ କାର୍ଯ୍ୟରେ ବ୍ୟବହାର କରାଯାଉଛି । ତା' ବଦଳରେ କମ୍ପାନୀ ସେମାନଙ୍କୁ ଯଥେଷ୍ଟ ପାରିଶ୍ରମିକ ଦେଉଥିବାର ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବଡ଼ଗଡ଼ ଗ୍ରାମ ମୁଖ୍ୟ ଛକ ଠାରୁ ଜଗନ୍ନାଥ ଆଶ୍ରମ ଟଙ୍କପାଣି ରୋଡ ପର୍ଯ୍ୟନ୍ତ ଲମ୍ବିଥିବା ଚାରିଥାକିଆ ମୁଖ୍ୟ ରାସ୍ତାର ଆଲୋକୀକରଣ କଥା ବିଏମ୍‌ସି ଭୁଲି ଯାଇଛି । ପ୍ରାୟ ଏକ ବର୍ଷରୁ ଅଧିକ ସମୟ ହେବ ଏହି ରାସ୍ତା ନିର୍ମାଣ ସାରି ଗାଡ଼ିମୋଟର ଯାତାୟାତ କଲାଣି । ଏହି ରାସ୍ତାର ଗୁରୁତ୍ୱ ଅଧିକ। ଏହି ରାସ୍ତା ବିଭିନ୍ନ ଐତିହ୍ୟସ୍ଥଳୀ ଓ ପର୍ଯ୍ୟଟନସ୍ଥଳୀକୁ ସଂଯୋଗ କରିଛି । ଟଙ୍କପାଣି ରୋଡଟି ପୁରୀ କଟକ ବାଇପାସ୍ ରାସ୍ତାକୁ ଲାଗିଥିବାରୁ ଏହି ରାସ୍ତାରେ ପ୍ରବଳ ଗାଡି ମୋଟର ଭିଡ଼ ଲାଗି ରହିଥାଏ । ଏହି ରାସ୍ତା କଡ଼ରେ ଗୋଟିଏ ବି ଷ୍ଟ୍ରିଟ୍ ଲାଇଟ୍ ନାହିଁ । କେବଳ ରାସ୍ତାର ଗୋଟିଏ ପାର୍ଶ୍ୱରେ କିଛି ସ୍ଥାନରେ ୧୧ କେଭି ଟିପିସିଓଡିଏଲ୍‌ର କଙ୍କ୍ରିଟ୍ ଖୁଣ୍ଟରେ ବିଏମ୍‌ସିର ନାମକୁମାତ୍ର ପୁରୁଣା ବଲବ ଝୁଲାଇ ଦେଇ କାମ ସାରି ଦେଇଛନ୍ତି । ମାତ୍ର ଅପର ପାର୍ଶ୍ୱରେ ଆଦୌ ଷ୍ଟ୍ରିଟ୍ ଲାଇଟ୍ ନଥିବା କାରଣରୁ ଅନ୍ଧାର ହେଲେ ରାସ୍ତାଟି ଅସୁରକ୍ଷିତ ହୋଇପଡ଼ିଛି । ସମୟ ବ୍ୟବଧାନରେ ଏହି ରାସ୍ତାରେ ଲୁଟ୍, ଛିନ୍‌ତାଇ ଆଦି ଅପରାଧ ଘଟୁଛି । ବଡ଼ଗଡ଼ କେନାଲ ରୋଡ ପୂର୍ତ୍ତ ବିଭାଗ ଅଧୀନରେ । ଏହି ରାସ୍ତା ଆଲୋକୀକରଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ବିଏମ୍‌ସିକୁ କୌଣସି ଆର୍ଥିକ ଅନୁଦାନ ଦିଆଯାଇନାହିଁ । ରାସ୍ତାରେ ଷ୍ଟ୍ରିଟ୍ ଆଲୁଅ ଥାଇ ପୁଣି ଏହି ଦୋହରା ଆଲୋକୀକରଣ କରିବା ଅର୍ଥ କେବଳ ଠିକସଦାତାଙ୍କ ଟଙ୍କା ବର୍‌ବାଦ୍ ଛଡା ଅନ୍ୟ କିଛି ନୁହେଁ ବୋଲି ସାଧାରଣ ଜନତା କହୁଛନ୍ତି । ଏପଟେ ମୁଖ୍ୟ ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ଲାଗିବା ପାଇଁ ବିଏମ୍‌ସି ପାଖରେ ଟଙ୍କା ନାହିଁ । ଏହି ସମ୍ପର୍କରେ ବିଏମ୍‌ସି ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ ସୁକାନ୍ତ କୁମାର ସାବତଙ୍କୁ ଅବଗତ କରାଯାଇଥିଲା । ସେ କହିଥିଲେ, ବଡ଼ଗଡ଼ ଗ୍ରାମ ମୁଖ୍ୟ ପ୍ରବେଶ ପଥ ଠାରୁ ଜଗନ୍ନାଥ ଆଶ୍ରମ ପର୍ଯ୍ୟନ୍ତ ସଂଯୋଗ ହୋଇଥିବା ଚାରିଥାକିଆ ରାସ୍ତାର ଆଲୋକୀକରଣ ପାଇଁ ପୂର୍ତ୍ତ ବିଭାଗ ଆମକୁ ଅର୍ଥ ଦେଇନାହିଁ । ତେଣୁ ସେହି କାମ ଏ ପର୍ଯ୍ୟନ୍ତ ହୋଇପାରିନାହିଁ । ତେବେ କେନାଲ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ଥିବାବେଳେ ବିଭାଗ ପକ୍ଷରୁ ଏହି ରାସ୍ତାର ଆଲୋକୀକରଣ ପାଇଁ କୌଣସି ଅନୁଦାନ ବିଏମ୍‌ସିକୁ ଦିଆଯାଇନଥିବା ଜଣାଯାଇଛି । ତାହା ସତ୍ତ୍ୱେ ଅଯଥାରେ ଏହିଭଳି ଟଙ୍କା ବ୍ୟୟ କରିବା ପଛରେ କାହାର ହାତ ଅଛି, ତାହା ସନ୍ଦେହ ପରିସରଭୁକ୍ତ। ଏହା ନଗର ଉନ୍ନୟନ ବିଭାଗ ଦ୍ୱାରା ତଦନ୍ତ କରାଯାଉ ବୋଲି ସାଧରଣରେ ଦାବି ହୋଇଛି।

## ଭଣଜାର ଗୁଳି ମାଡ଼ରେ ମାଈଁ ଗୁରୁତର

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମରେ ପୁଣି ଫୁଟିଲା ଗୁଳି । କୋଦଳା ଥାନା ଅନ୍ତର୍ଗତ ରାମପଲ୍ଲୀ ଗାଁରେ ଜଣେ ମହିଳାଙ୍କୁ ଗୁଳି ମାଡ ହୋଇଛି। ଗୁଳି ମାଡର ଶିକାର ହୋଇଥିବା ମହିଳା ଜଣକ ହେଲେ ୪୦ ବର୍ଷୀୟ ଭାବିନୀ ରାଉତ । ଭାବିନୀଙ୍କ ସମ୍ପର୍କୀୟ ଭଣଜା ସୁରେଶ ପ୍ରଧାନ ଗୁଳି କରିଛନ୍ତି । ସୂଚନା ଅନୁସାରେ ଭଣଜା ସୁରେଶ ସୁଶାନ୍ତ ରାଉତ ଟାର୍ଗେଟ୍ କରିଥିଲେ । ତେବେ ସାମ୍ନାକୁ ଆସିଯାଇଥିଲେ ସୁରେଶଙ୍କ ସ୍ତ୍ରୀ ଭାବିନୀ । ଭବାନୀଙ୍କୁ ଗୁରୁତର ଅବସ୍ଥାରେ ଗତ ବିଳମ୍ବିତ ରାତିରେ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ ପରେ ବ୍ରହ୍ମପୁର ବଡ଼ ମେଡ଼ିକାଲ୍‌କୁ ସ୍ଥାନାନ୍ତରିତ କରାଯାଇଛି। ସେପଟେ ଖବରପାଇ କୋଦଳା ପୋଲିସ ଗତ ରାତିରୁ ଅଭିଯୁକ୍ତଙ୍କୁ ଧରିବାକୁ ଛାନଭିନ୍ ଆରମ୍ଭ କରିଛି ।



## ବରଅଠା-କୁଆଁପାଳ ରାସ୍ତାର ଉନ୍ନତୀକରଣ ଶିଳାନ୍ୟାସ କଲେ ମନ୍ତ୍ରୀ

**ମାହାଙ୍ଗା, ନ୍ୟୁଜ୍**

ମାହାଙ୍ଗା ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀକୁ ସଂଯୋଗ କରୁଥିବା ବରଅଠା କୁଆଁପାଳ ସଡ଼କର ନବୀକରଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଶିଳାନ୍ୟାସ କରିଛନ୍ତି । ୬ କୋଟି ପଚାଶ ଲକ୍ଷ ଟଙ୍କା ଅନୁଦାନରେ ୭ କିଲୋମିଟର ବ୍ୟାପୀ ଏହି ରାସ୍ତା ନିର୍ମାଣ ହେଲେ ବିରୂପା ଗେଙ୍ଗୁଟି ଦ୍ୱିପାଞ୍ଚଳର ହଜାର ହଜାର ସାଧାରଣ ଲୋକେ ଉପକୃତ ହୋଇପାରିବେ । ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ । ଶିଳାନ୍ୟାସ ଉତ୍ସବରେ ସାମ୍ବାଦିକ ଅତିଥିଭାବେ ଅଖିଳେଶ ପଦ ମହାନ୍ତି, ନିରଞ୍ଜନ ମୁଦୁଲି, କୁହୁଣ୍ଡା ପଞ୍ଚାୟତ ସମିତି ସଭ୍ୟା ସୁପ୍ରଭା ସାମଲ, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥି, ସମିତି ସଭ୍ୟ ସୁରେନ୍ଦ୍ର ମହାନ୍ତି, ମନୋରଞ୍ଜନ ବିଶ୍ୱାଳ, ପନ୍ନଗ ଭୂଷଣ ଦାସ, ସମିତି ସଭ୍ୟ ଧ୍ରୁବ ଚରଣ ସାମଲ ପ୍ରମୁଖ ଯୋଗଦେଇଥିଲେ ଓ ଏହି ଅବସରରେ ବିରୂପା ସେତୁ ଠାରୁ କଲ୍ୟାଣପୁର ଗାନ୍ଧୀ ଛକ ପର୍ଯ୍ୟନ୍ତ ଶତାଧିକ କର୍ମୀ ବାଇକ୍ ଶୋଭାଯାତ୍ରାରେ ଆସି କଲ୍ୟାଣପୁର ଶିଳାନ୍ୟାସ ସ୍ଥଳୀରେ ପହଞ୍ଚିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲକ୍ଷ୍ମୀଧର ବେହେରା, ରବୀନ୍ଦ୍ର ପୃଷ୍ଟି, ରତିକାନ୍ତ ପୃଷ୍ଟି, ରାମଚନ୍ଦ୍ର ମହାପାତ୍ର, ଜଗନ୍ନାଥ ପଣ୍ଡା, ସୂର୍ଯ୍ୟମଣି ଧଳ, ପ୍ରଭାତ କୁମାର ଘଡ଼ାଇ, କ୍ଷୀରୋଦ ଦାସ, ପ୍ରସନ୍ନ ପରିଡ଼ା, ପ୍ରକାଶ ବେହେରା, କେଦାରଶ୍ୱର ପୁହାଣ, ଘନଶ୍ୟାମ ବେହେରା, ଅବଦୁଲ ହମିଦ, ସୁଶାନ୍ତ ଦାସ, ସନ୍ତୋଷ ଜେନା, ରାକେଶ ବେହେରା, ଜୟଦେବ ମହାନ୍ତି ରାଜେଶ ବେହେରାଙ୍କ ସମେତ ଶତାଧିକ ଜନସାଧାରଣମାନେ ଉପସ୍ଥିତ ଥିଲେ ଓ ଏହି ସଡ଼କ ନିର୍ମାଣ ହେଲେ କୁହୁଣ୍ଡା, କୁଣ୍ଡି, ମଧୁପୁର, ମୂଳବସନ୍ତ, ବାସୁଦେବପୁର, କୋଳିଅଠା ଆଦି ବିଭିନ୍ନ ଗ୍ରାମ ପଞ୍ଚାୟତର ହଜାର ହଜାର ଜନସାଧାରଣ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ନାୟକ ମତପୋଷଣ କରିଥିଲେ ।

## ମୋବାଇଲ୍‌ରେ ଫ୍ରି ଫାୟାର ଗେମ୍ ଖେଳିବାକୁ ମାଆ ବାରଣ କରିବାରୁ ଯୁବକଙ୍କ ଆତ୍ମହତ୍ୟା

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମୋବାଇଲ୍‌ରେ ଫ୍ରି ଫାୟାର ଗେମ୍ ଖେଳିବାକୁ ବାରଣ କଲେ ମାଆ । ଗଛରେ ରଶି ଲଗାଇ ଝୁଲି ପଡ଼ିଲେ ଯୁବକ। ମୃତ ଯୁବକ ଜଣକ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ପଡିଆ ପଞ୍ଚାୟତ କୀର୍ତ୍ତନିଆ ଗାଁର ପୂର୍ଣ୍ଣଚନ୍ଦ୍ର ମିର୍ଧାଙ୍କ ପୁଅ ଆନନ୍ଦ (୨୦) ବୋଲି ଜଣାପଡ଼ିଛି । ଏହି ଖବର ସମଗ୍ର ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ସୂଚନା ମୁତାବକ, ବୁଧବାର ସନ୍ଧ୍ୟାରେ ଆନନ୍ଦ ଘରେ ବସି ମୋବାଇଲ୍‌ରେ ଫ୍ରି ଫାୟାର ଗେମ୍ ଖେଳୁଥିଲେ। ଏହା ଦେଖି ମାଆ ସବିତା ଅଧିକ ସମୟ ମୋବାଇଲ୍‌ରେ ଖେଳିବାକୁ ବାରଣ କରିବା ସହ ମୋବାଇଲ୍ ଛଡାଇ ନେଇଥିଲେ । ଏତିକିରେ ପୁଅ ଭୁଲ୍ ନିଷ୍ପତ୍ତି ନେଇ ଜୀବନ ହାରି ଦେଇଥିଲେ। ବହୁ ସମୟ ଖୋଜାଖୋଜି ପରେ ବିଳମ୍ବିତ ରାତିରେ ଘର ଆଗରେ ଥିବା ଏକ ବନି ଗଛରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକେ କହିଛନ୍ତି । ଗୁରୁବାର ମରଶରୀର ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇଛି । ଏନେଇ ଭୋଗରାଇ ଥାନାରେ ଏକ ମାମଲା ରୁଜୁ ହୋଇଛି ।

## ବରଗଡ଼ ବିକାଶ ମଞ୍ଚ ପକ୍ଷରୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବରଗଡ଼ ବିକାଶ ମଞ୍ଚ ତରଫରୁ ସଭାପତି ସର୍ଦ୍ଦାର ପ୍ରୀତମ ସିଂଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁଙ୍କ ସହିତ ସାକ୍ଷାତ କରି ସହରରେ ବୁଲା ଗୋରୁଗାଈ ଓ ବୁଲାକୁକୁର ସମସ୍ୟା ତଥା ସହରର ଥାନା ଛକ ପାଖ ମୁଖ୍ୟ ରାସ୍ତାକୁ ଅବରୋଧ କରି ପନିପରିବା ବିକ୍ରି କରୁଥିବା ଦୋକାନୀମାନଙ୍କ ରାସ୍ତା ସମସ୍ୟା ଦୂର କରି ଅନ୍ୟ ସ୍ଥାନକୁ ଥଇଥାନ କରିବା ସହ ତାଙ୍କ ପାଇଁ ବିଭିନ୍ନ ଭେଣ୍ଡିଙ୍ଗ ଜୋନ୍ ନିର୍ମାଣ କରି ତାଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା ବିଷୟରେ ଆଲୋଚନା ଚର୍ଚ୍ଚା ହେଲା। ଶ୍ରୀ ସାହୁ ଉକ୍ତ ସମସ୍ୟାକୁ ଶୁଣି ଏହାର ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ଉକ୍ତ ଚର୍ଚ୍ଚା ସମୟରେ ପ୍ରମୁଖ ସଦସ୍ୟ ମନୋରଞ୍ଜନ ପୂଜାରୀ, ରାମକୃଷ୍ଣ ମେହେର, ତୁଳସୀ ଚରଣ ଦାଶ, ଗୋବିନ୍ଦ ଦାଶ, ଆଶୁତୋଷ ରଥ, ନବକୃଷ୍ଣ ମିଶ୍ର ଓ ଅଶୋକ ମହାପାତ୍ର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ପୁଣି କରୋନା ଆରମ୍ଭ ଯୋଗୁଁ ଅଧାରେ ଅଟକିଲା ଶଙ୍କରଙ୍କ ସାଇକେଲରେ ଚାରିଧାମ ଯାତ୍ରା



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ଅଞ୍ଚଳର ଶଙ୍କରଙ୍କ ସାଇକେଲରେ ଚାରିଧାମ ଯାତ୍ରା ଅଧାରୁ ଅଟକିଛି। ସେ ବୁଧବାର ହରିୟାଣାର ସଫଲା ଠାରୁ ନିଜ ଯାତ୍ରାକୁ ବନ୍ଦ କରିଛନ୍ତି। ଘରୁ ବାହାରିବାର ୫୯ ଦିନରେ ତାଙ୍କ ଯାତ୍ରା ବନ୍ଦ ହୋଇଯାଇଛି। ସେ ଆଗକୁ ଯାତ୍ରାରେ ଯିବା ପାଇଁ ସେଠାକାର ପୋଲିସ ବାରଣ କରିବା ସହ ନିଜ ଘରକୁ ଫେରିବାକୁ ପରାମର୍ଶ ଦେଇଥିଲା। ପ୍ରକାଶ ଯେ, ବର୍ତ୍ତମାନ ଦେଶକୁ ପୁଣି କରୋନା ଭୂତାଣୁ ଫେରିଛି। ଭୟ ଦେଖାଉଛି କରୋନା ଏଭଳି କ୍ଷେତ୍ରରେ ଶଙ୍କରଙ୍କ ସାଇକେଲରେ ଚାରିଧାମ ଯାତ୍ରା ସୁରକ୍ଷିତ ନଥିବା ହରିୟାଣା ପୋଲିସ ଶଙ୍କରଙ୍କୁ ବୁଝାଇଥିଲା। ସେ ପୋଲିସ ପ୍ରଶାସନର ଏଭଳି ପରାମର୍ଶକୁ ଗ୍ରହଣ କରି ଗାଁକୁ ଫେରିବାକୁ ନିଷ୍ପତ୍ତି ନେବା ସହ ସେ ଟ୍ରେନ୍‌ରେ ଦିଲ୍ଲୀ ଫେରିଥିଲେ। ସେଠାରୁ ସେ ନିଜ ଗାଁକୁ ଫେରୁଛନ୍ତି। ତାଙ୍କର ଏହି ଯାତ୍ରା ଅଧାରୁ ଅଟକି ଥିବାରୁ ସେ ଭାଙ୍ଗି ପଡ଼ିଛନ୍ତି। ସେ ଦୁଃଖ ପ୍ରକାଶ କରିବା ସହ ପୁଣି ଏହି ଯାତ୍ରା ଆଗକୁ ନିଶ୍ଚିତ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଶଙ୍କର ଦାରିଙ୍ଗବାଡ଼ିରୁ ଏହି ଯାତ୍ରା ମାର୍ଚ୍ଚ ୨୪ରୁ ଆରମ୍ଭ କରିଥିଲେ। ସେ ସାଇକେଲ ଯାତ୍ରାରେ ବାହାରି ପଶ୍ଚିମ ଓଡ଼ିଶାର ବିଭିନ୍ନ ମନ୍ଦିର ଦର୍ଶନ କରି ପ୍ରଥମେ ଉତ୍ତରପ୍ରଦେଶର କାଶୀ ବିଶ୍ୱନାଥ, ଅଯୋଧ୍ୟା, ଧରିଦେବୀ, ଗଙ୍ଗା ଦର୍ଶନ, କେଦାରନାଥ ଓ ବଦ୍ରୀନାଥ ଦର୍ଶନ ସାରିଥିଲେ। ସେଠାରୁ ସେ ହରିଦ୍ୱାର ହୋଇ ହରିୟାଣାରେ ପହଞ୍ଚିଥିଲେ। ସେଠାରୁ ସେ ଗୁଜରାଟର ଦ୍ୱାରିକା ଦର୍ଶନ କରି ସେ ତାମିଲନାଡ଼ୁର ରାମେଶ୍ୱରମ ଓ ପରେ ଓଡ଼ିଶା ଫେରି ପୁରୀ ଦର୍ଶନ କରି ନିଜ ଚାରିଧାମ ଯାତ୍ରାକୁ ସମ୍ପୂର୍ଣ୍ଣ କରିଥାନ୍ତେ ବୋଲି କହିଛନ୍ତି।

## +୨ ବିଜ୍ଞାନ ଓ କଳା ବିଭାଗରେ ସାଇ ବିଦ୍ୟା ମନ୍ଦିରର ଐତିହାସିକ ସଫଳତା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଅନୁଷ୍ଠିତ ଚଳିତବର୍ଷ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଜ୍ଞାନ ଓ କଳା ବିଭାଗରେ ମୟୂରଭଞ୍ଜର କିମ୍ବଦନ୍ତୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ସଫଳତାର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି । ବିଜ୍ଞାନ ବିଭାଗରେ ମୋଟ୍ ୨୨୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଦେବରାଜ ସିଂ ସର୍ବାଧିକ ୫୭୧ ନମ୍ବର ରଖି ଅନୁଷ୍ଠାନର ବିଜୟ ଧାରାକୁ ଅବ୍ୟାହତ ରଖିଛନ୍ତି । ସେହିପରି ସାଇଜ୍ୟୋତି ମହାନ୍ତି ୫୭୦, ପୂର୍ବବିଶ୍ୱ ଦାସ ୫୬୮, ଶୁଭମ୍ ମହାନ୍ତି ୫୬୨, ରାଜଦୀପ୍ ସେଠୀ ୫୫୬, ସ୍ମୃତିରେଖା ଦାସ ୫୫୫, ସୌରଭ୍ କୁମାର ମହାନ୍ତ ୫୫୪, ପ୍ରିୟଙ୍କା ପ୍ରିୟଦର୍ଶିନୀ କଣ୍ଡେଲକଲ୍ ୫୫୪, ଚିନ୍ମୟ କୁମାର ସି ୫୫୧, ଓମ୍ ପ୍ରକାଶ ନାୟକ ୫୫୧, ଇତିଶ୍ରୀ ସାହୁ ୫୪୯, ସମୀକ୍ଷା ମହାନ୍ତି ୫୪୭, ସତ୍ୟଜିତ୍ ମହାପାତ୍ର ୫୪୭, ଅମିତ ମହାରଣା ୫୪୫,



ସୁବଳ କୁମାର ମହାନ୍ତ ୫୪୫, ଓମ୍ ପ୍ରକାଶ ମହାନ୍ତ ୫୪୩, ରିତୁପୂର୍ଣ୍ଣା ମହାନ୍ତ ୫୪୨, ରବିନାରାୟଣ ପଣ୍ଡା ୫୪୧, ଦେବସ୍ମିତା ମାଈଁ ୫୪୧, ସାଇ ଅନ୍ୱେଷା ଜେନା ୫୪୧, ଭବତ୍ରାଣ ବେହେରା ୫୪୦, ପ୍ରୀତିପର୍ଣ୍ଣା ସାହୁ ୫୪୦ ନମ୍ବର ରଖି ଅନୁଷ୍ଠାନ ପାଇଁ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ୫୦୦ ନମ୍ବରରୁ ଅଧିକ ୬୨ ଜଣ ତଥା ୭୦ ପ୍ରତିଶତରୁ ଅଧିକ ୨୧୪ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି କଳା ବିଭାଗରେ ମୋଟ ୭୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଦେବଜ୍ୟୋତି ମଙ୍ଗରାଜ ସର୍ବାଧିକ ୫୬୨ ନମ୍ବର ରଖି ସମଗ୍ର ମୟୂରଭଞ୍ଜରେ ପ୍ରଥମ ସ୍ଥାନର ଅଧିକାରିଣୀ ହୋଇଛନ୍ତି । ସ୍ମୃତିସ୍ୱରୂପା ମହାକୁଡ ୫୫୧, ପ୍ରେରଣା ସିଂ ୫୪୭, ଶୁଭଶ୍ରୀ ମୁର୍ମୁ ୫୪୬, ଭାବନା ମହାନ୍ତ ୫୪୫, ରାଜେଶ କୁମାର ସାହୁ ୫୪୪ ଓ ସୋନାଲି ବେହେରା ୫୪୩ ନମ୍ବର ରଖି ଅନୁଷ୍ଠାନ ପାଇଁ ଗର୍ବ ଓ ଗୌରବର ନୂତନ ପୃଷ୍ଠା ଯୋଡ଼ିଛନ୍ତି । ୫୦୦ ମାର୍କରୁ ଅଧିକ ୨୫ ଜଣ ଏବଂ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ୬ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରକାଶ ଥାଉକି MPC COLLEGE CENTERରେ ସାଇ ବିଦ୍ୟା ମନ୍ଦିର ବିଜ୍ଞାନ ଏବଂ କଳା ବିଭାଗର ସମସ୍ତ ଛାତ୍ର ଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣକରି ଏହି ସଫଳତାର ଶୀର୍ଷ ସ୍ଥାନରେ ପହଞ୍ଚି ପାରିଛନ୍ତି । ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ସାଇ ବିଦ୍ୟା ମନ୍ଦିର ଅଧୁନା କୈଳାଶ ଚନ୍ଦ୍ରପୁର କାଠପାଳ ଠାରେ ନୂତନ ରୂପରେ ବିରାଜମାନ । ଏଠାକାର ଶାନ୍ତ ଓ ମନୋମୁଗ୍ଧକର ପରିବେଶ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ଚେତନାର ବିକାଶରେ ସହାୟକ ହୁଏ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଉଛି । ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରକାନ୍ତ ରାଉତ, ମୁଖ୍ୟ ପରିଚାଳକ ଦେବାଶିଷ ମୁଦୁଲି, ଅଧ୍ୟକ୍ଷ ଅକ୍ଷୟ ଖୁଲାର, ସିଇଓ ପ୍ରତିଚୀ ରଞ୍ଜନ ରାଉତ ଏବଂ ଅଧ୍ୟାପକ ଅଧ୍ୟାପିକା ମାନେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ମାନଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଅନୁଷ୍ଠାନର ନିର୍ମାତା, ନିର୍ଦ୍ଦେଶକ ଡ. ପ୍ରଭଞ୍ଜନ ରାଉତ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଶୁଭାଶୀର୍ବାଦ ପ୍ରଦାନ ପୂର୍ବକ ସେମାନଙ୍କ ଉଜ୍ଜଳ ତଥା ନିରାମୟ ଜୀବନ କାମନା କରିଛନ୍ତି ।

## ରାସ୍ତା ଅବସ୍ଥା ଶୋଚନୀୟ:ଖଟିଆରେ ବୁହାହେଲେ ରୋଗୀ

**ମୟୂରଭଞ୍ଜ, ନ୍ୟୁଜ୍ ବ୍ୟୁରୋ**

କଚ୍ଚା ରାସ୍ତାରେ ଗାଁରେ ପହଞ୍ଚି ପାରିଲାନାହିଁ ଆମ୍ବୁଲାନ୍ସ । ଲୋକମାନଙ୍କ ସହାୟତାରେ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ଆସିଲେ ରୋଗୀ। ଏଭଳି ଘଟଣା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲା ସାରସକଣା ବ୍ଲକ ପଞ୍ଚମତଳିଆ ଗାଁରେ । ବିଡିଓ ଏବଂ ଠିକାଦାରଙ୍କ ପାଇଁ ହନ୍ତସନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ ହୋଇଛି । ମନରେଗାରେ ଅଧା କାମ କରି କେବଳ ମାଟି ପକାଇ ଟଙ୍କା ହରିଲୁଟ୍ । ପଞ୍ଚମତଳିଆ ଗାଁକୁ



ସଂଯୋଗ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ମନରେଗା ଯୋଜନାରେ ତରବରିଆ ଭାବେ ମାଟି ପକାଇ କଚ୍ଚା ରାସ୍ତା ନିର୍ମାଣ କରି ରାସ୍ତା କାମ ସାରିଦେଲେ ଠିକାଦାର । କାଳ ବୈଶାଖୀ ବର୍ଷାରେ କଚ୍ଚା ରାସ୍ତାରେ ଯିବା କଷ୍ଟକର ହୋଇପଡୁଛି । କେବଳ ମାଟି ପକାଇବାକୁ ଗ୍ରାମବାସୀ ବାରଣ କରିଥିଲେ ମଧ୍ୟ ବିଡିଓ ଏବଂ ଠିକାଦାର କର୍ଣ୍ଣପାତ କରିନଥିଲେ । ରାସ୍ତାରେ ବାଇକ୍ କିମ୍ବା ଆମ୍ବୁଲାନ୍ସଟିଏ ଗାଁ ମଧ୍ୟକୁ ଯିବା ଏବେ ସମ୍ଭବ ହେଉନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗାଁର ଜଣେ ବ୍ୟକ୍ତିର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଆମ୍ବୁଲାନ୍ସକୁ ଡକାଯାଇଥିଲା। କିନ୍ତୁ ରାସ୍ତାଟି ବିପର୍ଯ୍ୟୟ ଅବସ୍ଥାରେ ଥିବାରୁ ଗାଁକୁ ପଶିପରିଲାନି ଆମ୍ବୁଲାନ୍ସ। ଶେଷରେ ଲୋକମାନଙ୍କ ସହାୟତାରେ ଖଟିଆରେ ବୁହା ହୋଇ ଆମ୍ବୁଲାନ୍ସ ନିକଟକୁ ଆସିଥିଲା ରୋଗୀ।



## ଯୁକ୍ତ୨ ପରୀକ୍ଷାରେ ମହର୍ଷି ଗୁରୁକୂଳ ବିଦ୍ୟାଳୟର ଉଲ୍ଲେଖନୀୟ ସଫଳତା

**ଗୁଣୁପୁର, ନ୍ୟୁଜ୍ ବ୍ୟୁରୋ**

ପ୍ରକାଶିତ ଯୁକ୍ତ ୨ ବାଣିଜ୍ୟ ଫଳାଫଳରେ ମହର୍ଷି ଗୁରୁକୂଳର ଛାତ୍ର ବି .ଅରବିନ୍ଦ ୫୫୪ /୬୦୦ (୯୨.୩୩%) ନମ୍ବର ରଖି ଅବିଭକ୍ତ କୋରାପୁଟ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବାଣିଜ୍ୟରେ ୧୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ସେଥିମଧ୍ୟରୁ ୧୧ ଜଣ ପ୍ରଥମ ଶ୍ରେଣୀରେ ଓ ୭ ଜଣ ଦ୍ୱିତୀୟ ଶ୍ରେଣୀରେ ପାସ୍ ହେଇଛନ୍ତି। ସେହିପରି ବିଜ୍ଞାନ ଫଳାଫଳରେ ମହର୍ଷି ଗୁରୁକୂଳର ଛାତ୍ରଛାତ୍ରୀମାନେ ପୂର୍ବ ବର୍ଷ ପରି ସଫଳତା ଦୋହରାଇଛନ୍ତି। ଅନୁଷ୍ଠାନରୁ ଜିଲ୍ଲାରେ ତିନି ଜଣ ଛାତ୍ରଛାତ୍ରୀ ୯୦%ରୁ ଅଧିକ ନମ୍ବର ରଖି ଜିଲ୍ଲାରେ ଅନୁଷ୍ଠାନର ଟେକ ବଜାୟ ରଖିଛନ୍ତି । ସେଥିମଧ୍ୟରୁ ରାହୁଲ ନାୟକ ୫୫୪ (୯୨.୩୩%), ଦେବାଶିଷ ଦାସ ୫୪୮ (୯୧.୩୩%), ପ୍ରଜ୍ଞା ପରମିତା ମାରଥା ୫୪୩ (୯୦.୫୦%) ରଖି ଅନୁଷ୍ଠାନର ଗୌରବକୁ ଶୀର୍ଷ ସ୍ଥାନରେ ପହଞ୍ଚେଇଛନ୍ତି । ସେହିପରି ଅନୁଷ୍ଠାନରୁ ୨୮ ଜଣ ଛାତ୍ରଛାତ୍ରୀ ୫୦୦ ମାର୍କରୁ ଅଧିକ ଏବଂ ୪୩ ଜଣ ଛାତ୍ରଛାତ୍ରୀ ୮୦%ରୁ ଅଧିକ ରଖିଛନ୍ତି । ବିଜ୍ଞାନରେ ୨୫୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୧୭୫ ଜଣ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଛନ୍ତି, ୬୬ ଜଣ ଦ୍ୱିତୀୟ ଶ୍ରେଣୀରେ, ୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେଇଛନ୍ତି । ରାୟଗଡା ଜିଲ୍ଲାରେ ସର୍ବମୋଟ୍ ୬ ଛାତ୍ର ଛାତ୍ରୀ ୯୦% ହୋଇଥିଲା ବେଳେ ୩ ଜଣ ଛାତ୍ରଛାତ୍ରୀ ମହର୍ଷି ଗୁରୁକୂଳର। ଛାତ୍ରଛାତ୍ରୀଙ୍କ ଏହି କୃତିତ୍ୱ ପାଇଁ ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୁରୁ, ସମ୍ପାଦକ ରାଜେଶ କୁମାର ପଣ୍ଡା, ନିର୍ଦ୍ଦେଶକ ଲୋକନାଥ ମିଶ୍ର, ଡିନ ପ୍ରିୟବ୍ରତ ବିଷୋୟୀ, ପ୍ରିନ୍ସପାଲ ରାମ ରଥ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ବୌଦ୍ଧ ଜିଲ୍ଲା ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଜିଲ୍ଲାପାଳଙ୍କ ସଦ୍ଭାବନା ଗୃହରେ ବୌଦ୍ଧ ଜିଲ୍ଲାର ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷା ୨୦୨୫ରେ ଏ-୧ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଏବଂ ଶତପ୍ରତିଶତ ପାସ୍ କରିଥିବା ବିଦ୍ୟାଳୟର ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସମାରୋହ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଉପସ୍ଥିତ ହୋଇ ୫ଟି ନ, ୫ଟି ମ, ଅ ଓ ଆସ୍କକୁ ନେଇ ଭାବଗର୍ଭକ ଉପଦେଶ ଦେଇଥିଲେ । ଶିକ୍ଷାର୍ଥୀଙ୍କୁ ଜଣେ ଉତ୍ତମ ମଣିଷ ହେବା ସହ ନିଜର ପ୍ରଜ୍ଞାକୁ ଉଜ୍ଜୀବିତ କରିବାକୁ ଆହ୍ୱାନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବୌଦ୍ଧ ପ୍ରଭାସଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲ୍ଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟନାରାୟଣ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାରସିଂହ, ଅତିରିକ୍ତ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ, ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ଉପସ୍ଥିତ ରହି ପିଲାଙ୍କ ସୁନ୍ଦର ଭବିଷ୍ୟତ ଗଢିବା ପାଇଁ ପରାମର୍ଶ ଦେଇଥିଲେ । ପରେ ପରେ ଏ-୧ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିବା ଜିଲ୍ଲାର ୬ଜଣ ତାରକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୌଦ୍ଧର ସ୍ୱୟଂ ସୂର୍ଯ୍ୟମ ଶାସିନୀ ଓ ଶାଶ୍ୱତ ଶେଖର ଶତପଥୀ, ପୁରୁଣାକଟକ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ସିଦ୍ଧି ପ୍ରିୟଦର୍ଶିନୀ ମହାରଣା ଓ ସ୍ନିଗ୍ଧାଛାୟା ପ୍ରଧାନ, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ବାଉଁଶୁଣୀର ଛାତ୍ରୀ ପ୍ରୀତି ପ୍ରିୟଦର୍ଶିନୀ ପାଣ୍ଡେ, ପଞ୍ଚାୟତ ହାଇସ୍କୁଲ, ସଂଗ୍ରାମପୁରର ଛାତ୍ର ଦୀପଲୁ ମେହେରଙ୍କୁ ପ୍ରଶଂସା ପତ୍ର, ଉପଢୌକନ ଏବଂ ଗଛଟିଏ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏଥିସହ



ଜିଲ୍ଲାରେ ଶତ ପ୍ରତିଶତ ପାସ୍ କରିଥିବା ୧୯ ଗୋଟି ବିଦ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୌଦ୍ଧ ଓ ପୁରୁଣାକଟକ, ସରକାରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟ, ବାଉଁଶୁଣୀ, ପଞ୍ଚାୟତ ହାଇସ୍କୁଲ, ସଂଗ୍ରାମପୁର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ, ମା ପୀତାବଳି ହାଇସ୍କୁଲ, ମର୍ଯ୍ୟାକୁଦ, ପଞ୍ଚାୟତ ହାଇସ୍କୁଲ, ମନୁପାଲି, ଜାନକୀ ଭିକାରି ହାଇସ୍କୁଲ, ମାଉଳସିଙ୍ଗା, ସରକାରୀ ନୋଡାଲ ହାଇସ୍କୁଲ, ହରଭଙ୍ଗା, ଗ୍ରାମ ପଞ୍ଚାୟତ ହାଇସ୍କୁଲ ସଂକୁଲେଇ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, (ଏସ୍‌ଏସ୍‌ଡି), ବଡ଼ବନ୍ଧ, ଜନତା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆମ୍ବଗାଁ, ଗୁଡଭେଲିପଦର ହାଇସ୍କୁଲ, ସରକାରୀ ଉଚ୍ଚ ବିଦ୍ୟାଳୟ ବରଗାଁ, ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଉମା, ଦମାମୁଣ୍ଡା ହାଇସ୍କୁଲ, ଗବଜୋର ହାଇସ୍କୁଲ, ଖୁଣ୍ଟିଗୋରା ହାଇସ୍କୁଲ, ମାଆ ହାଇସ୍କୁଲ, ହାତୀପାଲିର ପ୍ରଧାନ ଶିକ୍ଷକଙ୍କୁ ପ୍ରଶଂସାପତ୍ର, ଉତ୍ତରୀୟ ଏବଂ ଗଛଟିଏ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ମାଆ ପାଇଁ ଗଛଟିଏ ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କ ନୂତନ ପଦକ୍ଷେପ ଯୋଗୁଁ ଅତିଥି, ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ଏବଂ ପ୍ରଧାନ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ଫୁଲତୋଡ଼ା ପରିବର୍ତ୍ତେ ଗଛଟିଏ ଦିଆଯାଇଥିଲା । ଫଳରେ ସମ୍ବର୍ଦ୍ଧନା ସଭାଟି ଛୋଟ ଛୋଟ ଚକ୍ଷରମୟ ଏବଂ ସବୁଜ ସୁନ୍ଦର ଦେଖାଯାଉଥିଲା । ପରେ ଅମ୍ବଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶୁକଦେବ ପଣ୍ଡା ଓ ଶିଶୁମନ୍ଦିର ବୌଦ୍ଧର ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଭଲ ପରୀକ୍ଷା ଫଳ ପାଇଁ ବିଦ୍ୟାଳୟ ପକ୍ଷରୁ ନେଇଥିବା ପଦକ୍ଷେପ ଓ ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ । ଶିକ୍ଷକ ନବ କିଶୋର ଦୀପ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଛାତ୍ର ସାଇ ଶ୍ରେୟାଂଶୁ ସାହୁ ସ୍ୱାଗତ ସଂଗୀତ ପରିବେଷଣ କରିବା ସହ ବୌଦ୍ଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉପେନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗ କର୍ମଚାରୀଙ୍କ ଦେହାନ୍ତ



**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଯାଜପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ କର୍ମଚାରୀ ବାରୁଣୀ ସେଠୀଙ୍କ ରାତ୍ର ୧୦ ଘଟିକା ସମୟରେ ୬୮ ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ଯକୃତ ରୋଗରେ ଆକ୍ରାନ୍ତ ହୋଇ ଦୀର୍ଘ ୧ ମାସ ହେବ ଏମ୍ସ ମେଡିକାଲରେ ଚିକିତ୍ସାଧୀନ ଥିଲେ। ସ୍ୱର୍ଗତ ବାରୁଣୀ ସେଠୀ କର୍ତ୍ତବ୍ୟନିଷ୍ଠ, କର୍ତ୍ତବ୍ୟ ପରାୟଣ, ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ତାଙ୍କର ଅନ୍ତେଷ୍ଟିକ୍ରିୟା ବାରୁଣୀ ମହା ଶ୍ମଶାନ ଠାରେ ସମ୍ପନ୍ନ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ଓ ୪ ଜଣ ଝିଅ ଜ୍ୱାଇଁ ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁ ଖବରପାଇ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଏକ ଶୋକସଭା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ଶୋକସଭାରେ ସତ୍ୟଜିତ ନାୟକ, ହରପ୍ରିୟା ସାହୁ, ରତିକାନ୍ତ ମହାନ୍ତି, ଅଜିତ୍ କୁମାର ବେହେରା, ସାଗର କୁମାର ନାୟକ, ପ୍ରିତିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରଥ ମରାମତି ପାଇଁ କାଠ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲା ମନ୍ଦିର କମିଟି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ସହର ବୁଢ଼ୁପାଲି ବିରାଜିତ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ରଥ ମରାମତି ସକାଶେ ଆବଶ୍ୟକ କାଠ ଯୋଗାଇଦେବାକୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛି ମନ୍ଦିର ପରିଚାଳନା କମିଟି । ବୁଢୁପାଲି ଠାରେ ଶତାଧିକ ବର୍ଷ ହେଲା ରଥଯାତ୍ରା ଆୟୋଜିତ ହୋଇଆସୁଥିବା ବେଳେ ଦିନକୁ ଦିନ କାଠ ରଥଟି ବିପଦ ସଂକୁଳ ଅବସ୍ଥାରେ ରହିଛି । ରଥର ମରାମତି ପାଇଁ କାଠ ଅଭାବ ଓ କଟକଣା ହେତୁ ଆବଶ୍ୟକ କାଠ ଯୋଗାଇଦେବାକୁ



ବନ ବିଭାଗକୁ ନିର୍ଦ୍ଦେଶ ଦେବାକୁ ମନ୍ଦିର ପରିଚାଳନା କମିଟି ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ବରିଷ୍ଠ ବିଭାଗୀୟ ଅଧିକାରୀ ଭିକାରୀ ଚରଣ ଝାଙ୍କରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

## କ୍ୟାଟ୍ ପରୀକ୍ଷାରେ ୯୮% ନମ୍ବର ରଖି କେନ୍ଦୁଝରର ସୁନାମ ଆଣିଲେ ନିକିତା



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝରରେ ନିକିତା ପ୍ରିୟଦର୍ଶିନୀ ଚଳିତ ଶିକ୍ଷାବର୍ଷରେ କ୍ୟାଟ୍ ପରୀକ୍ଷାରେ ୯୮ ପ୍ରତିଶତ ନମ୍ବର ରଖି କେନ୍ଦୁଝର ଜିଲ୍ଲା ପାଇଁ ସୁନାମ ଆଣିଛନ୍ତି। କେନ୍ଦୁଝରର କାଶିପୁର ଗ୍ରାମର ବଳରାମପୁର କଲୋନୀର ନୀଳମଣି ସାହୁଙ୍କର ସୁପୁତ୍ରୀ ନିକିତା ପ୍ରିୟଦର୍ଶିନୀ ତାଙ୍କର କଠିନ ଅଧ୍ୟବସାୟ ଓ ପ୍ରବଳ ଇଚ୍ଛାଶକ୍ତି ବଳରେ ଭାରତର ଶ୍ରେଷ୍ଠ ବିବେଚିତ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ IIM କଲିକତାରେ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପିଲାଟିବେଳୁ ସେ ଜଣେ ପରିଶ୍ରମି ଏବଂ ମେଧାବୀ ଛାତ୍ରୀ ଭାବେ ନିଜକୁ ପ୍ରତିଷ୍ଠିତ କରିଥିଲେ। କେନ୍ଦୁଝରର ନିର୍ମଳା କନ୍‌ଭେଣ୍ଟ ସ୍କୁଲରୁ ଶିକ୍ଷା ଆରମ୍ଭ କରି ସେ ଭୁବନେଶ୍ୱରରେ ନିଜର ଉଚ୍ଚ ଶିକ୍ଷା ଲାଭ କରିଥିଲେ। ପ୍ରତିଦିନ ସେ ୧୮ ଘଣ୍ଟା ପରିଶ୍ରମ କରି ପାଠ ପଢ଼ନ୍ତି ବୋଲି ତାଙ୍କର ପରିବାର ପକ୍ଷରୁ ଜଣାପଡିଛି। ତାଙ୍କର ଏହି ସଫଳତା ପାଇଁ କେନ୍ଦୁଝରେ ବାସୀ ବନ୍ଧୁବାନ୍ଧବଙ୍କୁ ନିକଟରୁ ସ୍ନେହ ଓ ଶୁଭେଚ୍ଛାର ଶୁଅ ଛୁଟିଛି। ସେ ନିଜକୁ ଭାରତର ଜଣେ ଶ୍ରେଷ୍ଠ ମ୍ୟାନେଜମେଣ୍ଟ ଅଧିକାରୀ ଭାବେ ପ୍ରତିଷ୍ଠିତ କରାଇ ଦେଶର ମାନ ବୃଦ୍ଧି କରିବେ ବୋଲି କହିଛନ୍ତି।

## ଦଳିତ ମହିଳାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ଏସ୍‌ସି, ଏସ୍‌ଟି, ଓବିସି ଓ ସଂଖ୍ୟାଲଘୁ ବିକାଶ ପରିଷଦ (ଓଡ଼ିଶା ପ୍ରଦେଶ) ତରଫରୁ ଏପ୍ରିଲ ୨୬ ତାରିଖ ତାଳଚେରରେ ୨୩ ବର୍ଷୀୟ ଦଳିତ ଯୁବତୀଙ୍କୁ ତାଳଚେର ରେଳ ଷ୍ଟେସନ୍ ପାଖରେ ଯୁବତୀଙ୍କୁ ଅପହରଣ କରି ଦୁଷ୍କର୍ମ ଓ ହତ୍ୟା କରିବା ପରେ ଏସିଡ୍ ପକାଇ ଶବକୁ ଜଳାଇ ଦେବାର ଜଘନ୍ୟ ନାରକୀୟ କାଣ୍ଡ ଘଟିଥିଲା। ଉକ୍ତ ଘଟଣାକୁ ପରିଷଦ ପକ୍ଷରୁ ନିନ୍ଦା କରିବା ସହିତ ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବାପାଇଁ ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର କେନ୍ଦ୍ରାପଡା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ପ୍ରଦାନ କରାଯାଇଛି । ମହମ୍ମଦ ଅମୀରଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ ସମୟରେ ନିରଞ୍ଜନ ନାୟକ, କୃଷ୍ଣଚନ୍ଦ୍ର ବେହେରା, ସେକ୍ ଅତିକୁର ରହମାନ, ରଶ୍ମିରଂଜନ ମହାପାତ୍ର ଆଦି ଉପସ୍ଥିତ ଥିଲେ ।



# ବସ୍ତିବାସିନ୍ଦାଙ୍କ ଜୀବନଶୈଳୀରେ ଉନ୍ନତି ଆଣିବେ ମୋହନ ସରକାର



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବସ୍ତି ବାସିନ୍ଦାଙ୍କ ଉନ୍ନତ ଜୀବନଶୈଳୀ ପାଇଁ ମୋହନ ସରକାର ଯୋଜନା ପ୍ରସ୍ତୁତ କରିଛନ୍ତି । ସେମାନଙ୍କୁ ବାସଗୃହ ସହ ସମସ୍ତ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି । ଓଡ଼ିଶାର ସହରାଞ୍ଚଳରେ ପ୍ରାୟ ୮୦ ଲକ୍ଷ ଲୋକ ରହୁଛନ୍ତି । ଏଥିରୁ ପ୍ରାୟ ୨୫ ପ୍ରତିଶତ ଲୋକ ବସ୍ତି ଅଞ୍ଚଳରେ ରହୁଛନ୍ତି । ସହରରେ ରହିଲେ ମଧ୍ୟ ଅଧିକାଂଶ ଲୋକଙ୍କ ପାଖରେ ଭଲ ଘର କିମ୍ବା ଅନ୍ୟାନ୍ୟ ମୌଳିକ ସୁବିଧା ନାହିଁ । ତେଣୁ ସେମାନେ ଯେପରି ଉନ୍ନତି ଜୀବନଶୈଳୀ ସହିତ ନିଜର ଜୀବିକା ନିର୍ବାହ କରିପାରିବେ, ସେ ସଂପର୍କରେ ଯୋଜନା ପ୍ରସ୍ତୁତ କରୁଛି ବିଜେପି ସରକାର । ଲୋକସେବା ଭବନରେ ଆୟୋଜିତ ଏକ ବୈଠକରେ ବସ୍ତିବାସିନ୍ଦାଙ୍କ ଉନ୍ନତ ଜୀବନଶୈଳୀର ବିକାଶ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ଯୋଜନା ଉପସ୍ଥାପନା କରିଥିଲେ । ଏଥିରେ ରାଜ୍ୟର ବସ୍ତିବାସିନ୍ଦାଙ୍କୁ ଘର ଯୋଗାଇଦେବା ପାଇଁ ଜମି ବ୍ୟାଙ୍କ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଘର ସହିତ ସଡ଼କ, ବିଜୁଳି, ପାଣି, ଅଙ୍ଗନବାଡ଼ି କେନ୍ଦ୍ର, ସ୍କୁଲ, ପାର୍କ, ଖୋଲାସ୍ଥାନ ଇତ୍ୟାଦି ସମସ୍ତ ମୌଳିକ ଓ ଅନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ବସ୍ତି ଅଞ୍ଚଳଗୁଡ଼ିକ ଯେପରି ଆଦର୍ଶ ଆବାସିକ ଅଞ୍ଚଳ ଭାବେ ଗଢ଼ି ଉଠିବ ଏବଂ ସହରର ନାଗରିକ ଭାବରେ ସେମାନେ ଯେପରି ସମ୍ମାନର ସହ ସମସ୍ତ ମୌଳିକ ସୁବିଧା ହାସଲ କରିପାରିବେ, ସେଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବୈଠକରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ବିଡିଏର ଉପାଧ୍ୟକ୍ଷ ଏନ୍. ଥିରୁମାଲା ନାୟକ ଓ ବିଏମ୍‌ସି କମିସନର ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୁଲାଇ ୧୫ରୁ ଆରମ୍ଭ ହେବ ଯୁକ୍ତ ୩ ପ୍ରଥମ ବର୍ଷ ପାଠପଢ଼ା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଜୁଲାଇ ୧୫ରୁ ଆରମ୍ଭ ହେବ ଯୁକ୍ତ ୩ ପ୍ରଥମ ବର୍ଷ ପାଠପଢ଼ା । ଦଶହରା ପୂର୍ବରୁ ସରିବ କ୍ୟାମ୍ପସ ନିର୍ବାଚନ । ସେଥିପାଇଁ ଆରମ୍ଭ ହୋଇଛି ଆଗୁଆ ଆବେଦନ । ମଙ୍ଗଳବାର ସୁଦ୍ଧା ୯୮ ହଜାର ଛାତ୍ର ଛାତ୍ରୀ କରିଛନ୍ତି ଆବେଦନ । ଏପ୍ରିଲ ୧୬ ତାରିଖରୁ ଆରମ୍ଭ ହୋଇଥିଲା ଯୁକ୍ତ ୩ ଆବେଦନ । ବିଜ୍ଞପ୍ତିରେ ସ୍ପଷ୍ଟ ହୋଇଥିଲା ଯେ ପର୍ଯ୍ୟନ୍ତ ଯୁକ୍ତ ୨ ରେଜଲ୍ଟ ବାହାରିନାହିଁ ସେ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲିବ । ପ୍ରଥମ ଥର ପାଇଁ ରେଜଲ୍ଟ ବାହାରିବା ପୂର୍ବରୁ ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଛି । କାରଣ ଗତବର୍ଷ ଆଡ୍‌ମିସନ୍ ପ୍ରକ୍ରିୟା ଶେଷ କରିବାକୁ ଡିସେମ୍ବର ହୋଇଯାଇଥିଲା । ତେଣୁ ଏଥର ଶୀଘ୍ର ନାମଲେଖା କରି ଜୁନ୍‌ରେ ସିଟ୍ ଆଲୋକେସନ୍ ସହ ଜୁଲାଇ ୧୫ରୁ କ୍ଲାସ୍ ଆରମ୍ଭ ହେବ । ତେଣୁ ଏଥର ଶୀଘ୍ର ଆବେଦନ ପ୍ରକ୍ରିୟା ଆରମ୍ଭ କରାଯାଇଥିଲା । ଯେଉଁଥିରେ କୌଣସି ଅସ୍ୱାଭାବିକତା ନାହିଁ । କଲେଜ ଇଲେକ୍ସନ ପାଇଁ ଚିନ୍ତା କରୁଛି ଉଚ୍ଚଶିକ୍ଷା ବିଭାଗ । ଏଣୁ ସଠିକ୍ ସମୟରେ ସବୁ ଶେଷ କରିବାକୁ ହେଲେ ପ୍ରକ୍ରିୟାକୁ ଦ୍ୱରିତ କରିବାକୁ ହେବ । ଯେଉଁମାନେ ଜାଣିନାହାନ୍ତି ପ୍ରକ୍ରିୟା ସେଇମାନେ ଅଯଥା ଦୋଷ ଲଦୁଥିବା କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ।

# ସୋରରେ ଚୋରି, ଡକାୟତି ବୃଦ୍ଧି ସତ୍ତ୍ୱେ ପୋଲିସ ହାତ ଖାଲି

**ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସୋର ପୋଲିସର ନିଷ୍କ୍ରିୟତା ପାଇଁ ଦିନକୁ ଦିନ ସୋର ଅଞ୍ଚଳରେ ଅପରାଧୀଙ୍କ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି । ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଲୁଟେରା ଓ ବନ୍ଧୁକ ମୁନରେ ବାରମ୍ବାର ଲୁଟ୍ ହେଉଥିଲେ ବି ପୋଲିସର ହାତ ଖାଲି । ସୂଚନା ଅନୁସାରେ ବିଳମ୍ବିତ ରାତିରେ ସାତ ଜଣ ଦୁର୍ବୃତ୍ତ ମୁହଁରେ କଳା ମୁଖା ପିନ୍ଧି ସୋର ଥାନା ଦେଉଳେ ପଞ୍ଚାୟତ ଦୟାନିଧିପୁର ଗ୍ରାମର ରବୀନ୍ଦ୍ର ନାୟକଙ୍କ ଘରକୁ ପଶିଥିଲେ । ଚୋରମାନେ ଘରେ ପଶିବା ପୂର୍ବରୁ ତାଙ୍କ ମା' ଜାଣିପାରି ପୁଅକୁ ଫୋନ୍ ଯୋଗେ ଜଣାଇଥିଲେ । ପୁଅ ମଳୟ ରାଉତ ପଡ଼ୋଶୀଙ୍କୁ ଫୋନ୍ ଯୋଗେ ଜଣାଇବା ସମୟରେ ଚୋରମାନେ ଘରର କବାଟ ଭାଙ୍ଗି ଘର ଭିତରକୁ ପଶିବା ସହିତ ପରିବାରର ସମସ୍ତ ୫ ଜଣଙ୍କୁ ଘରର ସ୍କ୍ରିନ୍ ଚିରି ହାତ ଗୋଡ଼କୁ ବାନ୍ଧି ମାଡ଼ ମାରିଥିଲେ । ପରେ ଘରୁ ୧୦ ଲକ୍ଷରୁ ଅଧିକ ଟଙ୍କାର ଗହଣା ଓ ନଗଦ ୫୦ ହଜାର ଟଙ୍କା ଲୁଟିଥିଲେ । ଏହି ସମୟରେ ପଡୋଶୀ ବଳରାମ ରାଉତ ଓ ପ୍ରଶାନ୍ତ ରାଉତ ଆସିବାରୁ ଦୁର୍ବୃତ୍ତମାନେ ଘରର ଛାତ ଉପରେ ଥାଇ ସେମାନଙ୍କୁ ଗୁଳି ମାରିଥିଲେ । ଫଳରେ ବଳରାମଙ୍କ ଛାତିରେ ଗୁଳିବାଜିବା ସହିତ ସେ ଗୁରୁତର ଆହତ ହୋଇଥିଲେ । ଗୁଳି ଫୁଟିବା ପରେ ଅନ୍ୟ ପଡୋଶୀମାନେ ଆସିବାକୁ ସାହସ କରିନଥିଲେ । ଏହି ସମୟରେ ଦୁର୍ବୃତ୍ତମାନେ ଫେରାର୍ ହୋଇଯାଇଥିଲେ । ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିଲେ । ସୋରରେ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ରୋହିତ ନାୟକ, ରବୀନ୍ଦ୍ର ନାୟକ ଓ ବଳରାମ ରାଉତଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଖବରପାଇ ସୋର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ସୋରରେ ଅପରାଧ ମାମଲା ଦିନକୁ ଦିନ ବଢୁଥିବା ବେଳେ ପୋଲିସର ନିଷ୍କ୍ରିୟତା ପାଇଁ ଲୋକେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ସୋରରେ ଜଣେ ଦକ୍ଷ ଅଧିକାରୀଙ୍କୁ ନିଯୁକ୍ତି ପାଇଁ ସାଧାରଣରେ ଦାବି ହୋଇଛି ।



# ଡିଭାଇଡର ଉପରକୁ ଚଢ଼ିଗଲା ବସ୍: ବର୍ତ୍ତିଲେ ୪୦ ଯାତ୍ରୀ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ରାମେଶ୍ୱର ବିହାର ନିକଟରେ ରାସ୍ତା ମଝିରେ ଥିବା ଡିଭାଇଡର ଉପରକୁ ଚଢ଼ି ସରକାରୀ ବସ୍ ଦୁର୍ଘଟଣା ହୋଇଥିବା ଦେଖିବାକୁ ମିଳିଛି । କିନ୍ତୁ ବସ୍‌ରେ ଥିବା ୪୦ ଯାତ୍ରୀ ବର୍ତ୍ତି ଯାଇଥିବା ବେଳେ ବସ୍‌ର ଆଗ ଅଂଶ କ୍ଷତି ଗ୍ରସ୍ତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ ରାଉରକେଲାରୁ ଆସ୍କା ଅଭିମୁଖେ ଯାଉଥିବା ଓଡ଼ିଶା ରାଜ୍ୟ ପରିବହନ ନିଗମର ଏକ ବସ୍ ମଙ୍ଗଳବାର ବିଳମ୍ବିତ ରାତି ୧ ଘଣ୍ଟା ସମୟରେ ଜାତୀୟ ରାଜପଥ ନଂ ୫୭ର ବୌଦ୍ଧ ସହର ରାମେଶ୍ୱର ବିହାର ନିକଟରେ ରାସ୍ତା ମଝିରେ ଥିବା କଂକ୍ରିଟ୍ ନିର୍ମିତ ଡିଭାଇଡର ଉପରକୁ ଚଢ଼ି ଯାଇଥିଲା । ଯାତ୍ରୀମାନେ କେହି ଆହତ ହୋଇନଥିବା ଜଣାପଡିଥିବା ବେଳେ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ବସ୍‌କୁ କ୍ରେନ୍ ସାହାଯ୍ୟରେ ଉଦ୍ଧାର କରାଯାଇଛି ।

# ନନ୍ଦନକାନନ ବନ୍ୟପ୍ରାଣୀ ଉଦ୍ୟାନରେ ଦ୍ୱିତୀୟ ଥର ମାଆ ହେବାକୁ ଯାଉଛି 'ମୌସୁମୀ'

**ବାରଙ୍ଗ, ନ୍ୟୁଜ୍ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଅନ୍ୟତମ ଆକର୍ଷଣ ଯୁବା ଧଳା ବାଘୁଣୀ ମୌସୁମୀ ଦ୍ୱିତୀୟ ଥର ମାଆ ହେବାକୁ ଯାଉଛି । ଗତବର୍ଷ ତା'ର ପ୍ରଥମ ଗର୍ଭରୁ ୩ ସନ୍ତାନ ଜନ୍ମ ନେଇଥିଲେ । ମାତ୍ର ଦୁର୍ଭାଗ୍ୟବଶତଃ ଧାର୍ଯ୍ୟ ସମୟ ପୂର୍ବରୁ ଅର୍ଥାତ୍ ଅପରିପକ୍ୱ ଅବସ୍ଥାରେ ବାଘ ଶାବକଗୁଡ଼ିକ ଜନ୍ମ ନେବାରୁ ବଞ୍ଚିପାରିନଥିଲେ । ତେଣୁ ଏଥର ମୌସୁମୀର ଦ୍ୱିତୀୟ ଗର୍ଭ ଉପରେ ନନ୍ଦନକାନନ କର୍ତ୍ତୃପକ୍ଷଙ୍କ ସ୍ୱତନ୍ତ୍ର ନଜର ରହିଛି । ପ୍ରାଣୀ ଚିକିତ୍ସକ ଓ ଜନ୍ତୁରକ୍ଷକମାନେ ତା' ଉପରେ ସତର୍କ ନଜର ରଖିଛନ୍ତି । ମୌସୁମୀ ଧଳା ବାଘୁଣୀ ହୋଇଥିବାରୁ ଏଥର ତା' ଗର୍ଭରୁ ପୁଣି ଧଳା ବାଘ ଛୁଆ ମିଳିବ ବୋଲି କର୍ତ୍ତୃପକ୍ଷ ଆଶାବାଦୀ ଅଛନ୍ତି । ମୌସୁମୀ ଏବେ ପ୍ରାୟ ୩ ମାସର ଅନ୍ତଃସତ୍ତ୍ୱା ବୋଲି ଜଣାପଡ଼ିଛି । ସାଧାରଣ ନାଲି ରଙ୍ଗର ବାଘ ରାଜେଶ ସହ ମିଳନରୁ ମୌସୁମୀ ପୁଣି ଥରେ ଗର୍ଭଧାରଣ କରିଛି । ଏବେ ତା' ପେଟ ବଢ଼ିବା ଲକ୍ଷ୍ୟ କରାଯାଉଛି ଏବଂ ବହୁ ସମୟରେ ସେ ଖୁଆଡ଼ରେ ଶୋଇ ରହୁଛି । ଏସବୁ ଗର୍ଭଧାରଣଜନିତ ଆଳସ୍ୟ ଲକ୍ଷଣ ଦେଖାଯିବା ପରେ ସେ ୩ ମାସର ଗର୍ଭବତୀ ବୋଲି ଅନୁମାନ କରାଯାଉଛି । ସାଧାରଣତଃ ବାଘୁଣୀମାନେ ଗର୍ଭଧାରଣର ୧୦୪ ଦିନ ଭିତରେ ସନ୍ତାନ ପ୍ରସବ କରନ୍ତି । ତେଣୁ ଏବେ ଗର୍ଭଧାରଣର ସମୟ ପାଖାପାଖି ୯୦ ଦିନ ହୋଇଗଲାଣି ବୋଲି ଆକଳନ କରାଯାଉଛି । ସବୁ କିଛି ଠିକ୍ ରହିଲେ, ଜୁନ୍ ପ୍ରଥମ ସପ୍ତାହରେ ହିଁ ମୌସୁମୀ କୋଳରେ ନବଜାତ ବାଘ ଛୁଆ ଦେଖିବାକୁ ମିଳିବ ବୋଲି ଆଶା କରାଯାଇଛି । ତେଣୁ ଧାର୍ଯ୍ୟ ସମୟର ଶେଷ ୧୦/୧୫ ଦିନ ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରାଣୀ ଚିକିତ୍ସକମାନେ କହିଛନ୍ତି । ସୂଚନାଯୋଗ୍ୟ ଯେ ଧଳା ବାଘୁଣୀ ସ୍ନେହା ଓ ସାଧାରଣ ନାଲି ରଙ୍ଗର ମହାବଳ ମନୀଷର ମିଳନରୁ ୨୦୨୬ ଅଗଷ୍ଟ ୫ରେ ମୌସୁମୀ ଜନ୍ମ ନେଇଥିଲା । ୨ ଭାଇ ଭିକି ଓ ଚିନୁ ସହ ଏକମାତ୍ର ଭଉଣୀ ମୌସୁମୀ ଜନ୍ମ ହୋଇଥିଲା । ତେଣୁ ଗେହ୍ଲା ଝିଅ ତଥା ଭଉଣୀ ହିସାବରେ ଜନ୍ତୁରକ୍ଷକମାନେ ମୌସୁମୀକୁ ଅଧିକ ଯତ୍ନର ସହ ବଢ଼ାଇଥିଲେ ।



# ଜଳଭଣ୍ଡାରରେ ଡଙ୍ଗା ବୁଡ଼ି ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ

**ଦେବଗଡ଼, ନ୍ୟୁଜ୍ ବ୍ୟୁରୋ**

ଜୀବନ ନେଲା ଜୀବିକା । ଡଙ୍ଗା ବୁଡ଼ି ଗୋଟିଏ ପରିବାରର ୨ ଶିଶୁପୁତ୍ର ସହ ସ୍ତ୍ରୀ ମୃତ । ଦେବଗଡ଼ ଜିଲ୍ଲା ଖିଲେଇ ପଞ୍ଚାୟତ ତଲେଇସର ଗାଁ ନିକଟ ରେଙ୍ଗାଲି ଜଳ ଭଣ୍ଡାରରେ ବୁଡ଼ି ୨ ଶିଶୁପୁତ୍ର ସହିତ ସ୍ତ୍ରୀ ମୃତ । ମୃତକମାନେ ହେଲେ ନୂଆଡ଼ିହ ପଞ୍ଚାୟତ ପୁଡ଼ାଡିହ ଗାଁର ବୁଲୁ ପେଣ୍ଢେଇଙ୍କ ୨ ପୁଅ ୬ ବର୍ଷୀୟ ଆୟୁଷ ପେଣ୍ଢେଇ ଓ ୪ ବର୍ଷୀୟ ରିୟାଂଶ ପେଣ୍ଢେଇ ଓ ୨୬ ବର୍ଷୀୟ ସ୍ତ୍ରୀ ଜ୍ୟୋସ୍ନା ପେଣ୍ଢେଇ । ମାଛ ଧରିବାକୁ ଯାଇଥିବା ବେଳେ ଗତ ବିଳମ୍ବିତ ରାତିରେ ତଲେଇସର ଘାଟରେ ଘଟିଛି ଅଘଟଣ । ନଦୀବନ୍ଧର ଗୋଟିଏ ପାର୍ଶ୍ୱରେ ମଞ୍ଚା ବାନ୍ଧି ରାତିରେ ବୁଲୁ ନିଜ ସ୍ତ୍ରୀ ଓ ୨ ପିଲାମାନଙ୍କ ସହ ଥିବାବେଳେ ହାତୀ ଆସିଯାଇଥିଲା । ଭୟରେ ବୁଲୁ ନିଜ ସ୍ତ୍ରୀ ଓ ପିଲାଙ୍କୁ ଧରି ଡଙ୍ଗାରେ ନଦୀ ଆରପଟକୁ ଯାଉଥିବା ସମୟରେ ଡଙ୍ଗାଟି ଜଳ ଭଣ୍ଡାର ପାଣିରେ ବୁଡ଼ିଯାଇଥିଲା । ଡଙ୍ଗାରେ ଥିବା ଦୁଇ ଶିଶୁପୁତ୍ର ଓ ସ୍ତ୍ରୀ ପାଣିରେ ବୁଡ଼ି ଯାଇଥିଲେ । ବୁଲୁ କୌଣସି ପ୍ରକାରେ ନିଜକୁ ବଞ୍ଚାଇବାରେ ସକ୍ଷମ ହୋଇଥିଲେ । ସକାଳୁ ମତ୍ସ୍ୟଜୀବୀଙ୍କ ସହାୟତାରେ ୨ ଶିଶୁ ପୁତ୍ରଙ୍କ ମୃତଦେହ ଜଳ ଭଣ୍ଡାର ପାଣିରୁ ଉଦ୍ଧାର କରାଯାଇଥିଲା । ରିଆମାଳ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଖୋଜ ଜ୍ୟୋସ୍ନାଙ୍କ ମୃତଦେହକୁ ଉଦ୍ଧାର କରିଛି । ଘଟଣାରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ପରିକ୍ଷିତ ସାହୁ, ତହସିଲଦାର, ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ।



# ଓଡ଼ିଶା ସୂଚନା କମିଶନରେ ହେବନାହିଁ ଗ୍ରୀଷ୍ମକାଳୀନ ଅବକାଶ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସୂଚନା କମିଶନଙ୍କ ଏକ ବୈଠକରେ କମିଶନ ଏହା ସ୍ଥିର କରିଛନ୍ତି ଯେ, ଆଗାମୀ ଗ୍ରୀଷ୍ମକାଳୀନ ଅବକାଶ ବେଳେ ମାମଲାଗୁଡ଼ିକର ଶୁଣାଣି ଜାରି ରହିବ । ବିଗତ ବର୍ଷ ଗୁଡ଼ିକରେ ଯେତେବେଳେ ଉଚ୍ଚ ନ୍ୟାୟାଳୟମାନ ବନ୍ଦ ଥିଲା ଏବଂ ଆଇନଜୀବୀମାନେ ଛୁଟିରେ ରହିଥିଲେ, ସେତେବେଳେ ଏହି ଅବଧି ମଧ୍ୟରେ ମାମଲାଗୁଡ଼ିକର ଶୁଣାଣି ହେଉନଥିଲା । ନବନିଯୁକ୍ତ ରାଜ୍ୟ ମୁଖ୍ୟ ସୂଚନା କମିଶନର ମନୋଜ ପରିଡ଼ା କହିଛନ୍ତି ଯେ ସୂଚନା କମିଶନ ଏକ ପୂର୍ଣାଙ୍ଗ କୋର୍ଟ (ନ୍ୟାୟାଳୟ) ନୁହେଁ, ତେଣୁ ଗ୍ରୀଷ୍ମକାଳୀନ ଛୁଟି (ଅବକାଶ) ରହିବ ନାହିଁ । ଯେହେତୁ ସୂଚନା ଅଧିକାର ଅଧିନିୟମରେ ଥିବା ବ୍ୟବସ୍ଥାଗୁଡ଼ିକ ଅତ୍ୟନ୍ତ ସରଳ ତେଣୁ ଆବେଦନକାରୀଙ୍କୁ କୌଣସି ବୃତ୍ତିଗତ ଆଇନଜୀବୀଙ୍କ ସହାୟତା ନ ନେଇ ମଧ୍ୟ ନିଜ ଅଭିଯୋଗ କରିପାରିବେ, ଏଣୁ ଶୁଣାଣି ବନ୍ଦ ହେବା ଉଚିତ୍ ନୁହେଁ । ଶ୍ରୀ ପରିଡ଼ା ଏହା ଦର୍ଶାଇଛନ୍ତି ଯେ ଗତ କିଛିବର୍ଷ ଧରି ଅନ୍ତିମ ଫଇସଲା ପାଇଁ ୨୦,୦୦୦ରୁ ଉର୍ଦ୍ଧ୍ୱ ମାମଲାମାନ ବିଚାରାଧୀନ ରହିଛି । କମିଶନ ଗ୍ରୀଷ୍ମ ଅବକାଶ ନେଲେ ଏହି ବିଷୟଗୁଡ଼ିକ ଶୁଣାଣିରେ ଆହୁରି ଅଧିକ ବିଳମ୍ବ ହେବ ଏବଂ ଆର.ଟି.ଆଇ (RTI) ଆବେଦନକାରୀମାନେ ଅଯଥା ହଇରାଣ ହେବେ । କମିଶନ ଏହା ମଧ୍ୟ ନିଷ୍ପତ୍ତି ନେଇଛନ୍ତି ଯେ, ଯଦି କୌଣସି ଆବେଦନକାରୀ ଦୀର୍ଘ ଦିନ ଧରି ବିଚାରାଧୀନ ଭାବେ ପଡ଼ି ରହିଥିବା ଯେକୌଣସି ମାମଲାର ଉଠାଣ (ପ୍ରତ୍ୟାହାର) କରିବାକୁ ଚାହାଁନ୍ତି, ତେବେ ସେହି ଚାହୁଁ ଥିବା ମାମଲାର ଉଠାଣ ମାମଲାରେ ଥିବା ତାଙ୍କର ପରିଚୟ ପତ୍ର ସହିତ କୌଣସି ଏକ ସାଧାରଣ ଚିଠି କମିଶନଙ୍କୁ ପଠାଇବେ । ଏପରି ମାମଲାରେ ଦୂର ବାଟରୁ ଯାତ୍ରା କରି ଆସୁଥିବା ଆବେଦନକାରୀଙ୍କୁ ନିଜେ ବ୍ୟକ୍ତିଗତ ଭାବେ ନ୍ୟାୟାଳୟରେ ହାଜିର ହେବାକୁ ପଡିବ ନାହିଁ । କମିଶନଙ୍କ ନିଷ୍ପତ୍ତିଗୁଡ଼ିକୁ ଆବେଦନକାରୀଙ୍କୁ ଡାକ ଏବଂ ଇ-ମେଲ୍ ଜରିଆରେ ଅବଗତ କରାଯିବ ।

# ଲିଙ୍ଗରାଜ ଷ୍ଟେସନ ରୋଡ଼ ସମ୍ମୁଖରୁ ମୃତଦେହ ଉଦ୍ଧାର: ହତ୍ୟା ଅଭିଯୋଗ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଲିଙ୍ଗରାଜ ଷ୍ଟେସନ୍ ରୋଡ଼ ସମ୍ମୁଖରୁ ଗୁରୁବାର ସକାଳେ ମୃତଦେହ ଉଦ୍ଧାର ହୋଇଛି । ଏନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ମୃତ ଯୁବକଙ୍କ ନାଁ ସନାତନ ରାଉତ । ମୃତକଙ୍କ ଘର ଭୀମଟାଙ୍ଗି ସ୍ଥିତ ଖଣ୍ଡୁଆଳ ସାହିରେ ବୋଲି ଜଣାପଡ଼ିଛି । କ୍ଷତବିକ୍ଷତ ଅବସ୍ଥାରେ ସନାତନଙ୍କ ମୃତଦେହ ପଡିରହିଥିବା ଦେଖିବାକୁ ମିଳିଥିଲା ସନାତନଙ୍କ ଭାଇ ରବୀନ୍ଦ୍ର ବେହେରା ହତ୍ୟା ଅଭିଯୋଗ ଆଣିଛନ୍ତି । କେହି ତାଙ୍କ ଭାଇଙ୍କୁ ହତ୍ୟା କରିଥିବା ସେ କହିଛନ୍ତି । ମୃତକଙ୍କ ବୟସ ୩୩ ବର୍ଷ ବୋଲି କୁହାଯାଉଛି । ଲିଙ୍ଗରାଜ ଷ୍ଟେସନ୍ ରୋଡ଼ ପାଖରେ ଥିବା ଶ୍ରମିକହାଟରେ ସେ କାମଧନ୍ଦା ଉଦ୍ଦେଶ୍ୟରେ ଆସି ଛିଡ଼ା ହେଉଥିବାର ଲୋକେ କହିଛନ୍ତି । ଅନେକ ସମୟରେ ନିଶା ସେବନ କରି ଘରେ ଓ ବାହାରେ ମାରପିଟ୍ କରନ୍ତି ବୋଲି ମୃତକଙ୍କ ସମ୍ପର୍କୀୟ କହିଛନ୍ତି । ଲିଙ୍ଗରାଜ ଷ୍ଟେସନ୍ ରୋଡ଼ ନିକଟରେ ବାହାରୁ ଆସି ଲୋକେ ଶ୍ରମିକ ଭାବେ କାମ କରୁଥିବାରୁ ଷ୍ଟେସନ୍ ନିକଟରେ ନିଶା କାରବାର ବଢୁଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ଲୋକେ ।



# +୨ ବିଜ୍ଞାନ ଏବଂ କଳା ଫଳାଫଳରେ ପ୍ରିନ୍ସ କଲେଜର ବାଜିମାତ୍

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ପ୍ରିନ୍ସ କଲେଜର ବାରିପଦା ଏବଂ ବାଲେଶ୍ୱର ଶାଖା ତରଫରୁ +୨ ବିଜ୍ଞାନ ଏବଂ କଳାର ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୪୦୫ ଜଣ ପିଲା ପ୍ରଥମ ଶ୍ରେଣୀରେ, ୩୩ ଜଣ ପିଲା ୯୦% ରୁ ଅଧିକ ଏବଂ ୧୨୦ ଜଣ ପିଲା ୮୦% ରୁ ଅଧିକ ମାର୍କ ରଖି ଐତିହାସିକ ସଫଳତା ଆଣିଦେଇ ଅଛନ୍ତି । ପୂର୍ବ ବର୍ଷ ଭଳି +୨ ବିଜ୍ଞାନରେ ଏହି କଲେଜର ଛାତ୍ର ସାଗ୍ରାମ ମାଣ୍ଡି ସର୍ବାଧିକ ୫୭୪ ନମ୍ବର ରଖି ସମଗ୍ର ଜିଲ୍ଲାରେ ପ୍ରଥମ ସ୍ଥାନ ଏବଂ ରାଜ୍ୟରେ ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ହାସଲ କରିଛନ୍ତି । ସେହିଭଳି ଛାତ୍ର ଗୌତମ ଗିରି ୫୭୧ ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ, ଛାତ୍ର ସୁମନ ଗୋପ ୫୬୬ ମାର୍କ ରଖି କଲେଜରେ ତୃତୀୟ, ଛାତ୍ର ମଳୟ କୁମାର ମହାନ୍ତ ୫୬୫ ମାର୍କ ଚତୁର୍ଥ, ଛାତ୍ର ଶୁଭଙ୍କର ପାଟବନ୍ଧା ୫୬୪ ମାର୍କ ରଖି ପଞ୍ଚମ ସ୍ଥାନ ହାସଲ କରିଛନ୍ତି । ସେହିଭଳି +୨ କଳାରେ ଛାତ୍ରୀ ଦେବସ୍ମିତା ବାଂଶୁଳିଆ ୯୧% ମାର୍କ ରଖି କଲେଜରେ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଛାତ୍ରୀ ଲକ୍ଷ୍ମୀପ୍ରିୟା ବାଂଶୁଳିଆ ୯୦% ମାର୍କ ରଖି ଦ୍ୱିତୀୟ, ଛାତ୍ର କ୍ରିଷ୍ଣା ମହାନ୍ତ ୮୭% ମାର୍କ ରଖି ତୃତୀୟ, ଛାତ୍ରୀ ଅଙ୍କିତା ବେହେରା ୮୬% ମାର୍କ ରଖି ଚତୁର୍ଥ, ଛାତ୍ରୀ ଇପ୍ସିତା ଟୁଡୁ ୮୫% ମାର୍କ ରଖି ପଞ୍ଚମ ସ୍ଥାନ ହାସଲ କରିଛନ୍ତି । ଜିଲ୍ଲାର ସର୍ବାଧିକ ମାର୍କ ସାଙ୍ଗକୁ ସର୍ବାଧିକ ସଂଖ୍ୟକ ଫାଷ୍ଟକ୍ଲାସ୍ ଏବଂ ସର୍ବାଧିକ ପିଲା ୯୦% ନମ୍ବର ରଖି ଏହି ଅନୁଷ୍ଠାନ ଏହାର ଗୌରବମୟ ଇତିହାସକୁ ବଜାୟ ରଖିଛି । ସବୁଠାରୁ ଖୁସିର କଥା ହେଉଛି ଦଶମ ବୋର୍ଡ଼ରେ ବହୁ କମ୍ ମାର୍କ ରଖୁଥିବା ପିଲା ଏଠାରେ ପଢ଼ି ଦ୍ୱାଦଶ ବୋର୍ଡ଼ରେ ବହୁତ ଅଧିକ ମାର୍କ ରଖୁଛନ୍ତି । ଏହି ସଫଳତା ପାଇଁ ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ଅନୁଷ୍ଠାନର ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ସାଇଁ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ଅକ୍ଳାନ୍ତ ପରିଶ୍ରମକୁ ଭୂୟସୀ ପ୍ରଶଂସା କରିଥିବା ବେଳେ ତାଙ୍କର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

# ପୁଅକୁ ପଥରରେ ଛେଚି ହତ୍ୟା କରି ବାପାର ଆତ୍ମସମର୍ପଣ

**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**



କନ୍ଧମାଳ ଜିଲ୍ଲା କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ. ନୂଆଗାଁ ବ୍ଲକ ସାରଙ୍ଗଗଡ଼ ଥାନା ବଣ୍ଡଗୁଡ଼ା ପଞ୍ଚାୟତ ଘସାଗୁଡ଼ା ଗ୍ରାମରେ ଘଟିଯାଇଛି ପୈଶାଚିକ କାଣ୍ଡ । ନୃସଂଶ ବାପା ପଥରରେ ଛେଚି ୧୪ ବର୍ଷର ପୁଅକୁ ଅତି ନିର୍ମମ ଭାବେ ହତ୍ୟା କରିଛି । କେବଳ ସେତିକି ନୁହେଁ, ଅଭିଯୁକ୍ତ ବାପା ଘଟଣାସ୍ଥଳ ଘରପାଖ ତୋଟାରୁ ପୁଅର ଶବକୁ ଘରକୁ ଆଣି କାହାକୁ କିଛି ନକହି ଦିନଟିଏ ରଖିଥିଲା । ଗ୍ରାମବାସୀ ଏହା ଜାଣିବା ପରେ ବାପା ବଳରାମ ପ୍ରଧାନ ଥାନାରେ ଆତ୍ମସମର୍ପଣ କରିଛି । ପୋଲିସ ତା' ମୁହଁରୁ ଲୋମଟାଙ୍କୁରା ଘଟଣା ଶୁଣି ହତବାକ୍ ହୋଇଛନ୍ତି । ଘଟଣାସ୍ଥଳରେ ପହଞ୍ଚି ମୃତ ପୁଅ ଅବିନାଶ ପ୍ରଧାନର ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଅବିନାଶ ବଳରାମର ପ୍ରଥମ ପତ୍ନୀ ଭାନୁମତି କହଁରଙ୍କ ପୁଅ ବୋଲି ପୋଲିସ ଆଗରେ ସେ କହିଛି । ଏ ନେଇ କେସ୍ ନମ୍ବର ୮୦/୨୫ ରୁଜୁ କରି ପୋଲିସ ତଦନ୍ତ ଚଳାଇଛି । ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ିନାହିଁ । ପାରିବାରିକ ଅଶାନ୍ତି ଏହା ପଛର କାରଣ ବୋଲି ଅନୁମାନ କରାଯାଉଥିବା ବେଳେ ଏଥିରେ ଦ୍ୱିତୀୟ ପତ୍ନୀଙ୍କ ସଂପୃକ୍ତି ରହିଛି କି ନାହିଁ ସେ ନେଇ ପୋଲିସ ତଦନ୍ତ ଚଳାଇଛି । ସୂଚନା ପ୍ରକାରେ, ବଳରାମ ଦ୍ୱିତୀୟ ବିବାହ କରିଥିବା ବେଳେ ପ୍ରଥମ ପତ୍ନୀ ଭାନୁମତି ଭୁବନେଶ୍ୱରରେ ରହୁଛନ୍ତି । ପୁଅ ଅବିନାଶ ବାପା ଏବଂ ସାବତ ମା' ପାଖରେ ରହୁଥିଲା । ପ୍ରାୟ ସମୟ କୌଣସି ନା କୌଣସି କାରଣରୁ ଘରେ କଳିଝଗଡ଼ା ଲାଗି ରହୁଥିଲା । ରବିବାର ଦିନ ବାପାପୁଅ ଏକ ଭୋଜି ଖାଇବାକୁ ଯାଇଥିଲେ । ସେଠାରୁ ଫେରିବାର କିଛି ସମୟ ପରେ ପୁଅକୁ ଘର ଠାରୁ କିଛି ଦୂର ତୋଟାକୁ ଡାକି ନେଇ ମୁଣ୍ଡକୁ ପଥରରେ ଛେଚି ନିର୍ମମ ଭାବେ ହତ୍ୟା କରିଥିବା କୁହାଯାଉଛି । ହତ୍ୟା କରିବା ପରେ ମୃତଦେହକୁ ଘରକୁ ଆଣି ରଖିଥିଲେ । ଏହି ଘଟଣାକୁ କିଛି ଲୋକ ଦେଖି ସନ୍ଦେହ କରିବା ସହ ପରଦିନ ଅର୍ଥାତ୍ ସୋମବାର ବଳରାମର ଘରକୁ ଯାଇ ମୃତଦେହ ପଡ଼ିଥିବା ଦେଖିଥିଲେ । ଏନେଇ ପୋଲିସକୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି ।

# ତୁରନ୍ତ କେନାଲ ମରାମତି କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ମୁର୍ଷୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ତେତେଲେଙ୍ଗା ଗ୍ରାମର ଚାଷୀମାନଙ୍କ ଅଭିଯୋଗକ୍ରମେ ମଙ୍ଗଳବାର ଦିନ ପ୍ରାୟ ଏକ ଘଣ୍ଟା ସମୟରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଚାଷ ଜମିକୁ ଜଳସେଚନ ପାଇଁ ରହିଥିବା କେନାଲକୁ ପରିଦର୍ଶନ କରି ସମସ୍ୟା ବିଷୟରେ ଅବଗତ ହେବା ସହିତ ଖୁବ୍‌ଶୀଘ୍ର ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ଦିନରେ ଖୁବ୍‌ଶୀଘ୍ର ଚାଷୀ ମାନଙ୍କ ସମସ୍ୟା ଦୂର ହେବା ସହିତ ଚାଷଜମିକୁ ଜଳସେଚନର ସମସ୍ୟା ଦୂର ହେବ ବୋଲି କହିଛନ୍ତି । ସୂଚନାଯୋଗ୍ୟ ଯେ ସାଲୁଙ୍କି ଜଳସେଚନ ପ୍ରକଳ୍ପର ଡାହାଣ ପାର୍ଶ୍ୱ ବଢ଼ିଗାଁ ଶାଖା କେନାଲରୁ ବୁଟୁପାଲି ଶାଖା କେନାଲରୁ ତେତେଲେଙ୍ଗା ଉପ ଶାଖା କେନାଲ ମାଧ୍ୟମରେ ଜଳସେଚନ ହୋଇଥାଏ । ପ୍ରତିବର୍ଷ ଏହି କେନାଲରେ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଜଳସେଚନ ହୋଇଥାଏ । ଫଳରେ ଚାଷୀମାନେ ରବି ଚାଷରେ ବିଭିନ୍ନ ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି । ତେବେ ଚଳିତବର୍ଷ ଜାନୁଆରୀ ମାସରୁ ଉକ୍ତ କେନାଲରେ ଜଳ ଯୋଗାଣ ହୋଇନଥିବାରୁ ରବି ଜାତୀୟ ଫସଲ କରିପାରିନାହାନ୍ତି । ଏନେଇ ପୂର୍ବରୁ ଗ୍ରାମବାସୀ ପୂର୍ବରୁ ଅଭିଯୋଗ କରିଥିଲେ । ବିଧାୟକ କ୍ଷେତ୍ର ପରିଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ସାଲୁଙ୍କି ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ନରେଶ ପାଢ଼ୀ, ବୌଦ୍ଧ ବିଡ଼ିଓ ଯୁଧିଷ୍ଠିର ମେହେର ଓ ଚାଷୀମାନେ ଉପସ୍ଥିତ ଥିଲେ ।



# ଭଡ଼ାରେ ଲାଗିଥିବା ସରକାରୀ କ୍ୱାର୍ଟର୍ସରୁ ଉଚ୍ଛେଦ ଜାରି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱରରେ ଭଡାରେ ଲାଗିଥିବା ସରକାରୀ କ୍ୱାର୍ଟର୍ସରୁ ଉଚ୍ଛେଦ କରାଯାଇଛି । ୟୁନିଟ୍-୨ ଅଞ୍ଚଳରେ ଜବରଦଖଲ କ୍ୱାର୍ଟର୍ସରୁ ଉଚ୍ଛେଦ କରିଛି ସ୍କ୍ୱାଡ୍ । ଲଗାତାର ଦ୍ୱିତୀୟ ଦିନରେ ମିଳିତ ସ୍କ୍ୱାଡ୍ ପକ୍ଷରୁ ଉଚ୍ଛେଦ ଜାରି ରହିଛି । ଏପର୍ଯ୍ୟନ୍ତ ୯୦ କ୍ୱାର୍ଟର୍ସ ବେଆଇନ୍ ଭାବେ ଜବରଦଖଲ ହୋଇଥିବା ବେଳେ ୧୧ଟିରେ ଉଚ୍ଛେଦ କାର୍ଯ୍ୟ ଶେଷ ହୋଇଥିବା ସ୍କ୍ୱାଡ୍ କହିଛି । ଉଚ୍ଛେଦ ବେଳେ କିଛି ଲୋକମାନେ ସ୍କ୍ୱାଡ୍‌କୁ ବିରୋଧ କରିବାରୁ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର






**ମେଷ:** କର୍ମକ୍ଷେତ୍ରରେ ପ୍ରତାରିତ ହେବେ । ସହଯୋଗ ଠାରୁ ଅସହଯୋଗର ପରିମାଣ ବଢ଼ିବ । ଅଯଥା ଦୂରଯାତ୍ରା କରିପାରନ୍ତି । ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହେବାର ସୂଚନା । ରୋଜଗାର ଭଲ ହେବ ।



**ବୃଷ:** ସହଯୋଗରୁ ଉନ୍ନତି ସାଧିତ ହେବ । ଆୟର ପରିମାଣରେ ଉନ୍ନତି ହେବ । ବନ୍ଧୁ ସହଯୋଗ ଲାଭ କରିବେ । ପାରିବାରିକ ଜଞ୍ଜାଳର ସମାଧାନ ହେବ । ସୁସମ୍ବାଦ ପ୍ରାପ୍ତ ହେବାର ସୂଚନା ।



**ମିଥୁନ:** ଦୂରଯାତ୍ରା କରି ସଫଳତା ଲାଭ କରିବେ । ପରିଶ୍ରମର ଫଳ ପାଇ ଉତ୍‌ଫୁଲ୍ଲିତ ହେବେ । କର୍ମଚଞ୍ଚଳ ରହିବେ । ବନ୍ଧୁଙ୍କ ଆଗମନ ଯୋଗୁ ମଉଜ ମଜ୍‌ଲିସ୍‌ରେ ସମୟ କଟିବ । ଆୟର ପରିମାଣ ଖର୍ଚ୍ଚ ସହ ସମାନ ହେବ ।



**କର୍କଟ:** କାର୍ଯ୍ୟହାନୀ, ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବତା ଯୋଗ । ମନରେ ଦୁଶ୍ଚିନ୍ତା ବଢ଼ିବ । ଅଳସୁଆମୀ ପ୍ରକାଶ ପାଇବ । ରୋଜଗାରରେ ବାଧା । ପାରିବାରିକ ଶାନ୍ତି ଲାଭ ହେବାର ସୂଚନା ।



**ସିଂହ:** ପରିଶ୍ରମ ବୃଦ୍ଧି ପାଇବ । ତଥାପି ଫଳ ଲାଭର ଆଶା କମ୍ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । କାର୍ଯ୍ୟ ହାନୀ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଗୃହେ ଶାନ୍ତି ଲାଭ ହେବ ।



**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ସାଫଲ୍ୟତା ପରିମାଣ ଅଧିକ ହେବ । ସାହାଯ୍ୟ ସହଯୋଗ ଲାଭ କରିବେ । ବନ୍ଧୁ ମିଳନରୁ ଆପ୍ୟାୟିତ ହେବେ । ଆୟ ଓ ବ୍ୟୟ ପୂର୍ବ ପରି ଚାଲିବ । ପାରିବାରିକ ଶାନ୍ତି ଲାଭ କରିବେ ।



**ତୁଳା:** ବାକ୍ ସଂଯମତା ରହିବ ନାହିଁ । କର୍ମକ୍ଷେତ୍ରରେ ବିରକ୍ତି ଭାବ ପ୍ରକାଶ ପାଇବ । ମନରେ ଅହଂକାର ଆସିବ । ଆୟର ପରିମାଣ ସ୍ଥିର ରହିବ । ତରବରିଆ ଭାବେ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି । ଘରେ ଜଞ୍ଜାଳ ବଢ଼ିବ ।



**ବିଛା:** ନିଜର ପ୍ରାଧାନ୍ୟତା ବଢ଼ିବ । ବୁଝି ବିଚାରି ପଦକ୍ଷେପ ନେବାକୁ ପଡ଼ିବ । ପରସ୍ପର ଆଲୋଚନା ଦ୍ୱାରା ଭବିଷ୍ୟତ ଉନ୍ନତି ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଜଞ୍ଜାଳ ବୃଦ୍ଧି ହେବ ।



**ଧନୁ:** ମନରେ ଅଯଥା ଦୁଶ୍ଚିନ୍ତା ଉଙ୍କି ମାରିବ । କର୍ମକ୍ଷେତ୍ରରେ ଅସହଯୋଗ ବିରକ୍ତି କରିବ । ସହକର୍ମୀଙ୍କ ସହ ବା କୁଟୁମ୍ବେ କଳହ । ଆୟରେ ବାଧା ଆସିବ । ଶତ୍ରୁଙ୍କ ଠାରୁ ସତର୍କ ରହିବେ ।



**ମକର:** ମନରେ ଉତ୍ସାହ ଆସିବ । କର୍ମକ୍ଷେତ୍ରରେ ବେଶ୍ ପ୍ରଶଂସା ପ୍ରାପ୍ତି ହେବ । ପରୋପକାର କରିବେ । ଉଚ୍ଚ ସମ୍ମାନ ପ୍ରାପ୍ତି ହେବ । ଆୟର ପରିମାଣ ବଢ଼ିବ । ଘର ଚିନ୍ତା ମନରୁ ଯିବ ।



**କୁମ୍ଭ:** କର୍ମ ସ୍ଥାନରେ ସହଯୋଗ ମିଳିବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଆଶାବାଦୀ ହେବେ । ଆୟରେ ଉନ୍ନତି ହେବ । ପ୍ରଶଂସିତ ହେବେ । ମୂଲ୍ୟବାନ ଦ୍ରବ୍ୟ ଲାଭ ଯୋଗ ରହୁଛି ।



**ମୀନ:** ଆଜି ଦିନଟି ଆପଣଙ୍କର ଭଲରେ କଟିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଆୟରେ ଉନ୍ନତି ଦେଖାଦେବ । ସମାଜ ସେବାରେ ପ୍ରଶଂସା ଲାଭ କରିବେ । ଘରେ ଆନନ୍ଦ ଦେଖାଦେବ ।

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୩।୫।୨୦୨୫, ଜ୍ୟୈଷ୍ଠ ଦ୯ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ-** ଘ୫।୦୯।୦୬ **ଚନ୍ଦ୍ରୋଦୟ-** ରାଘ ୨।୨୮।୧୨

**ଏକାଦଶୀ-** ରାଘ ୧୦।୩୧ ପର୍ଯ୍ୟନ୍ତ । **ଉତ୍ତରଭାଦ୍ର ନକ୍ଷତ୍ର-** ଦିଘ ୪।୦୨ ପର୍ଯ୍ୟନ୍ତ । **ମୀନ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଶିମ୍ବ ରାଘ ୧୦।୩୧ ପରେ ପୋଇ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୦୫ ଗତେ ଘ ୬।୫୭ ମଧ୍ୟେ । ଦିଘ ୧୨।୧୦ ଗତେ ଘ ୨।୪୬ ମଧ୍ୟେ । **ପର୍ବୋତ୍ସବ-** ଅପରା ବା ଜଳ କ୍ରୀଡ଼ା ଏକାଦଶୀ (ରାମାନୁଜ ଭିନ୍ନ)

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୪।୫।୨୦୨୫, ଜ୍ୟୈଷ୍ଠ ଦ୧୦ନ, ଶନିବାର**

**ସୂର୍ଯ୍ୟୋଦୟ-** ଘ୫।୦୮।୩୮ **ଚନ୍ଦ୍ରୋଦୟ-** ରାଘ ୩।୫୮।୦୪

**ଦ୍ୱାଦଶୀ-** ସଂଘ ୭।୨୧ ପର୍ଯ୍ୟନ୍ତ । **ରେବତୀ ନକ୍ଷତ୍ର ଓ ମୀନ ଚନ୍ଦ୍ର-** ଦିଘ ୧।୪୭ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର ଓ ମୀନ ରାଶିର । ଦିଘ ୧।୪୭ ଗତେ ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଧନୁ ରାଶିର । ଦିଘ ୧।୪୭ ଗତେ ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ସଂଘ ୭।୦୧ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୦୬ ଗତେ ଘ ୧୨।୦୯ ମଧ୍ୟେ । ଦିଘ ୩।୦୧ ଗତେ ଘ ୩।୩୮ ମଧ୍ୟେ । **ପର୍ବୋତ୍ସବ-** ରାମାନୁଜ ବୈଷ୍ଣବଙ୍କ ଏକାଦଶୀ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଲୋକଙ୍କ ପ୍ରିମିୟମ ବୃଦ୍ଧି

ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ବହୁ ମାତ୍ରାରେ ମହଙ୍ଗା ହୋଇଗଲାଣି। ଗତ ୧୦ ବର୍ଷରେ ଏହା ଦୁଇ ଗୁଣା ବଢ଼ିଯାଇଛି । ଫଳରେ ଅନେକ ଲୋକ ନିଜ ନିଜର ବୀମା ବନ୍ଦ କରିବାକୁ ବାଧ ହେଉଥିବା ଏକ ରିପୋର୍ଟରୁ ଜଣାପଡ଼ିଛି । ରିପୋର୍ଟ ଅନୁସାରେ, ମହଙ୍ଗା ପ୍ରିମିୟମ ଯୋଗୁ ଲୋକେ ପଲିସି ବନ୍ଦ କରିଦେଉଛନ୍ତି ଅବା କମ୍ କଭର ରହିଥିବା ପ୍ଲାନ୍ ନେଉଛନ୍ତି। ଚଳିତ ଆର୍ଥିକ ବର୍ଷ ପ୍ରତି ୧୦ରେ ଜଣେ ବୀମାଧାରୀ ନିଜର ସ୍ୱାସ୍ଥ୍ୟ ବୀମା ପଲିସିକୁ ରିନ୍ୟୁ କରିନାହାନ୍ତି । ପ୍ରାୟ ୧୦% ଲୋକଙ୍କ ପ୍ରିମିୟମ ୩୦% କିମ୍ବା ଏହାଠାରୁ ଅଧିକ ବୃଦ୍ଧି ପାଇଛି । ଏଥିମଧ୍ୟରୁ ମାତ୍ର ଅଧା ଲୋକ ହିଁ ପୁରା ପ୍ରିମିୟମ ଭରିଛନ୍ତି । ଗତ ୧୦ ବର୍ଷରେ ୫୨% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ୫ରୁ୧୦% ବୃଦ୍ଧି ଘଟିଛି। ଏହାର ଅର୍ଥ ଯଦି କୌଣସି ବ୍ୟକ୍ତିଙ୍କ ପ୍ରିମିୟମ୍ ୧୦୦ ଟଙ୍କା ଥିଲା ୧୦ ବର୍ଷ ପରେ ଏହା ୧୬୨- ୨୫୯ ଟଙ୍କା ହୋଇଛି । ୩୮% ପଲିସିଧାରୀଙ୍କ ପ୍ରିମିୟମରେ ବାର୍ଷିକ ବୃଦ୍ଧି ୧୦ରୁ୧୫% ରହିଛି । ଅର୍ଥାତ୍ ସେମାନଙ୍କ ୧୦୦ ଟଙ୍କା ଥିବା ପ୍ରିମିୟମ ୨୫୯ରୁ୪୦୪ ଟଙ୍କା ହୋଇଛି। କିନ୍ତୁ ୩% ଲୋକଙ୍କ ପ୍ରିମିୟମ୍‌ରେ ବାର୍ଷିକ ବୃଦ୍ଧି ୧୫ରୁ୩୦% ରହିଥିବା ଜଣାପଡ଼ିଛି । ପ୍ରଶ୍ନ ଉଠୁଛି ଯେ, ପ୍ରିମିୟମ କାହିଁକି ଏତେ ମାତ୍ରାରେ ବୃଦ୍ଧି ପାଇଛି । ବୀମା କମ୍ପାନିଙ୍କ କହିବାନୁସାରେ, କ୍ଲେମ୍ ଅନୁପାତ ବିଗିଡ଼ିବା କାରଣରୁ ଏଭଳି ହେଉଛି । କ୍ଲେମ୍ ଅନୁପାତ ଅର୍ଥାତ୍, ଯେତିକି ପ୍ରିମିୟମ ସଂଗ୍ରହ ହୋଇଛି, ସେଥିମଧ୍ୟରୁ କେତେ ମାତ୍ରାକୁ କ୍ଲେମ୍ କରାଯାଇଛି । ଯଦି ଅଧିକ କ୍ଲେମ୍ ଆସେ, ତେବେ କମ୍ପାନିଗୁଡ଼ିକୁ ପ୍ରିମିୟମ ବଢ଼ାଇବାକୁ ପଡ଼ିଥାଏ। କିଛି ଲୋକଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି ଦେଖିବାକୁ ମିଳିଛି । କାରଣ ସ୍ୱାସ୍ଥ୍ୟ ବୀମାର ପ୍ରିମିୟମ୍ ପ୍ରତିବର୍ଷ ଏକାଭଳି ବଢ଼ି ନ ଥାଏ । ଏହା କିଛି ବର୍ଷର ବ୍ୟବଧାନରେ ଅଚାନକ ବୃଦ୍ଧି ପାଇଥାଏ । ବୀମା କମ୍ପାନିଗୁଡ଼ିକ ପ୍ରତି ୩ ବର୍ଷରେ ମେଡିକାଲ ଖର୍ଚ୍ଚ ହିସାବରେ ନିଜ ନିଜର ବୀମା ଦର ବଢ଼ାଇଥାନ୍ତି । ବୟସ ବଢ଼ିବା ସହ ପ୍ରିମିୟମ ବଢ଼ିଥାଏ। ବୟୋବୃଦ୍ଧ ଲୋକଙ୍କ ଚିକିତ୍ସା ଖର୍ଚ୍ଚ ଅଧିକ ରହିଥାଏ । ତେଣୁ ସେମାନଙ୍କ ପ୍ରିମିୟମ୍‌ରେ ଅଧିକ ବୃଦ୍ଧି କରାଯାଇଥାଏ। ପଲିସିବଜାରର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ଭାରତର ସ୍ୱାସ୍ଥ୍ୟ ବୀମା ବଜାରରେ ବ୍ୟାପକ ପରିବର୍ତ୍ତନ ଆସିଛି। ଏହି ସର୍ଭେରେ ବର୍ଦ୍ଧିତ ପ୍ରିମିୟମ, ଲୋକଙ୍କ ଖର୍ଚ୍ଚ କମ୍ କରିବାର ଉପାୟ ଏବଂ ମେଡିକାଲ ଖର୍ଚ୍ଚକୁ ନିୟନ୍ତ୍ରଣ କରିବା ପାଇଁ କମ୍ପାନିଗୁଡ଼ିକର ମତାମତ ନିଆଯାଇଛି । କିଛି ଲୋକଙ୍କୁ ପ୍ରିମିୟମ୍‌ରେ ବଡ଼ ବୃଦ୍ଧିର ସାମ୍ନା କରିବାକୁ ପଡ଼ିଛି । କିନ୍ତୁ ଅଧିକାଂଶ ଲୋକ ନୂଆ ପ୍ଲାନ୍ ଏବଂ ସଞ୍ଚୟର ବିଭିନ୍ନ ଉପାୟ ମାଧ୍ୟମରେ ଖର୍ଚ୍ଚକୁ ଭଲ ଭାବେ ପରିଚାଳନା କରିପାରୁଥିବା ଏଥିରେ ଉଲ୍ଲେଖ କରାଯାଇଛି। ବିଶେଷଜ୍ଞଙ୍କ ମତରେ, ଯଦି ପ୍ରିମିୟମ ବଢ଼େ ଏବଂ ବୀମାଧାରୀ ତାହାକୁ ଭରିବାକୁ ଚାହାନ୍ତି ନାହିଁ ତେବେ ସେମାନଙ୍କ ପାଖରେ କମ୍ ପ୍ରିମିୟମଯୁକ୍ତ ପ୍ଲାନ୍ ବାଛିବାର ବିକଳ୍ପ ରହିଛି । କେତେକ ଲୋକ ଟଙ୍କା ବଞ୍ଚାଇବା ପାଇଁ 'ଡିଡକ୍ଟେବଲ' ବିକଳ୍ପ ବି ବାଛୁଛନ୍ତି। 'ଡିଡକ୍ଟେବଲ'ର ଅର୍ଥ ହେଉଛି, ଏକ ନିର୍ଦ୍ଦିଷ୍ଟ ରାଶି ପର୍ଯ୍ୟନ୍ତ ଖର୍ଚ୍ଚକୁ ନିଜକୁ ଉଠାଇବାକୁ ପଡ଼ିବ, ଏହା ପରେ ହିଁ ବୀମା କମ୍ପାନି ଖର୍ଚ୍ଚ କରିବ। ମେଡିକାଲ ଖର୍ଚ୍ଚ ବୃଦ୍ଧି ଏବଂ ନୂଆ ପ୍ରଯୁକ୍ତି ସହିତ ସ୍ୱାସ୍ଥ୍ୟ ବୀମାର ପରିସର ବଢୁଛି, ଯାହାଦ୍ୱାରା ପ୍ରିମିୟମ ଉପରେ ପ୍ରଭାବ ପଡୁଛି।



## ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ

# ଗୀତାମୃତ ଲହରୀ

ଚତୁର୍ଥ ଅଧ୍ୟାୟ

(କଳା କଳେବର କହ୍ନାଇ-ବୃତ୍ତେ)

ଜନ୍ମ ମୃତ୍ୟୁ ମୋର ନ ଥାଏ ତେଣୁ ଅଜନ୍ମା ମୁହିଁ
ଧର୍ମନାଶ ବେଳେ ସ୍ୱେଚ୍ଛାଏ କଳେବର ଧରଇ ।୧୦।

ପାପିଷ୍ଠ ଜନଙ୍କୁ ସଂହାରି ସାଧୁଙ୍କୁ କରି ରକ୍ଷା
ନଷ୍ଟ ଧର୍ମ କଷ୍ଟେ ଉଦ୍ଧାରି ଦିଅଇ ଲୋକଶିକ୍ଷା ।୧୧।

ଯେ ମୋତେ ଏ ଭାବେ ଜାଣଇ ପ୍ରାଣପଣେ ଭଜଇ
ଈଶ୍ୱରୀ ମାୟାକୁ ବୁଝିଣ ଅନାସକ୍ତେ ମଜଇ ।୧୨।

ଜ୍ଞାନରୂପୀ ଅଗ୍ନି ଜଳାଇ କାମସଙ୍କଳ୍ପ ସବୁ
କର୍ମଫଳ ସଙ୍ଗ ଛାଡିଣ ନିଶ୍ଚିନ୍ତେ ରହ ବାବୁ ।୧୩।
ଯାହା ଜଗତରେ ହେଉଛି ହେବ, ସବୁ ମୋ ମାୟା
ତଥାପି ନିର୍ଲିପ୍ତ ତହିଁରେ ମୋତେ ନ ଲାଗେ ଏଡା ।୧୪।
ସଙ୍କଳ୍ପ ସମୂହ ଏଡ଼ିଣ ଯଜ୍ଞ କରମ କର
ସେବା ଶୁଦ୍ଧି, ସବୁ ମୂଳରେ ଇନ୍ଦ୍ରିଦମନ ସାର ।୧୫।
ଦାନ ଧ୍ୟାନ ପ୍ରାଣାୟାମାଦି ଯଜ୍ଞ ଯେତେ ପ୍ରକାର
ଗୁରୁବିନେ ଏହା ସାଧିବା ହେବ ଅହିତକର ।୧୬।
ଜ୍ଞାନ ଯଜ୍ଞ ଆଶ୍ରେ କରିଣ ମୁକ୍ତି ପାଆନ୍ତି ପାପୀ
ଶ୍ରଦ୍ଧାରେ ସୁହୃଦେ ଶରଣ ସଦା ହୁଅନ୍ତି ତପୀ ।୧୭।
ଏ ମାର୍ଗରେ ରହି କରମବନ୍ଧୁ ହୁଅ ତୁ ପାର
ଶୁଣି ଶ୍ରୀହରି ଶ୍ରୀଚରଣେ ପଡିଲା ପାର୍ଥବୀର ।୧୮।
ଧନ୍ୟ ଧନୁର୍ଦ୍ଧର କିରିଟୀ, ଧନ୍ୟ ଜନମ ତୋର
ମନ୍ଦ ବଇକୁଣ୍ଠ ଅନ୍ଧକୁ ଟିକେ ସଙ୍ଗତେ ଧର ।୧୯।

(କ୍ରମଶଃ)

# ଇତିହାସର ଅନନ୍ତ ପ୍ରବାହରେ ଜନଶ୍ରୁତିର ଜୀବନ୍ତ ଚିତ୍ରଶାଳା (୨୪)

## (ଏକ ଐତିହାସିକ ଉପସ୍ଥାପନା)



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ଏହି ଠାରେ ମନେ ପଡେ ବିଶିଷ୍ଟ ନୌବାଣିଜ୍ୟ ଗବେଷକ ଶ୍ରୀଯୁକ୍ତ ପ୍ରଭାତ କୁମାର ନନ୍ଦଙ୍କ ଉପରୋକ୍ତ ପ୍ରସଙ୍ଗ ସଂପର୍କରେ ଲଖିଛନ୍ତି 'ଜଗତସିଂହପୁର ଅତୀତ ବର୍ତ୍ତମାନ' ପୁସ୍ତକରେ। ସେ ଲେଖିଛନ୍ତି "କୈବର୍ତ୍ତମାନେ ପାରାଦ୍ୱୀପ ନିକଟସ୍ଥ ବିଭିନ୍ନ ଉପନଦୀ ଡଙ୍ଗା ନେଇ ଯାଉଥିବା ସମୟରେ ଘଞ୍ଚ ଜଙ୍ଗଲ ମଧ୍ୟରୁ ସଙ୍କୀର୍ତ୍ତନ ଧ୍ୱନି ହେଉଥିବାର ଶୁଣିପାରୁଥିଲେ। ଘଞ୍ଚ ବନାନୀ ମଧ୍ୟରେ କେଉଁଠାରୁ ଏ ସଙ୍କୀର୍ତ୍ତନର ଧ୍ୱନି ଆସୁଛି ବୋଲି ଆବିଷ୍କାର କରିବା ପାଇଁ ବହୁତ ବଳିଷ୍ଠ ଦୁଃସାହାସୀ କୈବର୍ତ୍ତ ଜଙ୍ଗଲ ମଧ୍ୟରେ ଖୋଜନ୍ତି । ମାତ୍ର କୌଣସି ମଣିଷର ସାକ୍ଷାତ ପାଇଁ ପାରନ୍ତି ନାହିଁ। ହେଲେ ସେହି ସଙ୍କୀର୍ତ୍ତନ ଧ୍ୱନି ଜଙ୍ଗଲ ମଧ୍ୟରେ ଅହରହ ଶୁଭୁଥାଏ।"

ରାତି ବହୁତ ହୋଇଗଲାଣି। ଆଖିକୁ ନିଜ ଆସୁନାହିଁ ବିଶର ମହାନ୍ତିଙ୍କର । ନିର୍ଜନ ଅରଣ୍ୟ। ବହୁତ ହିଂସ୍ର ଜନ୍ତୁଙ୍କର ଶବ୍ଦ ଶୁଭୁଥାଏ। ଝାପ୍‌ସା ନିଦ ଆସୁଥିଲେ ବି ତାହା ଗୋଟିଏ ମୁହୂର୍ତ୍ତ ମଧ୍ୟରେ ଭାଙ୍ଗି ଯାଉଥାଏ। କିନ୍ତୁ ଭୟନାହିଁ। ଆଗରୁ ବି ସେ ନିର୍ଭୀକ। ଭୟ ବା କାହିଁକି ତାଙ୍କୁ ଆଚ୍ଛନ୍ନ କରିବ ? ପୁରୀରେ ପ୍ରାୟ ବିଶର ମହାନ୍ତିଙ୍କୁ ସମସ୍ତେ ଭୁଲି ଯିବେଣି। ଗୋଟାଏ ବୁଲା ସନ୍ନ୍ୟାସୀଟାଏ ମୁଁ। ମୋର ବା କିଏ ଆଖି, ମୋ କଥା ତା'ର ମନେ ପଡିବ ? କାନ୍ଧରେ ଗୋଟାଏ ମୃଦଙ୍ଗ, ଆଉ ଗୋଟାଏ କୋଥଳି । ଦୁଇଖଣ୍ଡ ନାଲି ଗାମୁଛା ଆଉ ଦୁଇଖଣ୍ଡ ନାଲି ହଳଦିଆ ମିଶା ଆଠ ହାତିଆ ଗାମୁଛା। କୋଥଳି ଭିତରେ ଛୋଟ ଚନ୍ଦନ କାଠ ଓ ତିଳକ। ଏହାକୁ ଛାଡିଦେଲେ କୋଥଳିରେ ରହିଛି ଚେରମୂଳି ଔଷଧ। ଆଉ କିଛି ନାହିଁ। ଏ ଭଳି ଲୋକଟାକୁ ବା କିଏ କାହିଁକି ମନେ ପକେଇବ ହୋ ? କେବଳ ମୋର ସଂପତ୍ତି ହେଉଛନ୍ତି ମହାବାହୁ। ଯାହାର କାଳିଆ ସାଆନ୍ତ ଉପରେ ଏକାନ୍ତ ଭରସା ବିଶ୍ୱାସ ଅଛି। ତା'ର ଆଉ କ'ଣ ଦରକାର ହୋ, ମାରିଲେ ମାରିବ ସେହି, ରଖିଲେ ରଖିବ ସେହି। ଏତିକି କଥା ଚିନ୍ତା କରି କରି ଦୁଇ ହାତକୁ ଉର୍ଦ୍ଧ୍ୱକୁ ଟେକି ଜୟ ଜଗନ୍ନାଥ, ଜୟ ଜଗନ୍ନାଥ ବୋଲି ବିକଳରେ କହିଦେଲେ। ନିଷାର୍ଦ୍ଧ ରାତ୍ରୀ, ହଠାତ୍ ଏକ ଗମ୍ଭୀର କଣ୍ଠସ୍ୱର ଶୁଭିଲା " ହେ ବିଶେଶ୍ୱର ! ତୁମର ବହୁଦିନର ସାଧନା ପରିପୂର୍ଣ୍ଣ ହୋଯାଇଛି।' ଆସନ୍ତା କାଲି ତୁମେ ପ୍ରତ୍ୟୁଷରୁ ଦକ୍ଷିଣ, ପଶ୍ଚିମ କୋଣରେ ଦୃଶ୍ୟମାନ ହେଉଥିବା ଫଳ ପୁଷ୍ପରେ ପରିଶୋଭିତ ମହାବୀର ବାଟିକାକୁ ଆମ୍ଭର ବ୍ରହ୍ମ ନେଇ ଯିବ। ସେଠାରେ ପହଞ୍ଚିବା ପରେ ତୁମେ ଗୋଟିଏ ବଟବୃକ୍ଷ ତଳେ ମୋର ପ୍ରଧାନ ଭକ୍ତ ହନୁମାନ ମୋର ପଦ ଯୁଗଳକୁ ଧରି ଧ୍ୟାନସ୍ଥ ରହିଥିବାର ମୂର୍ତ୍ତି ଦେଖିବ। ସେହିଁଠାରେ ହିଁ ଆମର ବ୍ରହ୍ମଙ୍କୁ ରଖି ଉପାସନା କରିବ। ତାହା ପରେ ଯାହା ହେବାକଥା ଠିକ୍ ସମୟରେ ହେବ, ସେଥିପାଇଁ ତୁମେ ଚିନ୍ତା କରିବ ନାହିଁ।" ଏତିକି ଶବ୍ଦ ଶୁଭିବା ପରେ ପରେ ସେ ଦିବ୍ୟ କଣ୍ଠସ୍ୱର ଶୂନ୍ୟ ହୋଇଗଲା। ବିଶର ଆଶ୍ଚର୍ଯ୍ୟ ହୋଇଗଲେ ଭାବିଲେ ମୋର ପିଲାଦିନର ନାମ ବିଶେଶ୍ୱର ଥିଲା, ତାହା କ'ଣ ମୋ ମହାପ୍ରଭୁ ଜାଣିଛନ୍ତି ? ହେ ଜଗନ୍ନାଥ କେମିତି ତୁମର ଏ ଅପାର କରୁଣାକୁ ଏ ଅକିଞ୍ଚନ ବର୍ଣ୍ଣନା କରିବ ତୁମେ କ'ଣ ମୋ ପିଲାଦିନର ନାମକୁ ବି ମନେ ରଖିଛ ? କେଉଁ କାଳରୁ ମୋର ନାମକୁ ଭୁଲିଯାଇ ଲୋକେ ବିଶର ବିଶର ବୋଲି ଡାକନ୍ତି। କିନ୍ତୁ ତୁମେ ପରା ମୋର ମାତା ଆଉ ପିତା, ତୁମେ ମୋତେ ଭୁଲିବ କେମିତି ? ଏହି କଥା ମନେ ମନେ ଚିନ୍ତାକରି ବିଶରଙ୍କ ଆଖିରୁ ଆନନ୍ଦାଶ୍ରୁ ଗଡିଯାଉଥାଏ। ମହାପ୍ରଭୁଙ୍କର ରୂପକୁ ଧ୍ୟାନ କରି କରି ସେହିଠାରେ କିଛି ସମୟ ନିଦ୍ରାଗଲେ ବିଶର। ଆକାଶକୁ ଚାହିଁଲା ବେଳକୁ ପାହାନ୍ତିଆ ତାରାଟା ଦପ୍ ଦପ୍ ହୋଇ ଜଳି ଉଠୁଛି। ଧୀରେ ଧୀରେ ରାତି ପାହି ସକାଳ ହେବାକୁ ଲାଗିଥାଏ। ରାତ୍ରୀଚର ପକ୍ଷୀ ଗୁଡାକ କିଚିରି ମିଚିର ଶବ୍ଦ କରି ଫେରି ଯାଉଥାନ୍ତି ନିଜ ନିଜର ବସାକୁ। ପୂର୍ବ ଦିଗରୁ ଧୀରେ ଧୀରେ ସୂର୍ଯ୍ୟ ଉଠୁଥାନ୍ତି ଉପରକୁ। ବିଶର ଉଠିଲେ ଶଯ୍ୟାରୁ। ସୂର୍ଯ୍ୟଙ୍କର ପହିଲି କିରଣ ଉଦୟ ବଟର ବୃକ୍ଷ ଉପରେ ପଡି ବଡ ଅପରୂପ ଶୋଭାରେ ବିମଣ୍ଡିତ ଦୃଶ୍ୟମାନ ହେଉଛି। ବଡ ବିଚିତ୍ର ମନ ଲୋଭା ଦୃଶ୍ୟ। ଏଭଳି ଦୃଶ୍ୟକୁ ଯିଏ ଥରେ ଦେଖିବ ସିଏ କେବେହେଲେ ଭୁଲିପାରିବନି। ବିଶର ମହାନ୍ତି ସେହିଠାରେ ଦଣ୍ଡାୟମାନ ହୋଇ ଉଦିତ ସୂର୍ଯ୍ୟଙ୍କୁ ଭକ୍ତିଭରା ପ୍ରଣାମ କଲେ। ସମସ୍ତ ସାଧବପୁଅ ମାନେ ଗଣ୍ଡୁକି ନଦୀରେ ସ୍ନାନ ତର୍ପଣ ସାରି ହରିଶ ପୁର ଫେରିବା ପାଇଁ ପ୍ରସ୍ତୁତ ହେଉଥାନ୍ତି। ବିଶର ମହାନ୍ତି ମଧ୍ୟ ପ୍ରତ୍ୟୁଷର ନିତ୍ୟକର୍ମ ସହିତ ସ୍ନାନ ତର୍ପଣ ସାରି ସମସ୍ତ ସାଧବ ପୁଅ ଓ ନାବିକମାନଙ୍କୁ ବିନମ୍ର ତାର ସହ ପ୍ରଣାମ ଜଣାଇ ବିଦାୟ ଦେଉଥାନ୍ତି। ଅତି ବ୍ୟାକୁଳିତ ବାତାବରଣ ସେ ବିଦାୟକାଳିନ ଅନୁଭୂତି। ଲୁହ ଛଳ ଛଳ ଆଖିରେ ବିଶର କହୁଥାନ୍ତି " ହେ ଭାଇମାନେ ! ମହାକାଳର ପ୍ରବାହରେ ହୁଏତ ମୋର ଆପଣମାନଙ୍କ ସହିତ ଦେଖା ହୋଇପାରେ କିମ୍ବା ଆଉ ଦେଖା ହୋଇନପାରେ, ଯଦି କିଛି ଏ ଅକିଞ୍ଚନ ବାଜିଟା ଆପଣମାନଙ୍କ ନିକଟରେ ଭୁଲ୍ କରିଥିବି, ସେଥିପାଇଁ କ୍ଷମା ଦେବେ। ବଡ ହୃଦୟ ସେ ବିଦାୟକାଳୀନ ଦୃଶ୍ୟ। ସମସ୍ତ ସାଧବପୁଅ ମାନଙ୍କୁ ଧରି ବୋଇତ ଚାଲିଲା ଗଣ୍ଡୁକିନଦୀର ଜଳସ୍ତରକୁ ଅତିକ୍ରମ କରି ନୀଳ ସାଗର ଅଭିମୂଖେ। ଧୀରେ ଧୀରେ ଅଦୃଶ୍ୟ ହୋଇଗଲେ ସାଧବ ପୁଅ ଓ ନାବିକମାନେ। ନଦୀକୂଳରୁ ସମସ୍ତଙ୍କୁ ବିଦାୟ ଦେଇ ବିଶର ଫେରି ଆସିଲେ ସେହି ଶୂନ୍ୟ ଶିବିର ନିକଟକୁ ଯେଉଁଠି ଯତ୍ନରେ ରଖିଥିଲେ ବ୍ରହ୍ମମଣି ମୁଦିତ ମୃଦଙ୍ଗ। ଭକ୍ତିଭରା ପ୍ରଣିପାତକଲେ ସେହି ଉଦୟବଟର ବଟ ବୃକ୍ଷକୁ। କାନ୍ଧରେ ମୃଦଙ୍ଗଟିକୁ ପକାଇ ମହାବୀର ବାଟିକା ଅଭିମୂଖେ ଯାତ୍ରାକଲେ ବିଶର। (କ୍ରମଶଃ)

# ଦୁଃଖର ପରିଭାଷା

ଡକ୍ଟର ନାରାୟଣ ବାରିକ
ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ,
ଶିକ୍ଷକ-ଶିକ୍ଷା ବିଭାଗ,
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ବିଦ୍ୟା ବିହାର,
ଭୁବନେଶ୍ୱର-୨୨
ମୋ : ୯୩୪୮୯୪୮୫୪୭

କଥାରେ ଅଛି "ଚ୍‌କ୍ରବତ୍ ପରିବର୍ତ୍ତନ୍ତେ ଦୁଃଖାନିଚ୍ ସୁଖାନିଚ୍"। ଅର୍ଥାତ୍ ଚ୍‌କ୍ର ପରି ଦୁଃଖ ଆଉ ସୁଖ ଅବିରତ ଘୁରୁଥାଏ। ଆଜି ଯେଉଁ ଦୁଃଖରେ ଆମେ ମର୍ମାହତ ଏ ଦୁଃଖ ଯେ ନିଶ୍ଚୟ ବଦଳିଯିବ, ଏଥିରେ ଭାବିବାର ନାହିଁ। ସେହିପରି ଯେଉଁ ସୁଖରେ ଆଜି ମନ ନିମଜ୍ଜିତ ଏ ସୁଖ ଯେ କାଲି ବଦଳି ନଯିବ କିଏ କହିବ। ସେଥିପାଇଁ ଶ୍ରୀକୃଷ୍ଣ କୁରୁକ୍ଷେତ୍ର ଯୁଦ୍ଧ ସ୍ଥଳରେ ଅର୍ଜୁନକୁ କହିଛନ୍ତି-ଅର୍ଜୁନ! ଏ ସମୟ ମଧ୍ୟ ବଦଳିଯିବ। ତାହାର ଅର୍ଥ ହେଉଛି, ଅର୍ଜୁନ! ତୁମେ ବର୍ତ୍ତମାନ ଯେଉଁ ଖୁସି ବା ଦୁଃଖରେ ଅଭିଭୂତ ହୋଇ ପଡୁଛ, ତାହା ଆଖି ପିଛୁଳାକେ ବଦଳିଯିବ। ଗୀତା ମଧ୍ୟ ଏପରି କହେ ଯେ ସୁଖ ଏବଂ ଦୁଃଖ ସମାନ। ତୁମେ ତାକୁ ସପନ ଦୃଷ୍ଟିରେ ଦେଖ। ତେବେ ଦୈନନ୍ଦିନ ଜୀବନରେ ଆମେ କ'ଣ ସବୁବେଳେ ଭଲ ଖବର ଶୁଣିବାର ଆଶା ରଖିବା ଏବଂ ଏପରି ଖୁସିରେ ବିମୋହିତ ହୋଇ ପଡ଼ିବା! ଅଥଚ୍ ଖରାପ ଖବରଟେ ଶୁଣି ବିଚ୍‌ଳିତ ହେବା ନାହିଁ! ରକ୍ତ, ମେଦର ମଣିଷ ନିକଟରେ ଏହା କ'ଣ ସମ୍ଭବ! ପ୍ରକୃତ ଅର୍ଥରେ ନିଜର ସମ୍ପତ୍ତି ଲୁଟି ନେଉଥିବା ବିରୁଦ୍ଧରେ କିଏ ବିକ୍ଷୋଦ୍‌ଗାର ନକରେ! ନିଜର ପରିଜନକୁ ହରାଇ କିଏ ଅଶ୍ରୁ ବିମୁଂଚ୍ନ କରି ବିଚ୍‌ଳିତ ନହୁଏ! ନିଜର ସନ୍ତାନ କୁମାର୍ଗରେ ଯାଉଥିବା ଜାଣି କେଉଁ ପିତା, ମାତା ଧୈର୍ଯ୍ୟ ଧରିପାରିବେ! ବାସ୍ତବରେ ଗୀତାର ମର୍ମଟିର ତାତ୍ପର୍ଯ୍ୟ ଏଠାରେ ବୁଝିବାକୁ ପଡ଼ିବ। କୌଣସି ମନୁଷ୍ୟ ସବୁବେଳେ ସୁଖୀ ହୋଇପାରିବ ନାହିଁ କି ସବୁବେଳେ ଦୁଃଖିତ ହୋଇ ପାରିବ ନାହିଁ। ସେମାନେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ପରିସ୍ଥିତି ଅନୁଯାୟୀ ତାହା ଆମ ପାଖକୁ ଆସିଥାଏ। ଆମେ ଧୈର୍ଯ୍ୟର ସହ ଅପେକ୍ଷା କରିବା ଉଚିତ୍। ଦୁଃଖର କାରଣ ଏବଂ ସୁଖର କାରଣ ସବୁବେଳେ ସ୍ଥାୟୀ ନୁହେଁ। ମନୁଷ୍ୟ ସମୟ ଅନୁସାରେ ଏହାର ସମ୍ମୁଖୀନ ହୋଇଥାଏ। ଆମେ ଆମ ଚତୁଃପାର୍ଶ୍ୱକୁ ଦେଖି ବିବ୍ରତ ହେବା ମନୁଷ୍ୟଗତ ଲକ୍ଷଣ। କିନ୍ତୁ ବାସ୍ତବତା ହେଉଛି ସତ୍ୟ ଯେତେ ତିକ୍ତ ହେଲେ ବି ଏହା ଅବଶ୍ୟ ଆସିବ ଓ ଏହା ଧାର୍ଯ୍ୟ। ସତ୍ୟ ପ୍ରତି ବିମୁଖ ହୋଇ ନିଜକୁ ଅସହାୟ ମନେ କରିବା ଅନୁଚିତ୍। ଯେଉଁ କ୍ଷତଟି ଆପଣଙ୍କୁ ଏତେ ଆଘାତ ଦେଉଛି। ଆପଣ ଦୁନିଆକୁ ଏବଂ ନିଜକୁ ଏତେ ତୁଚ୍ଛ ମଣୁଛନ୍ତି ଯେଉଁଥିପାଇଁ, ଅପେକ୍ଷା ରଖନ୍ତୁ ଏ ସମୟ ଆଗକୁ ନଥିବ। ଆପଣ ପୁନରାୟ ନିଜର ସାମାଜିକ ପଥରେ ପୂର୍ବପରି ଆଗୁସାର ହେବେ। ସମାଜରେ ପୂର୍ବପରି ସୁଖ ଓ ଯଶର ଅଧିକାରୀ ହେବେ। ନିଜର ସଫଳତା ଓ ବିଫଳତା ଦ୍ୱାରା ନିଜକୁ ପ୍ରଭାବିତ କରି ଅଯଥା ସମୟକୁ ଦାୟୀ କରିବା ଅନୁଚିତ।

ଶ୍ରୀକୃଷ୍ଣ ଅର୍ଜୁନକୁ କହୁଛନ୍ତି 'ଯୋଗ' ଶୈଳୀରେ କାମ କର। ଅର୍ଥାତ୍ କାର୍ଯ୍ୟ କରି ଚାଲ, ଫଳ ପ୍ରତି ଉଦ୍‌ବିଗ୍ନ ମନା ହୁଅନାହିଁ। କୌଣସି ପରିସ୍ଥିତି ସହ ତୁମେ ସଂଲଗ୍ନ ହୁଅନାହିଁ। ସବୁ ଆକର୍ଷଣରୁ ବିଛିନ୍ନ ହୋଇ ତୁମ କାମ କର। ସିଦ୍ଧ ଓ ଅସିଦ୍ଧ କଥା ଚ୍ଁତାକରି ମନକୁ ଭାରାକ୍ରାନ୍ତ କରନାହିଁ। ଦୁଃଖ ଓ ସୁଖକୁ ସମାନ ଦୃଷ୍ଟିରେ ଦେଖ। ଏହି ସମାନତାର ଭାବକୁ 'ଯୋଗ' କୁହାଯାଏ।

ଆମେ କୌଣସି ଭଲ କିମ୍ବା ଖରାପ ଖବର ପାଇଁ ଆନନ୍ଦରେ ଅଧୀର ହେବା ଅନୁଚ୍‌ତ ବା ଯନ୍ତ୍ରଣାରେ ବ୍ୟଥିତ ହେବା ଅନୁଚ୍‌ତ। କାରଣ ଏହି ଅବସ୍ଥା ସ୍ଥାୟୀ ନୁହେଁ। ଆମେ ଆମ କର୍ମର ଫଳାଫଳକୁ ନିୟନ୍ତ୍ରଣ କରିପାରିବା ନାହିଁ। ଫଳାଫଳ ଆମ ହାତରେ ନାହିଁ। ତେଣୁ ଆମେ ଆମର ନ୍ୟସ୍ତ କାମ କରିଯିବା ଉଚିତ୍। ତେବେ ଉଭୟ ସୁଖଦ ଏବଂ ଅପ୍ରୀତିକର ପରିସ୍ଥିତିକୁ ସମ୍ମୁଖୀନ କରିବାକୁ ଆମକୁ ଏକ ଶାନ୍ତ ଓ ସନ୍ତୁଳିତ ମନକୁ ନେଇ ସ୍ଥିର ରହିବା ଆବଶ୍ୟକ। ଜୀବନର ଉତ୍‌ଥାନ ଏବଂ ପତନ ଦ୍ୱାରା ଆମେ ଅତ୍ୟଧିକ ବିମୋହିତ ହେବା ଅନୁଚ୍‌ତ୍। ତେଣୁ ଭଲ କିମ୍ବା ମନ୍ଦ ଭାବନା ଦ୍ୱାରା କର୍ମଠାରୁ ଦୂରେଇ ନଯାଇ ଏକ ସମାନ ଦୃଷ୍ଟିଭଙ୍ଗୀକୁ ବଜାୟ ରଖିବା ପରିପକ୍ୱ ଜ୍ଞାନର ସଂକେତ।

ମନୁଷ୍ୟ ଶାରୀରିକ ଦୁଃଖ ଅପେକ୍ଷା ମାନସିକ ଦୁଃଖରେ ବେଳେବେଳେ ହତବୁଦ୍ଧି ହୋଇ ପଡ଼ିଥାଏ। ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଦୁଃଖକୁ ତିନି ଭାଗରେ ବିଭକ୍ତ କରାଯାଇଛି। ପ୍ରଥମ ଦୁଃଖ ହେଉଛି ମୃତ୍ୟୁ ଯୋଗୁଁ ପ୍ରିୟଜନଠାରୁ ଅନ୍ତର ହୋଇଯିବା ବା ଜୀବିତାବସ୍ଥାରେ ନିଜର ପ୍ରିୟଜନ ନିଜଠାରୁ ଦୂରେଇ ଯିବା। ଦ୍ୱିତୀୟ ଦୁଃଖଟି ହେଲା, ଜୀବନରେ କିଛି ଇଚ୍ଛା ଅପୂରଣୀୟ ରହିଯିବା, ଯାହା ମନକୁ ସବୁବେଳେ ଆନ୍ଦୋଳିତ କରୁଥାଏ। ତୃତୀୟ ଦୁଃଖଟି ଅତ୍ୟନ୍ତ ମାରାତ୍ମକ। ଏହା ହେଉଛି ଅନ୍ୟଠାରୁ ଧୋକା ଖାଇବା ବା ବିଶ୍ୱାସଘାତକତା। ଏହି ପ୍ରକାର ଦୁଃଖ ମନୁଷ୍ୟକୁ ମାନସିକ ନିୟନ୍ତ୍ରଣ ହରାଇବା ଆଡ଼କୁ ଟାଣି ନେଇଥାଏ। ଶେଷ ଦୁଃଖଟି ଦୀର୍ଘସ୍ଥାୟୀ। ଏହା କ୍ରମଶଃ ମନୁଷ୍ୟକୁ ଅତିଷ୍ଠ କରିଦେଇଥାଏ। ଏକାକୀ ହୋଇଯିବା ବା ବିରହ ଜୀବନର ବିଷାଦ ମନୁଷ୍ୟକୁ ଅତ୍ୟନ୍ତ ମ୍ରିୟମାଣ କରିଦେଇଥାଏ। ସେହିପରି ବୃଦ୍ଧାବସ୍ଥାରେ ପରିବାର ଓ ସମାଜ ସହ ସକ୍ରିୟ ସଂପର୍କ ବିଚ୍ଛିନ୍ନ ହୋଇଯାଏ, ସ୍ଥିତ ସଂପର୍କରେ ଭଙ୍ଗା ପଡ଼ିଯାଏ, ଘନିଷ୍ଠ ସଂପର୍କ ଭାଙ୍ଗିଯାଇ ଖଣ୍ଡ ବିଖଣ୍ଡିତ ହୋଇଯାଏ। ବୃଦ୍ଧାବସ୍ଥାରେ ମନୁଷ୍ୟ ନିଃସଙ୍ଗ ମନେକରେ। ମନେହୁଏ ସେ ଯେପରି ଗୋଟେ ଅଲୋଡା ଦ୍ରବ୍ୟ। ତା ପ୍ରତି କାହାର ଖାତିର୍ ନାହିଁ। ବରଗଛ ପରି ଯିଏ ଦିନେ ପରିବାରକୁ ନିଜର ଛାୟା ତଳେ ସମସ୍ତଙ୍କୁ ସୁଖ ଦେଉଥିଲା, ଆଜି ସେ ପତ୍ର, ଫୁଲ ବିହୀନ ଲଣ୍ଡା ବୃକ୍ଷଟିଏ। ନା ମୃଦୁ ସମୀରଣରେ ତା'ର ପତ୍ର, ଫୁଲ, ଫଳର ଦୋଳାୟମାନରେ ସେ ଅଭିଭୂତ ହୋଇପାରୁଛି, ନା ପକ୍ଷୀମାନଙ୍କର କନ୍ଦରବରେ ତା' ସମଗ୍ର ଶରୀର ପୂର୍ବପରି ଶିହରିତ ହୋଇ ଉଠୁଛି! ଏ ବୃଦ୍ଧ ବୟସରେ ସେ ମନେକରେ ଆଲିୟନ୍ ପରି ସେ ଏକ ଭିନ୍ନ ଗ୍ରହର ଜୀବ। ନା ତାକୁ କେହି ବୁଝିପାରୁଛନ୍ତି ନା ତା'ର ବାସ୍ତବତାକୁ କେହି ସ୍ୱୀକାର କରି ପାରୁଛନ୍ତି!

ଆଜି ଆମର ଅସଂଯତ ଜୀବନ ଶୈଳୀ ପାଇଁ ପ୍ରତ୍ୟେକ ଜୀବନରେ ଦୁଃଖ, ଜ୍ୟାମିତିର ଉପପାଦ୍ୟ ବା ଏକ ସାମାନ୍ୟ କଥନ ପରି ଦୈନନ୍ଦିନ ଜୀବନର ଏକ ଅବିଚ୍ଛିନ୍ନ ଅଂଗ। ସୁଖର ପ୍ରାଚୁର୍ଯ୍ୟ ଭିତରେ ରହୁଥିବା ମଣିଷ ନିଜ ନିରାପତ୍ତା ପାଇଁ ଯେପରି ଆଶଙ୍କିତ ସେହିପରି ନିଜର ଦୈନନ୍ଦିନ ଗୁଜରାଣ ମେଣ୍ଟାଇ ନପାରୁଥିବା ଅସହାୟ ମଣିଷଟି ସୁଖର ସ୍ପର୍ଶ ପାଇଁ ଅହରହ ମାନସିକ ଗ୍ଲାନିରେ ଅବଗାହନ କରି ନିଜ ଜୀବନ ପ୍ରତି ବୀତସ୍ପୃହ। ତଥାପି ଦୁଃଖର ପରିଧି ଭିତରେ ଏହି ସମାଜରେ ମଣିଷ ରହି ଦିବାରାତି ଅନ୍ୟକୁ ନିଜର ଦୁଃଖ ପାଇଁ ଦୋଷ ଦେଇ ନିଜର ଶାରୀରିକ ଓ ମାନସିକ ଯନ୍ତ୍ରଣାକୁ ବଢାଇ ଚାଲିଛି। ତା'ର ଦୁଃଖର କାରଣ ଯେ ତାକୁ କେହି ବୁଝି ପାରୁନାହାନ୍ତି, ତାକୁ କେହି ସାହାଯ୍ୟ କରୁ ନାହାନ୍ତି କି ତା ଦୁଃଖରେ ଦୁଃଖୀ ହେବାକୁ କେହି ସମୟ ଦେଉନାହାନ୍ତି। ଏପରି ଦୁଃଖ ଭାବନା ମନକୁ କ୍ଷତାକ୍ତ କରିଥାଏ। ଏହା ଦ୍ୱାରା ହୃଦୟରେ ହାହୁତାଶ ଭାବ ସୃଷ୍ଟି ହୋଇଥାଏ ତଥା ଜୀବନ ଏବଂ ସମାଜର ପରିଜନଙ୍କ ଉଦ୍ଦେଶ୍ୟରେ ତିକ୍ତତା ଭାବ ପୋଷଣ ହୋଇଥାଏ, ଯାହାକୁ ପରବର୍ତ୍ତୀ ସମୟରେ ମନରୁ ଦୂର କରିବା ବଡ଼ କଷ୍ଟକର ବ୍ୟାପାରରେ ପରିଣତ ହୋଇଯାଏ।

ଆନନ୍ଦ ଏବଂ ବିଷାଦ ସୃଷ୍ଟିର ଅଂଶ ବିଶେଷ ସମାଜରେ ଆମେ କେତେବେଳେ ସୁଖ ସଂସ୍ପର୍ଶରେ ଆସିଥାଉ ତ କେତେବେଳେ ଦୁଃଖରେ କାକୁସ୍ଥ ହୋଇ ପଡ଼ିଥାଉ। ବାସ୍ତବରେ ସମାଜରେ ଏକ ସନ୍ତୁଳନ ଜୀବନଯାପନ ପାଇଁ ଆମକୁ ସୁଖ ଓ ଦୁଃଖର ଉର୍ଦ୍ଧ୍ୱରେ ରହି ଜୀବନର ଉଦ୍ଦେଶ୍ୟକୁ ପରିପୂରଣ କରିବାକୁ ପଡ଼ିବ। ମୁଣ୍ଡ ଥିଲେ ମୁଣ୍ଡ ବିନ୍ଧା ହେବ, ହୃଦୟ ଥିଲେ ଆଘାତ ଆସିବ, ଦିନସାରା କାର୍ଯ୍ୟ କଲେ ରାତ୍ରିରେ କ୍ଲାନ୍ତ ଅନୁଭବ କରିବାକୁ ପଡ଼ିବ। ଏଥିପାଇଁ ଆମେ ଅନ୍ୟକୁ ବା ସମାଜକୁ ଦୋଷ ଦେବା ଆବଶ୍ୟକ ନୁହେଁ। ନିଜକୁ ଚ୍ଁତାଗ୍ରସ୍ତ ରଖି ଶରୀର ଓ ମନକୁ ଦୁର୍ବଳ କରିବା ଅନୁଚ୍‌ତ। ମୋର ଜଣେ ବଂଧୁଙ୍କର ଉଚ୍ଚତା କମ୍ ବୋଲି ବହୁତ ଅର୍ଥ ବ୍ୟୟ କରି ଦୀର୍ଘକାୟ ହେବାକୁ ବହୁତ ଚ୍ଷ୍ଟା କଲେ, ବହୁତ ଚିକିତ୍ସକଙ୍କ ସହ ପରାମର୍ଶ କଲେ ଓ ସଦାସର୍ବଦା ଖର୍ବକାୟ ଶରୀର ବୋଲି ନିଜକୁ ଅସହାୟ, ହେୟ ଓ ନବଗ୍ର ମନେ କରନ୍ତି। ସେ ମତେ ଅନେକଥର କହିଛନ୍ତି- ମୋତେ ଯଦି ଏ ଜନ୍ମରେ ତପସ୍ୟା କରିବାକୁ ପଡ଼େ, ମୁଁ ତପସ୍ୟା କରିବି, ପ୍ରଭୁ ମୋତେ ଆପଣଙ୍କ ପରି ଦୀର୍ଘକାୟ ପରଜନ୍ମରେ ହେବାକୁ ଆଶୀର୍ବାଦ ଦିଅନ୍ତୁ। ମୁଁ ଆଉ ଆପଣଙ୍କ ପାଖରେ ଠିଆ ହୋଇ ମୁଣ୍ଡଟେକି ଯେପରିକି ଆପଣଙ୍କୁ ନଚାହେଁ। ତେଣୁ ଦୁଃଖ, ସୁଖ ପାଇଁ ବିବ୍ରତ ନହୋଇ ଆମ ଚିନ୍ତା ଓ ଧାରଣାକୁ ଶାଶ୍ୱତ ଓ ନିରାମୟ ରଖିବା ଉଚ୍‌ତ୍।

# ଓଡ଼ିଆ ସାହିତ୍ୟରେ ଆଧୁନିକ ପର୍ବର ପ୍ରବେଶ ଓ ସଂଗ୍ରାମ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

**ଓଡ଼ିଆ ସାହିତ୍ୟରେ ଓଡ଼ିଆ ନାଟକ ସହିତ ଗଳ୍ପ, ଉପନ୍ୟାସ ମଧ୍ୟ ନୂତନ ନୂତନ ଏକ ନୂତନ ଅଧ୍ୟାୟ ନେଇ ଗତି କରିଥିଲା ଆଉ ତାହା ସହିତ ଓଡ଼ିଆ ପ୍ରବନ୍ଧ ଓ ରମ୍ୟ ରଚନାର ମଧ୍ୟ ବିକାଶ ହୋଇଥିଲା । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଦାସ, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଶରତ କୁମାର ମହାନ୍ତି, ବାମାଚରଣ ମିତ୍ର, ପ୍ରମୁଖ ଓଡ଼ିଆ ପ୍ରବନ୍ଧ ଓ ରମ୍ୟରଚନା କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଆତ୍ମଚରିତ ରଚନା କରାଯିବାର ଗୋଟିଏ ନୂତନ ପ୍ରବଣତା ପ୍ରକାଶ ପାଇଅଛି । ପ୍ରାୟ ଶତାଧିକ ଆତ୍ମଚରିତ ଲେଖାଯାଇ ଏହି ବିଭାଗଟି ଓଡ଼ିଆ ସାହିତ୍ୟରେ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିଅଛି । ଭ୍ରମଣ କାହାଣୀ ବହୁ ସଂଖ୍ୟାରେ ରଚିତ ହୋଇ ଓଡ଼ିଆ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ସ୍ୱାଧୀନତା ପୂର୍ବକାଳରୁ ସମାଲୋଚନା ଲେଖାଯାଇଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଲୋଚନାର ହୋଇଛି ଭୂୟୋବିକାଶ । ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ନଟବର ସାମନ୍ତରାୟ, ନରେନ୍ଦ୍ର ନାଥ ମିଶ୍ର, କୁଞ୍ଜବିହାରୀ ଦାଶ ପ୍ରମୁଖ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି। ପୂର୍ବରୁ ପଣ୍ଡିତ ବିନାୟକ ମିଶ୍ର ସମାଲୋଚନା ଲେଖିବା ସହିତ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଥିଲେ ।**

ଆମ ଓଡ଼ିଶାର ଓଡ଼ିଆ ନାଟକ କ୍ଷେତ୍ରରେ ନାଟ୍ୟକାରଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଚେଷ୍ଟା ରହିଥିଲା। ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଆ ନାଟକ ରଚନା କ୍ଷେତ୍ରରେ କାଳୀଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ଭଞ୍ଜ କିଶୋର ପଟ୍ଟନାୟକ, କମଳ ଲୋଚନ ମହାନ୍ତି, ରଘୁନାଥ ପଣ୍ଡା, ଭୁବନେଶ୍ୱର ମହାପାତ୍ର ଓ କୃଷ୍ଣପ୍ରସାଦ ବେହେରା ପ୍ରମୁଖଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । କାଳୀଚରଣଙ୍କର 'ଭାତ', 'ରକ୍ତମାଟି', 'ଅଭିଯାନ', ରାମଚନ୍ଦ୍ର ମିଶ୍ରଙ୍କର ' ଭାଇ ଭାଉଜ', 'ଘର ସଂସାର', ଭଞ୍ଜ କିଶୋରଙ୍କର 'ମାଣିକଯୋଡ଼ି', 'ଜୟ ମାଲ୍ୟ', ଗୋପାଳ ଛୋଟରାୟଙ୍କର ' ଭରସା', 'ପର କଲମ' ଆଦି ନାଟକ ଏକଦା ଓଡ଼ିଶାର ରଙ୍ଗମଞ୍ଚମାନଙ୍କରେ ଚହଳ ପକାଇଥିଲା । ମନୋରଞ୍ଜନ ଦାସଙ୍କର 'ଆଗାମୀ' ଓ 'ସାଗର ମନ୍ଥନ' ନାଟକ ପରେ ପରେ ଓଡ଼ିଆ ନାଟକର ହେଲା ପରିବର୍ତ୍ତନ । ପରେ ମନୋରଞ୍ଜନ ରଚନା କଲେ 'ଆରଣ୍ୟ ଫସଲ','ବନହଂସୀ', 'ଶବ୍ଦ ଲିପି', 'କାଠଘୋଡା', 'ନନ୍ଦିକାକେଶରୀ', ପରି ନୂତନ ଶୈଳୀର ନାଟକ । ଏହି ନୂତନ ପ୍ରାୟୋଗିକ ଶୈଳୀକୁ ନେଇ ବିଶ୍ୱଜିତ୍ ଦାସ, ବିଜୟ ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ନାଟକ ରଚନା କଲେ ।

ସେହିପରି ଓଡ଼ିଆ ସାହିତ୍ୟରେ ଓଡ଼ିଆ ନାଟକ ସହିତ ଗଳ୍ପ, ଉପନ୍ୟାସ ମଧ୍ୟ ନୂତନ ନୂତନ ଏକ ନୂତନ ଅଧ୍ୟାୟ ନେଇ ଗତି କରିଥିଲା ଆଉ ତାହା ସହିତ ଓଡ଼ିଆ ପ୍ରବନ୍ଧ ଓ ରମ୍ୟ ରଚନାର ମଧ୍ୟ ବିକାଶ ହୋଇଥିଲା । କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଦାସ, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଶରତ କୁମାର ମହାନ୍ତି, ବାମାଚରଣ ମିତ୍ର, ପ୍ରମୁଖ ଓଡ଼ିଆ ପ୍ରବନ୍ଧ ଓ ରମ୍ୟରଚନା କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କାଳରେ ଆତ୍ମଚରିତ ରଚନା କରାଯିବାର ଗୋଟିଏ ନୂତନ ପ୍ରବଣତା ପ୍ରକାଶ ପାଇଅଛି । ପ୍ରାୟ ଶତାଧିକ ଆତ୍ମଚରିତ ଲେଖାଯାଇ ଏହି ବିଭାଗଟି ଓଡ଼ିଆ ସାହିତ୍ୟରେ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିଅଛି । ଭ୍ରମଣ କାହାଣୀ ବହୁ ସଂଖ୍ୟାରେ ରଚିତ ହୋଇ ଓଡ଼ିଆ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି । ସ୍ୱାଧୀନତା ପୂର୍ବକାଳରୁ ସମାଲୋଚନା ଲେଖାଯାଇଥିଲେ ମଧ୍ୟ ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଲୋଚନାର ହୋଇଛି ଭୂୟୋବିକାଶ । ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ନଟବର ସାମନ୍ତରାୟ, ନରେନ୍ଦ୍ର ନାଥ ମିଶ୍ର, କୁଞ୍ଜବିହାରୀ ଦାଶ ପ୍ରମୁଖ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି। ପୂର୍ବରୁ ପଣ୍ଡିତ ବିନାୟକ ମିଶ୍ର ସମାଲୋଚନା ଲେଖିବା ସହିତ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଥିଲେ । ପରେ ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ସୁରେନ୍ଦ୍ର ମହାନ୍ତି, ମାୟାଧର ମାନସିଂହ, ନଟବର ସାମନ୍ତରାୟ, କୃଷ୍ଣଚରଣ ବେହେରା, ବଂଶୀଧର ମହାନ୍ତି ପ୍ରମୁଖ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରିଅଛନ୍ତି । ଏହି ସମୟରେ ମଧ୍ୟ ଶିଶୁ ସାହିତ୍ୟର ହୋଇଛି ବିକାଶ । ବହୁ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ର ପ୍ରକାଶ ପାଇ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରକାଶ ଓ ପ୍ରସାରରେ ପ୍ରେରଣାପ୍ରଦ ଭୂମିକା ନେଇଅଛି । ଓଡ଼ିଆ ସାହିତ୍ୟର ଅତ୍ୟାଧୁନିକ ପର୍ବରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ଆତ୍ମଅନ୍ୱେଷା ଓ ବାମାବାଦ ବା ନାରୀବାଦ ବିଶେଷ ଗୁରୁତ୍ୱ ନେଇଅଛି । ଏହି ସମୟରେ ନାଟକ ଆଉ ଦର୍ଶକଙ୍କୁ ଆକର୍ଷଣ କଲା ନାହିଁ। ଏପରି ଅବସ୍ଥାରେ ଉତ୍ତର ଆଧୁନିକ ପର୍ବର ହେଲା ଉନ୍ମେଷ । ପରଂପରାନୁସନ୍ଧାନ ଓ ତାର ପୁନଃ ସଂସ୍ଥାନ, ଲୋକାନୁଷଙ୍ଗ ଓ ଲୋକାୟତ ଚିନ୍ତାଧାରା ଗୁରୁତ୍ ଲାଭ କରି ସାହିତ୍ୟକୁ ପ୍ରଦାନ କଲା ନୂତନ ଜୀବନୀ ଶକ୍ତି । ଏବେ ଓଡ଼ିଆ ସାହିତ୍ୟ ଉତ୍ତର-ଆଧୁନିକ ପର୍ବରେ ଗତି କରି ଆପଣାର ମାଟି ଧରିବାକୁ ଚେଷ୍ଟା କରୁଛି । ଅତଏବ ଆଧୁନିକ ଓଡ଼ିଆ ସାହିତ୍ୟ ଦୀର୍ଘ ଧରି କେତେ ପରୀକ୍ଷା ନିରୀକ୍ଷା ଦେଇ ସଂଗ୍ରାମ ଜାରି ରଖିଛି ଯାହା ଆଉ ପଛକୁ ଫେରି ଚାହିଁ ନାହିଁ ବରଂ ଆଗକୁ ଆଗକୁ ତାହା ଗତି କରି ଚାଲିଛି । ଜାତୀୟ ସଂପର୍କ ପ୍ରତିଷ୍ଠା ସହିତ ଆନ୍ତର୍ଜାତିକ ସଂପର୍କ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଛି । ସାହିତ୍ୟର ବିଭିନ୍ନ ବିଭାଗରେ ଓଡ଼ିଆ ସାହିତ୍ୟ ଯେ ସ୍ପଷ୍ଟ ମୁଦ୍ରାଙ୍କ ରଖିଛି ତାହା ପାଠକ ସହଜରେ ଉପଲବ୍ଧି କରିଅଛନ୍ତି।

*Printed & Published by* **Basanti Roy** on behalf of **Integral Publication Pvt. Ltd.**, Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

# ମହାନଦୀ

ଆଦ୍ୟାଶା ମହାପାତ୍ର

କାନ୍ଦି କାନ୍ଦି ଦେଖ ସିଏ ହେଉଛି ଅଧିର
କେହି ନାହିଁ ଶୁଣିବାକୁ ବିନତି ତାହାର,
ପାଣି ଟୋପେ ପାଇଁ ସିନା ତା'ର ହତଶିରୀ
ହାତ ପାତି ଠିଆ ଆଜି ଭାଗ୍ୟକୁ ଆଦରି ।।

ତା' ଉଛୁଳା ଦେହ ପାଇଁ ବସିଥିଲା ହାଟ
ଶୁଖି ଶୁଖି ଦେହ ତା'ର ଏବେ କଳାକାଠ,
ଉଛାଙ୍ଗ ଜୀବନ ସ୍ରୋତ ହୋଇଛି ତା ଭସ୍ମ
ତିଳ ତିଳ ଜଳି ପୋଡ଼ି ମୁଠାଏ ପାଉଁଶ ।।

ଅନ୍ତର ବେଦନା କହି ହୁଏ ନିଉଛାଳି
ବୁଲଇ କେମିତି ଦେଖ ଏଓଳି ସେଓଳି,
କିଏ ବା ଶୁଣିବ ତା'ର ଆକୁଳ କାହାଣୀ
ଶୋଷକ ଶୁଣାନ୍ତି ତୁଚ୍ଛା ମିଠା ମିଠା ବାଣୀ ।।

ଶୁଣନ୍ତା ତା' କଥା ଯିଏ ବିବେକ ତା' ବନ୍ଦୀ
ଶିଳ୍ପପତି ଜାଲରେ ସେ ହୋଇଛନ୍ତି ଛନ୍ଦି,
ହରିଛନ୍ତି ସେଇମାନେ କପଟେ ତା' ପାଣି
ଭରିଛନ୍ତି ଅକାତରେ ନେତାଙ୍କର ମୁଣି ।।

ତାକୁ ନେଇ ବିତର୍କରେ ମିଛର ଭେଳିକି
ଦୁଇ ମୁତୁରୀଙ୍କ ହେଁସ ଉଠଇ ମହକି,
କାରଖାନା ଶୋଷେ ପାଣି ସତେ ଜଳସ୍ତମ୍ଭ
ଉଜୁଡ଼ାଏ ନିତିଦିନ ଚିରସ୍ରୋତା ଦମ୍ଭ ।।

ଶୁଣିବ କିଏ ସେ ସବୁ ଜାଣି ଶୁଣି କାଳ
ନିର୍ବିଘ୍ନରେ ଯଦି କୋଷ ହୁଏ ମାଲାମାଲ,
ଶିଳ୍ପ ଶାଗୁଣା ତାକୁ ଖାଇଯାନ୍ତି ଭିଡି
ବେପାରୀ ବିଲୁଆ ପୁଣି ରହିଛନ୍ତି ବେଢ଼ି ।।

ଯାଏ ଆସେ କେତେ ତାଙ୍କ ଶୁଖିଗଲେ ପାଣି
ଉଜୁଡିଲେ କ୍ଷେତ, ବାଡ଼ି, ଜଳଚର, ପ୍ରାଣୀ,
ହେ ଈଶ୍ୱର ! ଦିଅ ତାଙ୍କୁ ସତ୍ ଜ୍ଞାନ ବୁଦ୍ଧି
ରାଜ୍ୟର ଜୀବନ ରେଖା ଥାଉ ମହାନଦୀ !!

ନୂଆପଡା, କଟକ

# ଦିଗାଲ ବାବୁଙ୍କର ଅବସର ଅନ୍ତରାଳେ

ଡ. ଦୀପକ କୁମାର ମିଶ୍ର

ଅବିଶ୍ରାନ୍ତ ପରିଶ୍ରମକୁ କାନ୍ଧରେ ବୋହି
ସଂଘର୍ଷର ଖନ୍ଦା ଅତିକ୍ରମ କରି
ନିଦ, ଭୋକ, ଦକ ଆଦିଙ୍କୁ
କଞ୍ଚି ମାରି କିଳି
ଏକ ଦୀର୍ଘ ଅବଧିକୁ ଦୀର୍ଘଶ୍ୱାସଟେ ମାରି
ଶାନ୍ତିରେ ଶେଷ କରିଦେବା ହିଁ
ବୋଧେ ଚାକିରିର
ଶ୍ରେଷ୍ଠ ପୁରସ୍କାର ।

ଚାକିରିର ଚକା ଭଉଁରୀରେ
ଚକ୍କର କାଟି କାଟି ଥକି ପଡ଼ିଥିବା
ଏଇ ଆମ ଦିଗାଲ ବାବୁଙ୍କ ଓଠରେ ଥିଲା
ଚେନାଏ ମୁଚୁକୁନ୍ଦ ହସ,
ଜୀବନର କିଛି ବିରୋଧାଭାସ
ଅଳ୍ପ କିଛି ମାନ ଅଭିମାନ,
ଏଇ ଯେମିତି
କୋହର କଦମତାଳ

କାହାକୁ ଦେଖାଇ ନପାରିବାର
ଅଶୁଣା ବୃଥା ଅଭିଯୋଗ ।

କହିଲେ, ମୁହଁ ପୋଛି
ନିଦରେ ବିଳିବିଳେଇ ହୋଇ ବି
ବ୍ୟକ୍ତି ଅବ୍ୟକ୍ତିଙ୍କ ସହ ସାଲିସ କରି
ଝାଳନାଳ ହୋଇ
ଜୀବନକୁ ବଞ୍ଚିବା ନାଁରେ
ଲମ୍ବା ଫିତାରୁ କିଛି କିଛି କାଟି
ଫିଙ୍ଗିଦେବା କଥା ହିଁ
ସଫଳ ଅବସର କାହାଣୀର
ଲମ୍ବା ଇତିବୃତ୍ତ ।

ଘର କରି ନାହାନ୍ତି ଦିଗାଲ ବାବୁ
ଦଶଦିଗରେ ଛ' କୋଡ଼ି ଚିନ୍ତା
ଘେରି ଘେରି ବୁଲି
ଭୁଲି ଯାଇଛନ୍ତି ତାଙ୍କର ନିଜର ଆସ୍ଥାନ ।

ଯାହା ହେଉ ସମସ୍ତେ କହିଲେ
ଦିଗାଲ ବାବୁ ଭଲଲୋକ,
ମୁଣ୍ଡ ଟୁଙ୍ଗାରି କହିଲି...
ଭଲଲୋକର ଜୀବନ ସାରା ସାଲୁବାଲୁ
କଷ୍ଟ ଆଉ କଷ୍ଟ ।



ଭୁବନେଶ୍ୱର
ମୋ-୮୨୮୦୨୧୧୦୦୦

# ମାଆ ଦୁର୍ଗା

ସର୍ବେଶ୍ୱର ନନ୍ଦ

ଗରବ ଗଞ୍ଜନ ବାନା
ଅଟେ ମାଆ ତୋର
ଯେ ଗର୍ବ କରଇ ତାର
ଗର୍ବ କରୁ ଚୁର ।

ଯୁଗେ ଯୁଗେ ଅବତରି
ଦନୁଜ ସଂହାରୁ
ତୋହରି ପ୍ରସାଦେ ମାତ
ଦ୍ରୁବ ହୁଏ ଦାରୁ ।

ଭକ୍ତଙ୍କ ଜୀବନ ତୁହି
ଭକ୍ତ ତୋ ଜୀବନ
ଭକତ ହିତରେ ମାତ
ସଦା ତୋର ମନ ।

ଏ କଳି କାଳରେ ଦୁଷ୍ଟ
ହୋଇଲେ ପ୍ରବଳ
ଦୁଷ୍ଟ ମାନଙ୍କୁ ସଂହାରି
ସନ୍ଥଙ୍କୁ ମାଆ ପାଳ ।

ଅଭାଗ୍ୟର ଭାଗ୍ୟଦାତ୍ରୀ
ଅଟୁ ମାଲୋ ତୁହି
ଭାଗ୍ୟରେ ନଥିଲେ ମାତ
ଯାଚି ଦେଉ ତୁହି ।



ଖଳି ପଲ୍ଲୀ, କେନ୍ଦୁପଲ୍ଲୀ
କଳା ପଥର, କଟକ
ପିନ୍-୭୫୪୦୦୯

# ସ୍ମୃତି ତୁମେ

ରମାକାନ୍ତ ଦାସ

ସ୍ମୃତି ତୁମେ ଆଜି
ନିରାଶାର ବାଲିଘର
ପ୍ରଣୟର ପରିଭାଷା
ସ୍ମୃତି ତୁମେ ସେଇ
ଅତୀତର ପ୍ରତିଶୃତି
ଭାଙ୍ଗିଯାଇଥିବା ଆଶା ।।

ସ୍ମୃତି ତୁମେ ଆଜି
ଅବୁଝା ଫଗୁଣ ସାଥି
ରଙ୍ଗଭରା ପ୍ରେମ ଅବିର
ସ୍ମୃତି ତୁମେ କେବେ
ନିଶୀଥ ଯୋଛନା
ନିର୍ଭୀକ ଅଭିସାର ।।

ସ୍ମୃତି ତୁମେ ସେଇ
ନୀଳ ସାଗର ସାମୁକା
ଗୀତଟିଏ ଝରଣାର
ସ୍ମୃତି ତୁମେ ଆଜି
ଝଡି ବରଷାର ରାତି
ଅବୁଝା ମନର ସ୍ୱର ।।

ସ୍ମୃତି ତୁମେ ମୋର
ଜୀବନ ବିତାକେ
ଫଗୁଣ କୋକିଳ ଗୀତି
ସ୍ମୃତି ତୁମେ ଆଜି
ନିଦାଘର ଘରେ
ଲିଭିଯାଇଥିବା ପ୍ରେମବତୀ ।।

ସ୍ମୃତି ତୁମେ ଆଜି
ନିଶିଦ୍ଧ ନିଶିରେ
ପଲକେ ଉଙ୍କିମାରୁଥିବା ସ୍ୱପ୍ନ
ସ୍ମୃତି ତୁମେ ଆଜି
ବିରହ ବେଦନା
ତୁମ ଭାବନାରେ ଜଳେ ମନ ।।



ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ - ୯୬୬୮୮୧୫୩୬୯

# ଅଲୋଡ଼ା ସ୍ମୃତି

ସତ୍ୟନାରାୟଣ ପ୍ରଧାନ

ପୂର୍ଣ୍ଣିମା ଆକାଶଟା ଅମାବାସ୍ୟା ପରି
କାହିଁକି ଲାଗୁଛି ଆଜି
ଅଦିନ ମେଘରେ ସାଇତା ସପନ
କେବେଠୁ ଯାଇଛି ହଜି ।।

ପ୍ରେମରେ ନ ଥିଲା ଶାଶ୍ୱତର ଚିହ୍ନ
ଧୋକା ପ୍ରତାରଣା ଲେଖା
ତଥାପି କାହିଁକି ମୋ ମନେ ପଡୁନି
ଥିଲା ସେ ପ୍ରଥମ ଦେଖା ।।

ମଥାରେ ବୋଳିଲ କଳଙ୍କର ଟୀକା
କେମିତି ପାରିବି ଭୁଲି
ଅଧା ବାଟେ ଛାଡି କରିଗଲ ଏକା
ଯେମିତି ଲାଗୁଛି କାଲି ।।

ପ୍ରେମରେ ତ ଥାଏ ଭୁଲ ଥିଲେ କ୍ଷମା
ମନଟା ତ ଉଡ଼ା ପକ୍ଷୀ
ଆକାଶ ମାଟିକୁ ଛୁଇଁ ଥିଲା କେତେ
ବରଷା ତାହାର ସାକ୍ଷୀ ।।

ରାତିର ଅନ୍ଧାରେ ତୁମ ଚିଠି ସବୁ
ପବନରେ ଦେଲି ଉଡାଇ
ଅଲୋଡ଼ା ସ୍ମୃତିରେ ବଞ୍ଚୁଥିଲି ବୋଲି
ବିବେକଟା କରେ ଲଢେଇ ।।



ଅଣ୍ଡିଆ, ଜେନାପୁର, ଯାଜପୁର
ପିନ୍ -୭୫୫୦୨୩
ମୋ -୯୧୭୮୩୧୩୬୪୪

# କଣ କରିଥିଲ କହିବି ନାହିଁ

ସୁନନ୍ଦା ମହାନ୍ତି

ଯେତେବେଳେ ଯାହା
ସେତେବେଳେ ତାହା
ଆଣିଦେଇଛନ୍ତି ବାପା
ନହୋଇ କେବେ ଖପା
ଯେତେବେଳେ ଯାହା ସୁପାରିଶ
ମୋ ପାଇଁ କରିଛି ବୋଉ
କେମିତି କହିବି କରିନାହଁ କିଛି
ବାପା ପଢ଼େଇଲେ
ବୋଉ ବଢ଼େଇଲା
ଶିଖାଇଲେ କେତେ କଥା
ଆଜି ମୋ ମୁଣ୍ଡକୁ ହାତ ପାଇଗଲା
ଛାଡିବି କେମିତି ତାଙ୍କ ବରଦାନସବୁକୁ
ମୋ ଭାଗ୍ୟ ମତେ ନେଉଛି ଟାଣି
ସେ ଦୁହେଁ ମୋତେ ଟାଣି
ଧରାଇଲେ ଭାଗ୍ୟଡୋରି
କର୍ମ କରି ଯା ଉଭୁରୀ ବତୁରୀ
ଭୁଲିବି କେମିତି
ନଈ ଶିଖାଇଲା ବହିଯିବୁ କରି ଦାନ
ଗଛ ଶିଖାଇଛି କରିଯିବୁ ପୁଣ୍ୟ
ପାହାଡ଼ଠୁ ନୀରବ ଜ୍ଞାନ
ଆକାଶଠୁ ବଞ୍ଚିବାକୁ ଶୁନ୍ୟ ଜୀବନ
ପକ୍ଷୀଠୁ କୁଜନ ଭିତରେ ସମ୍ମୋହନ

ଏତେ ସବୁ ପାଇ
କିଛି ଦେଇ ନାହିଁ
କହିଲେ ଲାଗିବ ପାପ ନିସ୍ତାର ନାହିଁ
ପିମ୍ପୁଡିର ଏକତା
ମହୁମାଛିଠୁ ମିତ୍ରତା
ବିରୁଡି ଶିଖାଏ ଶୈଳୀ
ପକ୍ଷୀ ବସା ଭଳି
ଭଅଁରର ଘର ସ୍ୱର୍ଗ ଭଳି
ଝରଣାରେ ସାତରଙ୍ଗ ଗୋଳି
ପ୍ରକୃତିର କଳା ସଂସ୍କୃତି ସଭ୍ୟତାରେ
ନାହିଁ ହେଳା
ବୁଡିନାହିଁ ଭେଳା
ଏତେସବୁ ପରେ ଆଉ କାହାଠାରେ
ଆଶା ରଖି ବେଶି କରିନି କୌଣସି
ଅଭିଯୋଗ ଯାଇ ରଷି
ଶିଖିଛି ଏତେ ହୁଏନା ପରତେ
କଳା କୌଶଳ ଆବଶ୍ୟକତା ଯେତେ



ସାକ୍ଷୀଗୋପାଳ
ପୁରୀ
୯୦୪୦୯୭୭୩୨୭

# ଅଭିନୟ

ପ୍ରଶାନ୍ତ ବ୍ରହ୍ମା

ମୁହେଁ ବୋଳି ରଙ୍ଗ କରେ ଅଭିନୟ
ଭୁଲି ନିଜ ପରିଚୟ
ଅଭିନୟ ପରା ଏତେ ଯେ ନିଷ୍ଠୁର
ଲାଗୁଥାଏ ଭାରି ଭୟ

କେବେ ହସ ଆଉ କେବେ ପରା କାନ୍ଦ
ଅଭିନୟର ଢ଼େଉରେ
କିଏ କରେ ଗାଳି କିଏ ମାରେ ତାଳି
ଅଭିନୟର ଯୁଦ୍ଧରେ ।

ସତ ଅଭିନୟକୁ ଲୁଚାଇ ମନେ
ମିଛରେ ହସେ ସେହି
କିଏ ବା ଜାଣିବ ଏ ମନ ଭାବନା
ନିଜ ପରିଚୟ ଲୁଚାଇ ।

ଛୋଟ କଳାକାର ଯେ ମୋ ପରିଚୟ
ମଞ୍ଚ ମୋ ଜୀବନ ସାଥି
ମଞ୍ଚ ବିନା ଜୀବନ ଲାଗେ ଅଧୁରା
ଯେବେ ଆସିଥାଏ ରାତି ।



ପଳାଶପୁର, ଖୋର୍ଦ୍ଧା

# ବିଶ୍ୱାସର ବିଶାଳତା

ଅନସୂୟା ପଣ୍ଡା

ବିଶ୍ୱାସର ବିଶାଳ ପଦ୍ମବନରେ
ସାତ ତାଳ ପଙ୍କରୁ
ପ୍ରେମର ନୀଳୋତ୍ପଳ
କଥା ଓ କବିତା ହୋଇ ଜନ୍ମ ନିଏ ।
ଆକାଶର କୋରଡରୁ
ଅଭିମାନର ବାଦଲ ବରଷିଲେ
ମାଟି ବିଶ୍ୱାସର ବାସ୍ନାରେ ମହକେ ।
କୁଆଁରୀ ସନ୍ଧ୍ୟା
ଅନ୍ଧାରକୁ କଜଳ କରି
ବିଶ୍ୱାସରେ ପିନ୍ଧି ଦେବାପରେ
ଆଉ କ'ଣ ରୋକିପାରେ
ଆଗେଇ ନିଏ ଆଲୋକର ଦିଶାରେ ।
ଚୈତ୍ରର ଡହଡହ ଖରାରେ
ବିଶ୍ୱାସ ବାଟ କଢେଇ ନିଏ

ଶୀତଳ ଅନୁଭବ ଦେଇ
ଆତ୍ମାର ପୀଠ ଯାଏ ।
ବିଶ୍ୱାସର ବଂଶୀ ବାଜିଲେ
ନିଧୁବନ ଅନ୍ଧାର ହଜିଯାଏ
ଦୀପ୍ତ ଆଲୋକର
ଅଖଣ୍ଡ ଶିଖାରେ ।
ବିଶ୍ୱାସର ଛାତିଟିଏ
ଅଟକେଇ ପାରେ
ମହାକାଳୀଙ୍କ ପାଦକୁ ଶିଥିଳ କରି
ମନକୁ କୋମଳତାରେ ଭରି
ଯୋଗିନୀ ତନ୍ତ୍ରରେ ରୁଦ୍ରାକ୍ଷ ମାଳରେ ।

ବହୁଥିବା ପବନରେ
ବିଶ୍ୱାସ ଚରିଗଲେ
ଚରାଚର ବିଶ୍ୱ ବ୍ରହ୍ମାଣ୍ଡ
ପାଲଟିଯିବ ସତୀର୍ଥଟିଏ ।



ବୁର୍ଲା, ସମ୍ବଲପୁର, ୭୬୮୦୧୮
ମୋ-୯୪୩୯୨୧୧୯୭୧

# ଶ୍ରାବଣ ଝରାଏ ଲୁହ

ଶରତ କୁମାର ଦାସ

ଆକାଶରେ ନାହିଁ ତାରାଙ୍କ ମେଳଣ
ନାହିଁ ଜ୍ୟୋସ୍ନାଭିଜା ରାତି,
ରହିରହି ଶୁଭେ ଝିଙ୍କାରୀର ସୁର
ମନେ ଭରିଯାଏ ଭୀତି.... ।୦ ।

ଲବଙ୍ଗଦ୍ୱୀପରେ ଆତଙ୍କର ନିଆଁ
ବିଶ୍ୱାସର ଜୁଇ ଜଳେ
ସପନର ଫୁଲ ମଉଳି ଗଲାଣି
ଅବଶ ମୋ ଆଖି ହଳେ
ଘନ ଅନ୍ଧକାର ବଢିବଢିଯାଏ
ଥରେ କାହିଁ ମୋର ଛାତି
ଆକାଶରେ ନାହିଁ ତାରାଙ୍କ ମେଳଣ
ନାହିଁ ଜ୍ୟୋସ୍ନାଭିଜା ରାତି... ।୧ ।

ଶୁଭୁନାହିଁ ଆଉ ବର୍ଷାର ଗଜଲ
ଶ୍ରାବଣ ଝରାଏ ଲୁହ
ବଣ, ବିଲ, ପାଟ ସଭିଏ ଝୁରନ୍ତି
ମନେ ଅସୁମାରୀ କୋହ
ଚନ୍ଦନବନରୁ ଝରୁନି ମହକ
ବଦଳୁଛି ରୀତିନୀତି
ଆକାଶରେ ନାହିଁ ତାରାଙ୍କ ମେଳଣ
ନାହିଁ ଜ୍ୟୋସ୍ନାଭିଜା ରାତି..... ।୨ ।

କୁଞ୍ଜବନେ ଆଉ ଶୁଭୁନି ବଇଁଶୀ
ଶୁଭୁନି ନୂପୁର ସୁର
ଉଜାଣି ବୋହୁଛି ଯମୁନାର ନୀର
ଶୂନ୍ୟ ଲାଗେ ନନ୍ଦପୁର
ଶିଥିଳ ହେଲାଣି ସମ୍ପର୍କର ସୁଅ
ଫିକାଲାଗେ ପ୍ରୀତିଗୀତି
ଆକାଶରେ ନାହିଁ ତାରାଙ୍କ ମେଳଣ
ନାହିଁ ଜ୍ୟୋସ୍ନାଭିଜା ରାତି..... ।୩ ।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୩ ମଇ, ଶୁକ୍ରବାର, ୨୦୨୫


# ରୋମାଞ୍ଚକର ସ୍ଥିତିରେ ଅରେଞ୍ଜ-ପର୍ପଲ କ୍ୟାପ୍ ରେସ୍




**ନୂଆଦିଲ୍ଲୀ**

୨୦୨୫ର ୬୩ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୫୯ ରନ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହି ବିଜୟ ସହିତ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ପ୍ଲେଅଫରେ ପହଞ୍ଚିଛି। ଫଳରେ ଦିଲ୍ଲୀର ଟାଇଟଲ ଜିତିବାର ସ୍ୱପ୍ନ ଭାଙ୍ଗିଯାଇଛି। ସୂର୍ଯ୍ୟକୁମାର ଯାଦବଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଟାଇଟଲ ମିଳିଥିଲା, ସେ ୭୩ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ସୂର୍ଯ୍ୟ ଅରେଞ୍ଜ କ୍ୟାପର ବହୁତ ନିକଟତର ହୋଇଛନ୍ତି। ସେହିପରି ୩ ଉଇକେଟ ନେଇଥିବା ଜଶପ୍ରୀତ ବୁମ୍ରା ପର୍ପଲ କ୍ୟାପ୍ ଦୌଡ଼ରେ ଉପରକୁ ଉଠିଛନ୍ତି।

ସୂର୍ଯ୍ୟ ଏହି ସିଜନରେ ଅରେଞ୍ଜ କ୍ୟାପ୍ ପାଇଥିଲେ। କିନ୍ତୁ ମଝିରେ ସେ ପଛରେ ପଡ଼ିଯାଇଥିଲେ। କିନ୍ତୁ ୭୩ ରନ କରି ସୂର୍ଯ୍ୟ ପୁଣି ଥରେ ଏହି କ୍ୟାପ୍ ପାଖରେ ପହଞ୍ଚି ଯାଇଛନ୍ତି। ସେ ତୃତୀୟ ସ୍ଥାନରେ ଅଛନ୍ତି, ସେ ଏପର୍ଯ୍ୟନ୍ତ ୧୩ଟି ମ୍ୟାଚ୍ ଖେଳି ୫୮୩ ରନ କରିଛନ୍ତି। ବର୍ତ୍ତମାନ, ସାଇ ସୁଦର୍ଶନଙ୍କ ପାଖରେ ଅରେଞ୍ଜ କ୍ୟାପ ଅଛି, ତାଙ୍କର ୧୨ଟି ମ୍ୟାଚ୍‌ରେ ୬୧୭ ରନ ଅଛି। ଏପର୍ଯ୍ୟନ୍ତ ସର୍ବାଧିକ ରନ କରିଥିବା ଶ୍ରେଷ୍ଠ ୫ ବ୍ୟାଟ୍ସମ୍ୟାନଙ୍କ ତାଲିକା ଦେଖନ୍ତୁ।

୨୦୨୫ ଅରେଞ୍ଜ କ୍ୟାପ୍ ଲିଷ୍ଟ : ସାଇ ସୁଦର୍ଶନ : ୬୧୭ ରନ, ଶୁଭମନ ଗିଲ : ୬୦୧ ରନ, ସୂର୍ଯ୍ୟକୁମାର ଯାଦବ : ୫୮୩ ରନ, ଯଶସ୍ୱୀ ଜୟସ୍ୱାଲ : ୫୫୯ ରନ, ବିରାଟ କୋହଲି : ୫୦୫ ରନ।

ପ୍ରଥମ କିଛି ମ୍ୟାଚ୍‌ରେ ଆଘାତ ଯୋଗୁ ବାହାରେ ଥିବା ଜସ୍‌ପ୍ରୀତ ବୁମ୍ରା ଏବେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି। ସେ ସର୍ବାଧିକ ଉଇକେଟ ନେଇଥିବା ବୋଲର ତାଲିକାରେ କ୍ରମାଗତ ଭାବରେ ଉପରକୁ ଉଠିଛନ୍ତି। ବୁଧବାର ସେ ଦିଲ୍ଲୀ ବିପକ୍ଷରେ ୩ ଉଇକେଟ ନେଇଥିଲେ। ଏବେ ସେ ତାଲିକାର ଷଷ୍ଠ ସ୍ଥାନରେ ପହଞ୍ଚି ଯାଇଛନ୍ତି। ବୁମ୍ରା ଏବେ ୯ଟି ମ୍ୟାଚ୍ ଖେଳି ୧୬ଟି ଉଇକେଟ ହାସଲ କରିଛନ୍ତି। ପର୍ପଲ କ୍ୟାପ୍ ପାଇଁ ରେସ୍‌ରେ ଥିବା ଶ୍ରେଷ୍ଠ ୫ ବୋଲର ହେଲେ ପ୍ରସିଦ୍ଧ କ୍ରିଷ୍ଣା : ୨୧ ଉଇକେଟ, ନୁର ଅହମ୍ମଦ : ୨୧ ଉଇକେଟ, ଟ୍ରେଣ୍ଟ ବୋଲ୍ଟ : ୧୯ ଉଇକେଟ, ଜୋଶ ହାଜେଲଉଡ୍ : ୧୮ ଉଇକେଟ, ବରୁଣ ଚକ୍ରବର୍ତ୍ତୀ : ୧୭ ଉଇକେଟ।

# ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଗସ୍ତରେ ଯିବେ ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଶୁଭମନ ଗିଲ, ଜସ୍‌ପ୍ରିତ ବୁମ୍ରା, ରିଷଭ ପନ୍ତଙ୍କ ଭଳି କ୍ରିକେଟର ଖେଳିବାର ଆଶା କରାଯାଉଛି। କିନ୍ତୁ ଏହି ସମୟରେ ବୈଭବ ସୂର୍ଯ୍ୟବଂଶୀଙ୍କ ବିଷୟରେ ମଧ୍ୟ ବଡ଼ ଖବର ଆସିଛି। ସେ ମଧ୍ୟ ଇଂଲଣ୍ଡ ଯାଉଛନ୍ତି। ବିସିସିଆଇ ଜୁନିଅର ଚୟନ କମିଟି ଟିମ୍ ଇଣ୍ଡିଆର ୧୯ ବର୍ଷରୁ କମ୍ ଦଳ ଘୋଷଣା କରିଛି। ସେହି ୧୬ ଜଣିଆ ଦଳରେ ଗୋଟିଏ ନାମ ହେଉଛି ବୈଭବ ସୂର୍ଯ୍ୟବଂଶୀ।

ଭାରତ ୧୯ ବର୍ଷରୁ କମ୍ ୧୬ ଜଣିଆ ଦଳର କମାଣ୍ଡ ଆୟୁଷ ମହାତ୍ରେଙ୍କ ହାତରେ ଅଛି। ଆୟୁଷ ଏବଂ ବୈଭବ ଉଭୟ କେବଳ ୨୦୨୫ରେ ଖେଳି ନାହାନ୍ତି ବରଂ




ନିଜର ପ୍ରତିଭା ଦେଖାଇଛନ୍ତି। ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ କରିବା ପରେ, ସେ ଏବେ ଇଂଲଣ୍ଡରେ ଭାରତ ପାଇଁ ୧୯ ବର୍ଷରୁ କମ୍ କ୍ରିକେଟ ଜିତିବାକୁ ଲକ୍ଷ୍ୟ ରଖିଛନ୍ତି ଏହା ବୈଭବ ପ୍ରକାଶ କରିସାରିଛନ୍ତି।

୨୦୨୫ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସର ଯାତ୍ରା ଶେଷ ହେବା ପରେ, ବୈଭବ ସୂର୍ଯ୍ୟବଂଶୀ ରାହୁଲ ଦ୍ରାବିଡ଼ଙ୍କ ସହ ଏକ କଥାବାର୍ତ୍ତା କରିଥିଲେ, ଯାହାର ଭିଡିଓ ଭାଇରାଲ ହୋଇଥିଲା। ସେହି କଥାବାର୍ତ୍ତା ସମୟରେ, ବୈଭବ ସୂର୍ଯ୍ୟବଂଶୀ ଦ୍ରାବିଡ଼ଙ୍କୁ ତାଙ୍କର ଭବିଷ୍ୟତ ଯୋଜନା ବିଷୟରେ କହିଥିଲେ। ସେ କହିଛନ୍ତି ଯେ ଏବେ ତାଙ୍କୁ ଭାରତ ୧୯ ବର୍ଷରୁ କମ୍ କ୍ୟାମ୍ପରେ ଯୋଗ ଦେବାକୁ ପଡ଼ିବ ଏବଂ ସେମାନଙ୍କୁ ବିଜୟୀ କରାଇବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ।

୧୯ ବର୍ଷରୁ କମ୍ ଦଳର ସିରିଜ ଜୁନ ୨୪ ରୁ ଆରମ୍ଭ ହୋଇ ୨୩ ଜୁଲାଇ ପର୍ଯ୍ୟନ୍ତ ଚାଲିବ ଏହି ସମୟ ମଧ୍ୟରେ, ଇଂଲଣ୍ଡର ଅଣ୍ଡର ୧୯ ଦଳ ସହିତ ଏକ ୫୦ ଓଭରର ଅଭ୍ୟାସ ମ୍ୟାଚ୍ ଖେଳିବା ବ୍ୟତୀତ, ଭାରତର ଅଣ୍ଡର ୧୯ ଦଳ ୫ ଦିନିକିଆ ଏବଂ ୨ବହୁ-ଦିବସୀୟ ମ୍ୟାଚ୍‌ର ସିରିଜ୍ ମଧ୍ୟ ଖେଳିବ।

ଭାରତର ଅଣ୍ଡର ୧୯ ଦଳର ୧୬ ଖେଳାଳି : ଆୟୁଷ ମହାତ୍ରେ (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ବିହାନ ମାଲହୋତ୍ରା, ଏମ୍ ଚଭଡା, ରାହୁଲ କୁମାର, ଅଭିଗାନ କୁଣ୍ଡୁ (ଉପ-ଅଧିନାୟକ, ଉଇକେଟକିପର), ହରବଂଶ ସିଂ (ଉଇକେଟ କିପର), ଆର.ଏସ୍ ଆମ୍ବ୍ରିସ, କନିଷ୍କ ଚୌହାନ, ଲନ ପଟେଲ, ହେନଲ ପଟେଲ, ଯୁଧିଷ୍ଠିର ଗୁଜବ ରାଣା, ଅନମୋଲଜିତ ସିଂ।

# ରାହୁଲ କି ଗିଲ୍ ନୁହେଁ, କରୁଣ ନାୟାର ପୂରଣ କରିବେ କୋହଲିଙ୍କ ଶୂନ୍ୟସ୍ଥାନ : ସଞ୍ଜୟ ବାଙ୍ଗର

**ନୂଆଦିଲ୍ଲୀ**

ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ କ୍ରିକେଟ ଦଳର ଏ ଟିମ୍ ଘୋଷଣା କରାଯାଇଛି। ଏହି ଦଳରେ ଦୀର୍ଘ ଦିନ ପରେ କରୁଣ ନାୟାରଙ୍କୁ ସାମିଲ କରାଯାଇଛି, ଯିଏ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ଦଳର ମଝିଆ ବ୍ୟାଟିଂ ଶୂନ୍ୟସ୍ଥାନ ପୂରଣ କରିବେ ବୋଲି ଆଶା କରାଯାଉଛି। ଏହି ଘୋଷଣା ସହ ପୂର୍ବତନ ଭାରତୀୟ କୋଚ୍ ସଞ୍ଜୟ ବାଙ୍ଗର ଏକ ବଡ଼ ବୟାନ ଦେଇ ଚର୍ଚ୍ଚାରେ ରହିଛନ୍ତି।

ମୁଁ ଚତୁର୍ଥ ସ୍ଥାନରେ କରୁଣ ନାୟାରଙ୍କ ବିଷୟରେ ଚିନ୍ତା କରୁଛି। ଯଦି ଘରୋଇ କ୍ରିକେଟକୁ ପ୍ରାଥମିକତା ଦେବା ଏବଂ (ଏହାକୁ) ମାନଦଣ୍ଡ ଭାବରେ ବ୍ୟବହାର କରିବା ବିଷୟରେ ଆଲୋଚନା କରାଯାଏ, ତେବେ ସେ ତାଙ୍କର ଟେଷ୍ଟ ସ୍ଥାନ ଫେରି ପାଇବା ପାଇଁ ଯଥାସମ୍ଭବ ଚେଷ୍ଟା କରିଛନ୍ତି, ବାଙ୍ଗର କହିଛନ୍ତି ବିସିସିଆଇ ପକ୍ଷରୁ ଘୋଷିତ ଇଣ୍ଡିଆ ଏ



ଦଳରେ କରୁଣ ନାୟାରଙ୍କ ସହ ଇଶାନ କିଶନ, ସରଫରାଜ ଖାନ ଏବଂ ଶାର୍ଦ୍ଦୂଲ ଠାକୁରଙ୍କ ପରି ଖେଳାଳିଙ୍କୁ ସ୍ଥାନ ମିଳିଛି। ଅଭିମନ୍ୟୁ ଈଶ୍ୱରନଙ୍କୁ ଦଳର ଅଧିନାୟକ ଏବଂ ଧ୍ରୁବ ଜୁରେଲଙ୍କୁ ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ୨୦୧୭ ପରେ କରୁଣ ନାୟାର ଜାତୀୟ ଦଳରେ ସ୍ଥାନ ପାଇ ନଥିଲେ, କିନ୍ତୁ ଘରୋଇ କ୍ରିକେଟରେ ତାଙ୍କର ସ୍ଥିର ପ୍ରଦର୍ଶନ ତାଙ୍କୁ ପୁଣି ଥରେ ସୁଯୋଗ ଦେଇଛି।

ପୂର୍ବତନ ଭାରତୀୟ କୋଚ୍ ସଞ୍ଜୟ ବାଙ୍ଗର କହିଛନ୍ତି, କରୁଣ ନାୟାରଙ୍କ ପାଖରେ ଅସାଧାରଣ ପ୍ରତିଭା ରହିଛି। ସେ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ତ୍ରିଶତକ ମାରିଥିଲେ, ଯାହା ତାଙ୍କର କ୍ଷମତାକୁ ପ୍ରମାଣ କରେ କୋହଲିଙ୍କ ଅନୁପସ୍ଥିତିରେ ସେ ଦଳକୁ ସନ୍ତୁଳନ ଦେବେ ଏବଂ ମଧ୍ୟ କ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ବାଙ୍ଗରଙ୍କ ଏହି ବୟାନ କରୁଣଙ୍କ ପାଇଁ ଏକ ବଡ଼ ସମର୍ଥନ ବୋଲି ବିବେଚନା କରାଯାଉଛି।

ଇଂଲଣ୍ଡ ଗସ୍ତରେ ଇଣ୍ଡିଆ ଏ ଦଳ ଦୁଇଟି ଚାରିଦିନିଆ ମ୍ୟାଚ ଏବଂ ଏକ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ଖେଳିବ। ଏହା ଭାରତୀୟ ଖେଳାଳିଙ୍କ ପାଇଁ ନିଜର ପ୍ରତିଭା ପ୍ରମାଣ କରିବାର ଏକ ବଡ଼ ସୁଯୋଗ ହେବ। କରୁଣ ନାୟାରଙ୍କ ଫର୍ମ ଏବଂ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ, କାରଣ ଏହା ତାଙ୍କ ଜାତୀୟ ଦଳରେ ପୁନରାଗମନର ପଥ ପ୍ରଶସ୍ତ କରିପାରେ।

# ରାଜସ୍ଥାନ ରୟାଲ୍ସ ଛାଡ଼ିବେ ଯଶସ୍ୱୀ ଜୈସୱାଲ

**ନୂଆଦିଲ୍ଲୀ**

ରାଜସ୍ଥାନ ରୟାଲ୍ସରେ ସବୁକିଛି ଠିକ୍ ନାହିଁ କି? ଯଶସ୍ୱୀ ଜେସ୍ୱାଲ ଏବଂ ରାଜସ୍ଥାନ ଫ୍ରାଞ୍ଚାଇଜ ମାଲିକଙ୍କ ମଧ୍ୟରେ ସବୁକିଛି ଠିକ୍ ନାହିଁ କି? ୨୦୨୫ରେ ଫ୍ରାଞ୍ଚାଇଜର ଏକମାତ୍ର ଖେଳାଳି ଭାବେ ୫୦୦ରୁ ଅଧିକ ରନ କରିଥିବା ଜେସ୍ୱାଲ ରାଜସ୍ଥାନ ଛାଡ଼ି କେକେଆର୍ ଯିବେ ବୋଲି ଚର୍ଚ୍ଚା ଏବେ ବଢ଼ିବାରେ ଲାଗିଛି। କହିବାକୁ ଗଲେ ଏଭଳି ଖବର ପ୍ରସାର ପଛରେ ଯଶସ୍ୱୀଙ୍କ ଏକ ସୋସିଆଲ ମିଡିଆ ପୋଷ୍ଟ ରହିଛି।

ଇନଷ୍ଟାଗ୍ରାମରେ ସେ କରିଥିବା ପୋଷ୍ଟରେ ରାଜସ୍ଥାନ ରୟାଲ୍ସକୁ ଧନ୍ୟବାଦ ଜଣାଇଛନ୍ତି। ସେ ଲେଖିଛନ୍ତି, ସବୁକିଛି ପାଇଁ ରାଜସ୍ଥାନ ରୟାଲ୍ସକୁ ଧନ୍ୟବାଦ ଆମେ ଯେପରି ଚାହୁଁଥିଲୁ, ସିଜନ ଠିକ ସେହିପରି ନ




ଥିଲା, କିନ୍ତୁ ଏହି ଯାତ୍ରା ପାଇଁ ଧନ୍ୟବାଦ।

ଜୈସ୍ୱାଲଙ୍କ ଏହି ପୋଷ୍ଟ ଆସିବା ପରେ, ସୋସିଆଲ ମିଡିଆରେ ଚର୍ଚ୍ଚା ସରଗରମ ରହିଛି। ସେ ରାଜସ୍ଥାନ ରୟାଲ୍ସ ଛାଡ଼ିବେ ବୋଲି କୁହାଯାଉଛି। ଟ୍ରେଡ ୱିଣ୍ଡୋ ଅଧୀନରେ ରାଜସ୍ଥାନରୁ ଯାଇପାରନ୍ତି ବୋଲି କିଛି ବ୍ୟବହାର-କାରୀ କହିଛନ୍ତି। କିନ୍ତୁ ବଡ଼ ପ୍ରଶ୍ନ ହେଉଛି ଏହି ସମ୍ପୂର୍ଣ୍ଣ ଘଟଣା ପଛରେ ସତ୍ୟ କ'ଣ?

# ଇଂଲଣ୍ଡ ଗସ୍ତ ଲାଗି ୨୪ରେ ହେବ ଦଳ ଘୋଷଣା!

**ମୁମ୍ବାଇ**

ଭାରତୀୟ କ୍ରିକେଟ୍ ଦଳର ବହୁ ପ୍ରତୀକ୍ଷିତ ଇଂଲଣ୍ଡ ଲାଗି ଦଳ ଘୋଷଣା ଆସନ୍ତା ୨୪ ତାରିଖରେ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିଦିନ ମଧ୍ୟ ଚୟନକର୍ତ୍ତା ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ଉତ୍ତରାଧିକାରୀଙ୍କ ନାଁ ଘୋଷଣା କରିବେ। ଭାରତୀୟ ଦଳର ନୂଆ ଅଧିନାୟକ ଦୌଡ଼ରେ ଶୁବମନ ଗିଲ୍ ଓ ଋଷଭ ପନ୍ତ ଥିଲା ବେଳେ କେଏଲ୍ ରାହୁଲଙ୍କ ନାଁ ମଧ୍ୟ ବିଚାରକୁ ଆସିଛି। ପୂର୍ବରୁ ଅଧିନାୟକ ଦୌଡ଼ରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ମଧ୍ୟ ରହିଥିଲେ। ତାଙ୍କୁ ମଧ୍ୟ ପୂର୍ବତନ ଅଧିନାୟକ ଅନିଲ କୁମ୍ବଲେ ଏବଂ ପୂର୍ବତନ ସ୍ପିନର ଆର ଅଶ୍ୱିନ ଦୃଢ଼ ସମର୍ଥନ କରିଥିଲେ। ତେବେ ବୁମ୍ରା ନିଜ ଆଡୁ ଅଧିନାୟକ ଦୌଡ଼ରୁ ଓହରି ଯାଇଥିବା ଜଣାପଡ଼ିଛି। ଗିଲ୍ ଭାରତୀୟ ଟେଷ୍ଟ ଦଳର ଅଧିନାୟକ ହେବା ନେଇ ସବୁଠୁ ଅଧିକ ଚର୍ଚ୍ଚା ହେଉଥିଲେ ମଧ୍ୟ ଜଣେ ଦୁଇଜଣ ଚୟନକର୍ତ୍ତା ତାଙ୍କୁ ଏତେ ଶୀଘ୍ର ଟେଷ୍ଟ ଦଳର ମଙ୍ଗ ଧରାଇବା ସପକ୍ଷରେ ନାହାନ୍ତି। ବରଂ ଗିଲ୍‌ଙ୍କୁ ଇଂଲଣ୍ଡ ଗସ୍ତରେ ଉପଅଧିନାୟକ କରି ଜଣେ ତୁଳନାତ୍ମକ ଭାବେ ଅଧିକ ଅଭିଜ୍ଞତା ରଖିଥିବା ଖେଳାଳିଙ୍କୁ ଅଧିନାୟକ ପଦରେ ଅବସ୍ଥାପିତ କରିବାକୁ ସେମାନେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ସୁପାରିସ୍ ମଧ୍ୟ କରିସାରିଛନ୍ତି। ଏହି ଶୃଙ୍ଖଳାରୁ ଭାରତ ୨୦୨୫ରୁ ୨୦୨୭ ପର୍ଯ୍ୟନ୍ତ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍ ଚକ୍ର ଆରମ୍ଭ କରିବାକୁ ଯାଉଥିବାରୁ ୨୫ ବର୍ଷୀୟ ଗିଲ୍‌ଙ୍କ ଏତେ ବଡ଼ ଦାୟିତ୍ୱ ଦେବା ଠିକ୍ ହେବ ନାହିଁ ବୋଲି କିଛି ପୂର୍ବତନ କ୍ରିକେଟର୍ ଖୋଲାଖୋଲି ମନ୍ତବ୍ୟ ଦେବା ତାଙ୍କ ବିପକ୍ଷରେ ଯାଇପାରେ। ବିସିସିଆଇ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଶନିବାର ପୂର୍ବାହ୍ନ ଜାତୀୟ ବରିଷ୍ଠ ଚୟନ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏହା ପରେ ଅପରାହ୍ଣ ୧୨ରେ ସାମ୍ବାଦିକ ସମ୍ମିଳନୀ କରି ଆନୁଷ୍ଠାନିକ ଭାବେ ଦଳ ସହ ନୂଆ ଅଧିନାୟକଙ୍କ ନାଁ ଘୋଷଣା କରାଯିବ। ଭାରତୀୟ ଏ' ଦଳରେ ସ୍ଥାନ ପାଇଥିବା କରୁଣ ନାୟର ଓ ଈଶାନ କିଶନଙ୍କ ଭଳି ଖେଳାଳିଙ୍କୁ ମଧ୍ୟ ଚୟନକର୍ତ୍ତା ବରିଷ୍ଠ ଦଳ ଲାଗି ବିଚାରକୁ ନେଇ ପାରନ୍ତି। ସେହିଭଳି ଶୃଙ୍ଖଳାର ପୂରା ପାଞ୍ଚଟି ମ୍ୟାଚ୍ ଲାଗି ଦଳ ଘୋଷଣା କରିବା ପରିବର୍ତ୍ତେ ପ୍ରଥମ ତିନିଟି ମ୍ୟାଚ୍ ଲାଗି ଦଳ ଘୋଷଣାର ବିକଳ୍ପକୁ ମଧ୍ୟ ବିଚାରକୁ ନେଇ ପାରନ୍ତି।

# ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳି ତଥା ଡିଏସ୍‌ପି ଦୀପ୍ତି ଶର୍ମାଙ୍କୁ ଚୂନ ଲଗାଇଲେ ସାଙ୍ଗ

**ନୂଆଦିଲ୍ଲୀ**

ଭାରତୀୟ ମହିଳା କ୍ରିକେଟ ଦଳର ଖେଳାଳି ତଥା ଉତ୍ତରପ୍ରଦେଶ ଡିଏସ୍‌ପି ଦୀପ୍ତି ଶର୍ମାଙ୍କ ଘରେ ଚୋରି ହୋଇଛି। ରିପୋର୍ଟ ଅନୁସାରେ, ତାଙ୍କ ନିଜ ବନ୍ଧୁ ଆରୁଷି ଗୋୟଲଙ୍କ ଉପରେ ଏହି ଚୋରି ଅଭିଯୋଗ ଆସିଛି। ଦୀପ୍ତିଙ୍କ ଭାଇ ସୁମିତ ଶର୍ମା ପୁଲିସକୁ ଏହି ସୂଚନା ଦେଇଛନ୍ତି। ଦୀପ୍ତି ଶର୍ମାଙ୍କ ବନ୍ଧୁ ତାଙ୍କ ସହିତ ଜୁନିଅର ଦଳରେ ଖେଳିଛନ୍ତି। ଡିସିପି ସୋନମ କୁମାର ଏହି ସମ୍ପୂର୍ଣ୍ଣ ମାମଲା ବିଷୟରେ ସୂଚନା ଦେଇଛନ୍ତି।

ଦୀପ୍ତି ଶର୍ମାଙ୍କ ବନ୍ଧୁ ଆରୁଷି ଗୋୟଲ ଦିଲ୍ଲୀର ବାସିନ୍ଦା ଏବଂ ଆଗ୍ରା କ୍ୟାଣ୍ଟ ରେଳ ଷ୍ଟେସନରେ ଜୁନିଅର କ୍ଲର୍କ ଭାବରେ କାମ କରନ୍ତି। ଦୀପ୍ତିଙ୍କ



ସହ ବନ୍ଧୁତାର ସୁଯୋଗ ନେଇ, ଆରୁଷି ଛୋଟ ଛୋଟ କିସ୍ତିରେ ୨୫ ଲକ୍ଷ ଟଙ୍କା ଋଣ ନେଇଥିଲେ। କିନ୍ତୁ ଯେତେବେଳେ ଏହି ଟଙ୍କା ଫେରସ୍ତ କରିବାର କଥା ଆସିଲା, ଆରୁଷି ଗୋୟଲ ଦୀପ୍ତି ଶର୍ମାଙ୍କୁ ଠକି ଦେଲେ ଏବଂ ଟଙ୍କା ଫେରସ୍ତ କରିବାକୁ ମନା କରିଦେଲେ।

ଦୀପ୍ତି ଆରୁଷିକୁ ତାଙ୍କ ଫ୍ଲାଟକୁ ଆସିବାକୁ ମନା କରିଦେଇଥିଲେ। ଯେତେବେଳେ ସେ ବିଦେଶରେ ଥିଲେ, ଆରୁଷି ଦୀପ୍ତିଙ୍କ ଫ୍ଲାଟରୁ ଜିନିଷପତ୍ର ନେବାକୁ କହିଥିଲେ। ଯେତେବେଳେ ଦୀପ୍ତିଙ୍କ ଭାଇ ସୁମିତ ଫ୍ଲାଟରେ ପହଞ୍ଚିଲେ, ତାଙ୍କ ପାଖରେ ଥିବା ଚାବିରେ ତାଲା ଖୋଲାଯାଇ ପାରିଲା ନାହିଁ। ଏହି ଘଟଣା ପରେ ଆରୁଷି କହିଥିଲେ ଯେ ସେ ତାଲା ବଦଳାଇ ଦେଇଛନ୍ତି। ପରେ, ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା ଯେ ଆରୁଷି ପୂର୍ବରୁ ମଧ୍ୟ ଦୀପ୍ତିଙ୍କ ଅନୁମତି ବିନା ଫ୍ଲାଟକୁ ଯାଇଥିଲେ। ଆରୁଷିଙ୍କ ବିରୋଧରେ ଦୀପ୍ତିଙ୍କ ଫ୍ଲାଟରୁ ଅଢ଼େଇ ହଜାର ଡଲାର, ସୁନା ଅଳଙ୍କାର ଏବଂ ନଗଦ ଚୋରି କରିଥିବା ଅଭିଯୋଗ ହୋଇଛି। ଉତ୍ତରପ୍ରଦେଶ ପୁଲିସ ମାମଲା ରୁଜୁ କରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି।

# କୋର୍ଟର ଦ୍ୱାରସ୍ଥ ହେଲେ ପ୍ରିତି ଜିଣ୍ଟା

**ନୂଆଦିଲ୍ଲୀ**

ପଞ୍ଜାବ କିଙ୍ଗ୍‌ସର ଅନ୍ୟ ସହ-ମାଲିକଙ୍କ ସହ ଚାଲିଥିବା ବିବାଦ କେପିଏଚ୍ ଡ୍ରିମ୍ କ୍ରିକେଟ ପ୍ରାଇଭେଟ ଲିମିଟେଡ୍‌ର ଅଭିନେତ୍ରୀ ଏବଂ ନିର୍ଦ୍ଦେଶିକା। ପ୍ରୀତି ଜିଣ୍ଟା ପୁଣି ଥରେ ସହ-ନିର୍ଦ୍ଦେଶକ ମୋହିତ ବର୍ମନ ଏବଂ ନେସ ୱାଡିଆଙ୍କ ବିରୋଧରେ ଚଣ୍ଡିଗଡ଼ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।

କୋର୍ଟରେ ଦାୟର ଆବେଦନରେ ପ୍ରୀତି ଜିଣ୍ଟା ଦାବି କରିଛନ୍ତି ଯେ ୨୧ ଏପ୍ରିଲରେ ଅନୁଷ୍ଠିତ କମ୍ପାନୀକୁ ଅବୈଧ ଏବଂ ଅମାନ୍ୟ ଘୋଷଣା କରାଯାଉ। ସେ ଦାବି କରିଛନ୍ତି ଯେ ମୋହିତ ବର୍ମନଙ୍କ ପକ୍ଷରୁ ନେସ ୱାଡିଆଙ୍କ ସକ୍ରିୟ ସମର୍ଥନରେ କମ୍ପାନୀ ଆଇନ, ୨୦୧୩ ଏବଂ ସାଧାରଣ ବୈଠକର ସଚିବାଳୟ ମାନଦଣ୍ଡର ଖୋଲାଖୋଲି ଉଲ୍ଲଂଘନ କରି ଏହି ବୈଠକ ଅନୁଷ୍ଠିତ ହୋଇଥିଲା।

ପ୍ରୀତି ଜିଣ୍ଟା ଏହା ମଧ୍ୟ ଦାବି କରିଛନ୍ତି ଯେ ମୋହିତ ବର୍ମନ ଏବଂ ନେସ ୱାଡିଆଙ୍କୁ ସେହି ବୈଠକରେ ଗୃହୀତ ଯେକୌଣସି ପ୍ରସ୍ତାବ କାର୍ଯ୍ୟକାରୀ କରିବାରୁ ନିଷେଧ କରାଯାଉ ଏବଂ ମୁନିଶ ଖାନ୍ନାଙ୍କୁ କମ୍ପାନୀର ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିବାରୁ କିମ୍ବା ନିଜକୁ ନିର୍ଦ୍ଦେଶକ ଭାବରେ ଘୋଷଣା କରିବାରୁ ନିଷେଧ କରାଯାଉ। ଏହା ସହିତ, ସେ କମ୍ପାନୀ ଏବଂ ଅନ୍ୟ ନିର୍ଦ୍ଦେଶକମାନଙ୍କୁ ମାମଲା ବିଚାରାଧୀନ ଥିବା ସମୟରେ ତାଙ୍କ ଏବଂ କରଣ ପଲଙ୍କ ଉପସ୍ଥିତି ବିନା ଏବଂ ମୁନିଶ ଖାନ୍ନାଙ୍କ ଉପସ୍ଥିତିରେ କୌଣସି ବୋର୍ଡ ବୈଠକ କିମ୍ବା ସାଧାରଣ ବୈଠକ କିମ୍ବା



କମ୍ପାନୀର ବ୍ୟାପାର ସମ୍ବନ୍ଧୀୟ କୌଣସି କାର୍ଯ୍ୟ କରିବାରୁ ନିଷେଧ କରିବାକୁ ଦାବି କରିଛନ୍ତି।

ପ୍ରୀତି ଜିଣ୍ଟାଙ୍କ ପାଖରେ ଡ୍ରିମ୍ କ୍ରିକେଟ ପ୍ରାଇଭେଟ ଲିମିଟେଡରେ ୨୩% ଅଂଶଧନ ଅଛି, ଏହା କମ୍ପାନୀ ଆଇନ, ୧୯୫୬ ଅନୁଯାୟୀ ପଞ୍ଜିକୃତ ଏକ ଘରୋଇ କମ୍ପାନୀ ପଞ୍ଜାବ କିଙ୍ଗ୍ସ କ୍ରିକେଟ ଦଳର ମାଲିକାନା ଥିବା ଏହି କମ୍ପାନୀର ଏକ ଫ୍ରାଞ୍ଚାଇଜ ଧାରକ।

କୋର୍ଟ ଏହି ମାମଲାର ଜବାବ ଦାଖଲ କରିବା ପାଇଁ ଅଭିଯୁକ୍ତମାନଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରୀତି ଜିଣ୍ଟା ପୂର୍ବରୁ ମୋହିତ ବର୍ମନଙ୍କୁ କମ୍ପାନୀରେ ତାଙ୍କର ୧୧.୫ ପ୍ରତିଶତ ଅଂଶଧନ ଉପରେ କୌଣସି ତୃତୀୟ ପକ୍ଷ ଅଧିକାର ସୃଷ୍ଟି, ବିକ୍ରୟ କିମ୍ବା ସ୍ଥାନାନ୍ତର କରିବାରୁ ନିଷେଧ କରିବାକୁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ।

# ଫୁଟବଲ ଖେଳାଳି ଚୟନ ଶିବିର ଅନୁଷ୍ଠିତ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ରାଜସ୍ଥାନର ଉଦୟପୁରର ଜିଙ୍କ୍ ଫୁଟବଲ ଏକାଡେମୀ ପାଇଁ ଏକ ଚୟନ ଶିବିର ଦଶହରା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଶେଷ ପର୍ଯ୍ୟାୟରେ ମନୋନୀତ ଖେଳାଳିମାନଙ୍କୁ ଏକାଡେମୀରେ ପ୍ରଶିକ୍ଷଣ ଗ୍ରହଣ କରିବାର ସୁଯୋଗ ପାଇବେ। ଏକାଡେମୀରେ ସେମାନଙ୍କ ପାଇଁ ଅଧ୍ୟୟନ ଓ ପ୍ରଶିକ୍ଷଣ ସହ ରହିବା ଖାଇବାର ବ୍ୟବସ୍ଥା ମାଗଣାରେ କରାଯିବ ବୋଲି ଏକାଡେମୀ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଜିଙ୍କ୍ ଫୁଟବଲ ଏକାଡେମୀ ପାଇଁ ଜୟପୁରରେ ଅନୁଷ୍ଠିତ ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଖେଳାଳି ଅଂଶଗ୍ରହଣ କରିଥିଲେ। ଏଥିରେ ବାଳିକା ବର୍ଗରେ ୧୫ବର୍ଷ, ବାଳକ ବର୍ଗରେ ୧୭ ବର୍ଷରୁ କମ୍ ବୟସର ଖେଳାଳି ଯୋଗ ଦେଇଥିଲେ। ଏଥିରେ ଯୋଗଦେଇଥିବା ୧୦୦ ଜଣ ପ୍ରତିଯୋଗୀ ମଧ୍ୟରୁ ୩୦ ଜଣ ବାଳିକା ଓ ୭୦ ଜଣ ବାଳକ ଥିଲେ। ଚୟନ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଏହାର ଫଳାଫଳ ଏକାଡେମୀ ପକ୍ଷରୁ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଏହି ଚୟନ ପ୍ରକ୍ରିୟାରେ ମୁଖ୍ୟ ବୈଷୟିକ ନିର୍ଦ୍ଦେଶକ ତରୁଣ ରୟ ଓ ପରିଚାଳକ କେ. ରାମ ସୁବ୍ରମନିୟମ ରାଓ ଉପସ୍ଥିତ ଥିଲେ। କ୍ରୀଡ଼ା ସମ୍ପାଦକ ରବି ନାୟକ, ସଞ୍ଜୟ କୁମାର ଜେନା, ଉମେଶ ଓମ୍‌କାର, ସାନ୍ତୁନୁ ବେହେରା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଭାରତ-ଇଂଲଣ୍ଡ ଟେଷ୍ଟ ପୂର୍ବରୁ ଆର୍ଚର ଆହତ, ଅଡୁଆରେ ଇସିବି




**ଲଣ୍ଡନ**

ଭାରତ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ଟେଷ୍ଟ୍ ଶୃଙ୍ଖଳା ପୂର୍ବରୁ ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଆହତ ହୋଇଛନ୍ତି। ଫଳରେ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ଶୃଙ୍ଖଳାରୁ ବାଦ୍ ପଡ଼ିଛନ୍ତି। ଭାରତ ଶୃଙ୍ଖଳା ପୂର୍ବରୁ ଆର୍ଚର ସୁସ୍ଥ ନହେଲେ ଏହା ଇଂଲଣ୍ଡକୁ ଚିନ୍ତାରେ ପକାଇବ। ଏଥିପାଇଁ ଆର୍ଚର ରାଜସ୍ଥାନ ରୟାଲ୍ସର ଗତ ଦୁଇ ମ୍ୟାଚ୍ ଖେଳିପାରି ନାହାନ୍ତି। ଶେଷ ଥର ଲାଗି ଚଳିତ ମାସ ୪ ତାରିଖରେ କେକେଆର ବିପକ୍ଷରେ ଖେଳିଥିଲେ। ଜାତୀୟ ସେବା ଲାଗି ଆର୍ଚରଙ୍କୁ ରାଜସ୍ଥାନ ରୟାଲ୍ସ ମଙ୍ଗଳବାର ଛାଡ଼ି ଦେଇଛି। ଅନ୍ୟପକ୍ଷରେ ୱେଷ୍ଟ୍‌ଇଣ୍ଡିଜ୍ ଶୃଙ୍ଖଳାରେ ତାଙ୍କ ବଦଳରେ ଇଂଲଣ୍ଡ ଦଳରେ ଲୁକ୍ ଉଡ୍ ସ୍ଥାନ ପାଇଛନ୍ତି।

# ଭାରତକୁ ହାଲ୍‌କା ଭାବେ ନେବାର ଭୁଲ୍ କରିବୁନି : ଷ୍ଟୋକ୍ସ

**ଲଣ୍ଡନ**

ଭାରତୀୟ କ୍ରିକେଟ୍ ଦଳର ଦୁଇ ମହାରଥୀ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ୍ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇସାରିଛନ୍ତି। ଜୁନ୍‌ରେ ଭାରତୀୟ ଦଳ ଇଂଲଣ୍ଡ ଗସ୍ତ କରି ସେଠାରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ଖେଳିବାକୁ ଥିବାରୁ କୋହଲି ଓ ରୋହିତଙ୍କ ଅନୁପସ୍ଥିତି ଭାରତୀୟ ଦଳକୁ ପୂର୍ବାପେକ୍ଷା ଦୁର୍ବଳ କରି ଦେଇଛି ବୋଲି ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଚର୍ଚ୍ଚା ପାଇଁ ଭାରତୀୟ ଦଳକୁ ହାଲ୍‌କା ଭାବେ ନ ନେବାକୁ ଇଂଲଣ୍ଡର ତାରକା ଅଲରାଉଣ୍ଡର୍ ବେନ୍ ଷ୍ଟୋକ୍ସ ସାଥୀ ଖେଳାଳିମାନଙ୍କୁ ପରାମର୍ଶ ଦେଇଛନ୍ତି। ଇଂଲଣ୍ଡ ଏବଂ ୱେଲ୍‌ସ କ୍ରିକେଟ୍ ବୋର୍ଡ (ଇସିବି)ର ନିଜସ୍ୱ ୱେବସାଇଟ୍‌କୁ ସାକ୍ଷାତକାର ଦେଇ କହିଛନ୍ତି ଭାରତର ବ୍ୟାଟିଂକ୍ରମ ବେଶ୍ ଗଭୀର। ରୋହତ ଓ କୋହଲି ଅବସର ନେବାର ପ୍ରଭାବ ଭାରତୀୟ ଦଳ ଉପରେ ନିଶ୍ଚିତ ପଡ଼ିବ। ତେବେ ସେମାନେ ପୂର୍ବାପେକ୍ଷା ଦୁର୍ବଳ ହୋଇଯାଇଛନ୍ତି ବୋଲି ଭାବିବା ମସ୍ତବଡ଼ ଭୁଲ୍ ହେବ। ବିଶ୍ୱର ଯେକୌଣସି ଦେଶରେ




ଖେଳିଲେ ବି ଭାରତ ଏକ ଶକ୍ତିଶାଳୀ ଦଳ ଭାବେ ନିଜକୁ ପ୍ରତିପାଦିତ କରି ଆସିଛି। ସବୁଠୁ ବଡ଼ କଥା ହେଲା କୋହଲି ଓ ରୋହିତଙ୍କ ଅନୁପସ୍ଥିତି ନେଇ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ଭରଣା କରିବାକୁ ଖେଳାଳି ସେମାନଙ୍କ ପାଖରେ ଅଛନ୍ତି।

# ମତ୍ସ୍ୟପାଳନ କାର୍ଯ୍ୟକଳାପ କାର୍ଯ୍ୟାନ୍ୱୟନରେ ସମନ୍ୱୟ ଏବଂ ସଂଯୋଜନ ଶୀର୍ଷକ କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

'ମତ୍ସ୍ୟପାଳନ କାର୍ଯ୍ୟକଳାପ କାର୍ଯ୍ୟାନ୍ୱୟନରେ ସମନ୍ୱୟ ଏବଂ ସଂଯୋଜନ' ଶୀର୍ଷକ ଏକ କର୍ମଶାଳା ବୁଧବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଭାରତର ଉପକୂଳ ସମ୍ପ୍ରଦାୟର ଜଳବାୟୁ ସ୍ଥିରତା ବୃଦ୍ଧି ପ୍ରକଳ୍ପର ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ଦ୍ୱାରା ଏହି କର୍ମଶାଳା ଆୟୋଜିତ ହୋଇଥିଲା, ଯାହା ସବୁଜ ଜଳବାୟୁ ପାଣ୍ଠି, ଭାରତ ସରକାର ଏବଂ ୟୁଏନଡିପି ସହାୟତାରେ ସମଗ୍ର ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି।

ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ ଉଦ୍‌ଘାଟନ କରିଥିଲେ। ମତ୍ସ୍ୟ ଚାଷ କ୍ଷେତ୍ରରେ ଜଳବାୟୁ ସହନଶୀଳ ଅଭିବୃଦ୍ଧି ପାଇଁ ଓଡ଼ିଶା ସରକାରଙ୍କ ଦୃଷ୍ଟିକୋଣ ଉପରେ ସେ ଆଲୋକପାତ କରିଥିଲେ। ରାଜ୍ୟର ବ୍ୟାପକ ଉପକୂଳ ଏବଂ ରାଜ୍ୟ ସରକାରଙ୍କ ପ୍ରଗତିଶୀଳ ନୀତି ଓଡ଼ିଶାର ସାମୁଦ୍ରିକ ଏବଂ ମଧୁର ଜଳ ମାଛ ଚାଷ ପ୍ରଣାଳୀର ବ୍ୟାପକ ଅଭିବୃଦ୍ଧି ସାଧନ କରିବା କ୍ଷେତ୍ରରେ ଅନନ୍ୟ ସ୍ଥିତିରେ ରହିଛି। ଏହି କର୍ମଶାଳା ପ୍ରମୁଖ ଯୋଜନା ଏବଂ ପଦକ୍ଷେପ ଗୁଡ଼ିକର ସାମୂହିକ ପ୍ରଭାବକୁ ସର୍ବାଧିକ କରିବା ପାଇଁ ଏକ ସୁଯୋଗ। ସଂସ୍ଥାଗତ ସମନ୍ୱୟକୁ ପ୍ରୋତ୍ସାହିତ କରିବାରେ, କେବଳ ଜୀବିକା ନିର୍ବାହ ବିଷୟରେ ନୁହେଁ, ବରଂ ଇକୋସିଷ୍ଟମ ପୁନରୁଦ୍ଧାର, ଦକ୍ଷତା ବୃଦ୍ଧି, କ୍ଷମତା ନିର୍ମାଣ ଏବଂ ଶାସନ ସଂସ୍କାର ମାଧ୍ୟମରେ ସ୍ଥିରତାକୁ ସ୍ଥାପିତ କରିବା ବିଷୟରେ ମଧ୍ୟ କର୍ମଶାଳାର ଅବଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ୨୦୨୭ ସୁଦ୍ଧା ୧୬,୦୦୦ରୁ ଅଧିକ ପରିବାର ପାଖରେ ପହଞ୍ଚିବା ଲକ୍ଷ୍ୟ ହାସଲ ପାଇଁ ମତ୍ସ୍ୟ ନିର୍ଦ୍ଦେଶାଳୟ ସହିତ ଇକରିକର ପ୍ରଭାବଶାଳୀ ସହଯୋଗ ଅତ୍ୟନ୍ତ ଜରୁରୀ ବୋଲି ଶ୍ରୀ ବଶିଷ୍ଠ ମତବ୍ୟକ୍ତ କରିଥିଲେ।

ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗର ସ୍ୱତନ୍ତ୍ର ସଚିବ ରୀନା ମହାପାତ୍ର, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ, ବିଭିନ୍ନ ସଂଗଠନର ବରିଷ୍ଠ ପ୍ରତିନିଧି, ବିଭାଗୀୟ ବନ ଅଧିକାରୀ ଏବଂ ଚାରୋଟି ପ୍ରମୁଖ ଜିଲ୍ଲା - ପୁରୀ, କେନ୍ଦ୍ରାପଡ଼ା, ଗଞ୍ଜାମ ଏବଂ ବାଲେଶ୍ୱରର ୧୩ଟି ଉପକୂଳବର୍ତ୍ତୀ ବ୍ଲକରୁ ମତ୍ସ୍ୟ ଅଧିକାରୀମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ।

ଦିବସବ୍ୟାପୀ କର୍ମଶାଳାରେ ମଧୁର ଜଳ ଏବଂ ଲୁଣିଆ ଜଳ ମତ୍ସ୍ୟଚାଷ କ୍ଷେତ୍ରରେ ପ୍ରମୁଖ ଯୋଜନା ଉପରେ ବୈଷୟିକ ଅଧିବେଶନ ଏବଂ ଅଳଙ୍କାରିକ ମତ୍ସ୍ୟଚାଷ ଏବଂ କଙ୍କଡ଼ା ଚାଷରେ ସର୍ବୋତ୍ତମ ଅଭ୍ୟାସ ଉପରେ ଆଇସିଏଆର ସିଫା ଏବଂ ଏମପିଇଡିଏ-ଆରଜିସିଏ ଦ୍ୱାରା ଉପସ୍ଥାପନା କରାଯାଇଥିଲା। ରାଜ୍ୟର କଙ୍କଡ଼ା ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ ପାରାଦୀପର ଖରିପାଣି ଜଳ ତାଲିମ କେନ୍ଦ୍ରରେ ପ୍ରସ୍ତାବିତ କାଦୁଆ କଙ୍କଡ଼ା ହ୍ୟାଚେରୀ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଏହି କର୍ମଶାଳା ସରକାରଙ୍କ ମତ୍ସ୍ୟଚାଷ ପଦକ୍ଷେପ ଏବଂ ଜଳବାୟୁ-ସହନଶୀଳ ମତ୍ସ୍ୟଚାଷ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ପାଇଁ ରଣନୀତି ଅନୁସନ୍ଧାନ କରିବା ଦିଗରେ ବରିଷ୍ଠ ସରକାରୀ ଅଧିକାରୀ, ବୈଜ୍ଞାନିକ ଏବଂ ବିକାଶ ଅଂଶୀଦାରମାନଙ୍କୁ ଏକତ୍ରିତ କରିଥିଲା। ଇସିଆରଆଇସିସି ପ୍ରକଳ୍ପ ଅଧୀନରେ ଜଳକୃଷି ହସ୍ତକ୍ଷେପ କ୍ଷେତ୍ରସ୍ତରୀୟ ମତ୍ସ୍ୟଜୀବୀ ଏବଂ ବନ ବିଭାଗ, ଏନଜିଓଗୁଡ଼ିକୁ ସହାୟତା ପ୍ରଦାନ କରୁଥିବା ଏବଂ ଗବେଷଣା ପ୍ରତିଷ୍ଠାନଗୁଡ଼ିକର ଅଂଶଗ୍ରହଣକାରୀମାନେ ସମନ୍ୱିତ କାର୍ଯ୍ୟାନ୍ୱୟନ ପାଇଁ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଖୋଲା ଆଲୋଚନା କରିଥିଲେ, ସରକାରୀ ଯୋଜନା ଏବଂ ବୈଷୟିକ ବିଶେଷଜ୍ଞତାକୁ ବ୍ୟବହାର କରି ସାମୁଦାୟିକ ସ୍ଥିରତା ବୃଦ୍ଧି କରିଥିଲେ। ସମସ୍ତ ଅଂଶୀଦାରଙ୍କ ଦ୍ୱାରା ସମନ୍ୱୟକୁ ଗଭୀର କରିବା ଏବଂ କର୍ମଶାଳାର ମୁଖ୍ୟ ନିଷ୍କର୍ଷକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିବଦ୍ଧତା ସହିତ ଏହି କାର୍ଯ୍ୟକ୍ରମ ଶେଷ ହୋଇଥିଲା।

E-mail ID:cebuildings_orissa@yahoo.co.in
cebuildings@rediffmail.com
Tel. -(0674)- 2391523

OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
INVITATIONS FOR BIDS (IFB)
B-151

File No- B-IV-(F/D)-01/2016 Lr. No. 20179 / Bhubaneswar, dtd. 22 May, 2025

Invitation for Bids
2nd Corrigendum
Bid Identification No. C.E. (B) - 04 / 2025-26

Name of the Work – Construction of New Banijjyakar Bhawan at Chandrasekharpur, Bhubaneswar on Turnkey Basis in the state of Odisha.

The following changes have been made in Bid Identification No. C.E. (B) - 04 / 2025-26
Bid documents can be seen / downloaded from the Govt. Website i.e. www.tendersorissa.gov.in, during the period dt.30.05.2025 to 17.30 hours of dt.20.06.2025 instead of dt.22.05.2025 to 17.30 Hours of dt.12.06.2025 for ONLINE BIDDING respectively.

1. A pre-bid meeting shall be held on dt.09.06.2025 at 11:30 AM at the Conference Hall of Office of the Chief Engineer (Buildings-I), Odisha, Nirman Soudha, Unit-V, Bhubaneswar instead of dt.02.06.2025
2. Online bids shall be received till 17.30 Hours of dt.20.06.2025 instead of dt.12.06.2025.
3. Hardcopy shall be received on or before dt.26.06.2025 up to 17.30 Hours by this office instead of dt.19.06.2025.
4. The technical bids will be opened at 11.30 A.M. of dt.30.06.2025 instead of dt.20.06.2025.
5. All other terms and conditions remain unchanged.

OIPR-34117/11/0093/2526
Sd/- Chief Engineer-cum-Addl. Secretary to Govt., Works Department, Odisha

CAD-521
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧

ପତ୍ର ସଂଖ୍ୟା ୯୫୮୪ / ଭୁ.ଉ.କ., ଭୁବନେଶ୍ୱର
CPM-II-121/90
**ସୂଚନା**
ତା ୨୦.୦୫.୨୦୨୫ରିଖ

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୧ ଆପାର୍ଟମେଣ୍ଟ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ଗୃହ ନଂ- MIG-II-S-6/22 **ପୂର୍ଣ୍ଣ ଚନ୍ଦ୍ର ପାତ୍ର, ପିତା- ଭଗବତ ପାତ୍ର, ଗ୍ରାମ/ପୋଷ୍ଟ/ଥାନା-ଟାଙ୍ଗୀ, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ** ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ପୂର୍ଣ୍ଣ ଚନ୍ଦ୍ର ପାତ୍ର ଗତ ତା-୦୪.୧୦.୧୯୯୨ରିଖରେ ମୃତ୍ୟୁବରଣ କରିଅଛନ୍ତି। **(Death certificate Issue No.6930(2)** Dated.09.12.1992).

**Legal heir certificate No. E-LHC/2024/133113** dated 09.01.2025 ଅନୁଯାୟୀ **ପୂର୍ଣ୍ଣଚନ୍ଦ୍ର ପାତ୍ରଙ୍କର** ଉତ୍ତରାଧିକାରୀ **(୧) ଜ୍ୟୋତିରାଣୀ ପାତ୍ର (ସ୍ତ୍ରୀ), (୨) ସୁମନ କୁମାର ପାତ୍ର (ପୁତ୍ର) ଓ (୩) ଇପିଲି ସ୍ନେହଲତା ସରବ (ବିବାହିତା କନ୍ୟା)** ଅଟନ୍ତି।

ବର୍ତ୍ତମାନ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
OIPR-13033/11/0302/2526



# ସତ୍ୟ, ସନ୍ଥ ଓ ଶାସ୍ତ୍ର ସନାତନ ଧର୍ମର ମୂଳ ଆଧାର : ବାବା ବଳିଆ




ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ତିର୍ତ୍ତୋଲ ବ୍ଲକ ଆମ୍ବେରୀ ପଞ୍ଚାୟତ ଅରିଲୋ ଶିଶୁ ଅନନ୍ତ ଆଶ୍ରମ ପରିସରରେ ଆୟୋଜିତ ୫୬ ତମ ବାର୍ଷିକ ଚତୁର୍ଦ୍ଦଶୀ ମେଳାର ଉଦ୍‌ଯାପନ ହୋଇଯାଇଅଛି । ଉଦଯାପନୀ ଉତ୍ସବରେ ସନ୍ଥ ସମ୍ମେଳନକୁ ଉଦବୋଧନ କରି ବାବା ବଳିଆ କହିଲେ ଯେ, ସତ୍ୟ, ସନ୍ଥ ଓ ଶାସ୍ତ୍ର ଏ ତିନୋଟି ସନାତନ ଧର୍ମର ମୂଳ ଆଧାର ଅଟେ । ସନାତନ ଧର୍ମ ଅନେକ ମତ ମତାନ୍ତରରେ ବିଭାଜିତ ହେବା ଦ୍ୱାରା ଶାସ୍ତ୍ରର ମୌଳିକ ସିଦ୍ଧାନ୍ତରୁ ଜନସାଧାରଣ ଦୁରେଇ ରହୁଛନ୍ତି । କର୍ମ ହିଁ ମନୁଷ୍ୟର ବାସ୍ତବ ପରିଚୟ, କର୍ମ ହିଁ ପ୍ରତିଟି ଜୀବନକୁ ସୁଖ ଓ ଦୁଃଖ ଉଭୟକୁ ପ୍ରଦାନ କରିଥାଏ । ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ଉଦବୋଧନ କରି ବାବା ବଳିଆ କହିଲେ ଯେ, ଗୋସମ୍ପଦର ସୁରକ୍ଷା ପାଇଁ ଗୋମାତାକୁ ଜାତୀୟ ପଶୁ ରୂପେ ଘୋଷଣା କରାଯିବା ଉଚିତ । ରାଷ୍ଟ୍ରର ବିକାଶ ପାଇଁ ରାସ୍ତା ନିର୍ମାଣର ଆବଶ୍ୟକତା ରହିଛି । ରାସ୍ତା ନିର୍ମାଣ ପାଇଁ ପୁରୁଣା ଗଛ କାଟିବା ପୂର୍ବରୁ ନୂତନ ଜଙ୍ଗଲ ପ୍ରଥମ ସୃଷ୍ଟି କରାଯାଉ, ଏଥିପାଇଁ ପ୍ରତିଟି ଅଞ୍ଚଳର ଜନସାଧାରଣ ସଚେତନ ରହି ଗଛ କଟା କୁ ବିରୋଧ କରିବା ଉଚିତ । ସଭ୍ୟ ସମାଜରେ ବଢୁଥିବା ପୁରୁଷ ନିର୍ଯ୍ୟାତନାକୁ ଦୃଷ୍ଟିରେ ରଖି ସରକାର ପୁରୁଷ କମିଶନ ଗଠନ କରିବା ଉଚିତ। ବିଶ୍ୱ ଆତଙ୍କବାଦରୁ ମୁକ୍ତ ହେଉ। ଏହି ସନ୍ଥ ସମ୍ମିଳନରେ ସ୍ୱାମୀ ବ୍ରହ୍ମାନନ୍ଦ, ରିକି ମିଶନର ଶ୍ରୀସନ୍ଥ, ଗୋବର୍ଦ୍ଧନ ପୀଠର ମାତୃପ୍ରସାଦ ମିଶ୍ର, ଛତିଆବଟର ଜଗନ୍ନାଥ ଦାସ, ଧାନକୁଦର ଅରକ୍ଷିତ ଦାସ, ସତ୍ୟାନନ୍ଦ ଦାସ, ମହନ୍ତ ପର୍ଶୁରାମ ଦାସ, ଦାମୋଦର ଦାସ, ଅସୀମାନନ୍ଦ ମହାରାଜ, ବିଶ୍ୱାନନ୍ଦ ବାବା, ଦିବାକର ଦାସ ଆଦି ସାଧୁ ମହାତ୍ମା ମାନେ ଯୋଗଦାନ କରିଥିଲେ। ଶିଶୁଅନନ୍ତ ଆଶ୍ରାମରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବାବାଜୀ ଶ୍ରୀବାସ ଦାସ, ଡ଼. ଚିଦାନନ୍ଦ ବ୍ରହ୍ମଚାରୀ, ବିଦ୍ୟାଧର ଦାସ, ପ୍ରକାଶ ଦାସ, ମନୋଜ ଦାସ, ସଞ୍ଜୟ ଦାସ ଆଦି ସଞ୍ଚାଳନ କରିଥିଲେ।

# ବିଶ୍ୱପ୍ରସିଦ୍ଧ ରଥଯାତ୍ରା: ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ

ପୁରୀ, ନ୍ୟୁଜ ବ୍ୟୁରୋ

ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଖୁବ୍ କମ୍ ଦିନ ବାକି ରହିଛି । ଏଥିନିମନ୍ତେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟ ଓ ବ୍ୟବସ୍ଥାବଳିକୁ ମିଳିଲା ଛତିଶା ନିଯୋଗର ଅନୁମୋଦନ। ବୁଧବାର ଶ୍ରୀମନ୍ଦିର କାର୍ଯ୍ୟାଳୟ ମୁଖ୍ୟ ପ୍ରଶାସନ ଡ. ଅରବିନ୍ଦ ପାଢ଼ୀଙ୍କ ଅଧକ୍ଷତାରେ ନୀଳାଦ୍ରି ନିବାସ ସଭାକକ୍ଷରେ ବସିଥିବା ବୈଠକରେ ଏହି ଅନୁମୋଦନ ମିଳିଛି । ଚଳିତବର୍ଷ ହୋଇଥିବା ବ୍ୟବସ୍ଥାରେ ପୂର୍ବାପେକ୍ଷା ସାମାନ୍ୟ ପରିବର୍ତ୍ତନ ହୋଇଛି । ଶୃଙ୍ଖଳିତ ପହଣ୍ଡି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପହଣ୍ଡି ସମୟରେ ରହିବେ



କେବଳ ନିର୍ଦ୍ଦିଷ୍ଟ ତଥା ଆବଶ୍ୟକୀୟ ସଂଖ୍ୟକ ସେବାୟତ । ପହଣ୍ଡିର ଉତ୍ତମ ତଦାରଖ ପାଇଁ ପ୍ରତ୍ୟେକ ବିଗ୍ରହଙ୍କ ପାଇଁ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀ ଦାୟିତ୍ୱରେ ରହିବେ । ଶ୍ରୀମନ୍ଦିର ପୁଲିସ ମଧ୍ୟ ଏଥିରେ ସହଯୋଗ କରିବେ । ବରିଷ୍ଠ ଅଧିକାରୀ, ଭୋଇ, ତତ୍ତ୍ୱାବଧାରକ ପ୍ରମୁଖ ଚାରମାଳ ସମୀକ୍ଷା ଓ ନିରୀକ୍ଷଣ ଦାୟିତ୍ୱରେ ରହିବେ । ଅଘଟଣ ଏଡ଼ାଇବା ନିମନ୍ତେ ଏପରି ପଦକ୍ଷେପ ନିଆଯାଇଛି ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି । ସେହିପରି ସ୍ନାନ ପୂର୍ଣ୍ଣିମାରେ ଶୃଙ୍ଖଳିତ ଜଳ ଲାଗି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ବୈଠକ ପରେ ମୁଖ୍ୟ ପ୍ରଶାସକ ଗଣମାଧ୍ୟମକୁ କହିଥିଲେ, ଗତବର୍ଷ ଆଡ଼ପ ପହଣ୍ଡି ବେଳେ ମହାପ୍ରଭୁ ବଡ଼ଠାକୁର ପଡ଼ିଯିବା ଘଟଣା ଅଘଟଣ ନୁହେଁ ଏହାକୁ ଦୁର୍ଘଟଣା କୁହାଯିବ । ଏଭଳି ଦୁର୍ଘଟଣା ଏଡ଼ାଇବାକୁ ବରିଷ୍ଠ ସେବାୟତମାନେ ବିଭିନ୍ନ ପ୍ରସ୍ତାବ ରଖିଥିଲେ । ଏହାକୁ ଦୃଷ୍ଟିରେ ପ୍ରଶାସନ ମଧ୍ୟ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଛି। ବୈଠକରେ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର କାର୍ଯ୍ୟାଳୟ ଉପମୁଖ୍ୟ ପ୍ରଶାସକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ୍ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ସଂରକ୍ଷଣ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ କଂଗ୍ରେସର ୨୪ ଘଣ୍ଟିଆ ଗଣଧାରଣା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପଛୁଆବର୍ଗ, ଅନୁସୂଚିତ ଜାତି ଓ ଜନଜାତି ମାନଙ୍କ ପାଇଁ ନାର୍ଯ୍ୟ ଆରକ୍ଷଣ ବାବିରେ ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଗୁରୁବାର ଦିବା ୧୦ ଘଟିକାରୁ ୨୪ ଘଂଟିଆ ଧାରଣା ଦିଆଯାଇଛି । ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସ ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରି ଧାରଣା ସ୍ଥଳ ପର୍ଯ୍ୟନ୍ତ ଯାଇଥିଲେ । ଏହି ଅବସରରେ ଶ୍ରୀ ଦାସ କହିଛନ୍ତି ଯେ କେନ୍ଦ୍ର ସରକାର ତରବରିଆ ଭାବେ ଭୟରେ ଜାତି ଜନଗଣନା କରିବାପାଇଁ ଯେଉଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି ଏହାର ସମସ୍ତ ଶ୍ରେୟ ରାହୁଲ ଗାନ୍ଧୀଙ୍କର ।

ଓବିସି ବର୍ଗ ପାଇଁ ମଣ୍ଡଳ କମିଶନ ଯେଉଁ ରିପୋର୍ଟ ଦେଲେ ସେଥିରେ ନିଯୁକ୍ତି ଏବଂ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦିଆଯିବାପାଇଁ ମନମୋହନ ସିଂ' ସରକାର ଧାର୍ଯ୍ୟ କରିଥିଲେ । ୨୦୦୫ ମସିହାରେ ସମ୍ବିଧାନର ୯୩ତମ ସଂଶୋଧନ କରି ମନମୋହନ ସିଂ ସରକାର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ଓବିସି ମାନଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କଲେ । ଯାହାଫଳରେ ଏମସ, ଆଇଆଇଟି,



ଆଇଆଇଏମ ଏବଂ ଉଚ୍ଚ ଶିକ୍ଷାକ୍ଷେତ୍ରରେ ଓବିସି ବର୍ଗ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣର ସୁଯୋଗ ପାଇଲେ । ଓଡ଼ିଶାର ମୋହନ ସରକାର ଏହି ବର୍ଗକୁ ଉପେକ୍ଷା କରି ସାଧାରଣ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ରଖିଛନ୍ତି । ରାଜ୍ୟରେ ଏସ୍‌ସି, ଏସ୍‌ଟି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚ ଶିକ୍ଷାରେ ୩୮.୭୫ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯାଉଥିବା ବେଳେ ମେଡିକାଲ ଓ ଅନ୍ୟାନ୍ୟ ବୈଷୟିକ ପାଠ୍ୟକ୍ରମରେ ମାତ୍ର ୨୦ ପ୍ରତିଶତ ସ୍ଥାନ ସଂରକ୍ଷଣ ରହିଛି । ଏହା ଦୁର୍ଭାଗ୍ୟଜନକ।

କଂଗ୍ରେସ ଦାବି କରିଛି ଓବିସି ଏବଂ ଏସିବିସି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ଆରକ୍ଷଣ ଏବଂ ଏହି ବର୍ଗର ବେକାର ଯୁବକ ଯୁବତୀ ମାନଙ୍କପାଇଁ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ। ସ୍ଥାନ ସଂରକ୍ଷଣର ସୁଯୋଗ ହରାଇଥିବା ଓବିସି ଓ ଏସିବିସି ବର୍ଗଙ୍କ ପାଇଁ ନିଯୁକ୍ତି କ୍ଷେତ୍ରରେ ଏକ ସ୍ୱତନ୍ତ୍ର ଡ୍ରାଇଭ କରାଯାଇ ଏହାର କ୍ଷତି ଭରଣା କରାଯାଉ । ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀ ମାନଙ୍କ ପାଇଁ ବୈଷୟିକ ଓ ବ୍ୟବହାରିକ ଶିକ୍ଷା କ୍ଷେତ୍ରରେ ୩୮.୭୫ ପ୍ରତିଶତ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ।ସମ୍ବିଧାନର ଧାରା ୧୫ (୫) ଅନୁଯାୟୀ ଘରୋଇ ଶିକ୍ଷାନୁଷ୍ଠାନରେ ଆରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଉ। ଏସସି-ଏସଟି, ଓବିସି ଓ ମାଇନୋରଟି ଫାଇନାନ୍ସ କର୍ପୋରେସନର ପୂର୍ନରୁଦ୍ଧାର କରାଯାଉ। ୫ ହଜାର କୋଟି ଟଙ୍କାର କର୍ପସ ଫଣ୍ଡ ବ୍ୟବସ୍ଥା କରାଯାଇ ଉପରୋକ୍ତ ବର୍ଗର ଉଦ୍ୟୋଗୀ ମାନଙ୍କୁ ରିହାତି ଓ କମ ସୁଧରେ ଋଣ ବ୍ୟବସ୍ଥା କରାଯାଉ । ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଛନ୍ତି ଯେ ଓବିସି ବର୍ଗଙ୍କୁ ଭୁଆଁ ବୁଲାଇବା ପାଇଁ ବ୍ୟବହାରିକ ଶିକ୍ଷାକ୍ଷେତ୍ରରେ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରିଛନ୍ତି । ସେହିଭଳି ଏସ୍‌ସି, ଏସ୍‌ଟି ମାନଙ୍କୁ ମଧ୍ୟ ବୈଷୟିକ, ମେଡିକାଲ, ଇଂଜିନିୟରିଂ ଶିକ୍ଷାକ୍ଷେତ୍ରରେ ମାତ୍ର ୨୦ ପ୍ରତିଶତ ସଂରକ୍ଷଣ ଦିଆଯାଇଛି। ଯାହାକି ସଂପୂର୍ଣ ଭାବେ ଏହି ବର୍ଗଙ୍କୁ ଉପେକ୍ଷା କରାଯାଇଛି ବୋଲି ଶ୍ରୀ ଲଲ୍ଲୁ ଅଭିଯୋଗ କରିଛନ୍ତି । ରାଜ୍ୟର ୫୪ ପ୍ରତିଶତ ପଛୁଆବର୍ଗର ଲୋକ ନିଜ ହକ ପାଇଁ ଲଢ଼େଇ କଲେ ନିଶ୍ଚିତଭାବେ ବ୍ୟବସ୍ଥିତ ହୋଇଥିବା ସଂରକ୍ଷଣ ଲାଗୁ କରିବାପାଇଁ ସରକାର ବାଧ୍ୟ ହେବେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସହ ପ୍ରଭାରୀ ରୋଜାଲିନା ତିର୍କି, ଜଗନ୍ନାଥ ପଟ୍ଟନାୟକ, ଶରତ ରାଉତ, ଶିବାନନ୍ଦ ରାୟ, ଅମର ପ୍ରଧାନ, ସୁରେଶ କୁମାର ରାଉତରାୟ, ରାମଚନ୍ଦ୍ର ଖୁଂଟିଆ, ଅନନ୍ତ ପ୍ରସାଦ ସେଠୀ, ସମୀର ରାଉତରାୟ, ଅଶୋକ ଦାସ, ରମେଶ ଜେନା, ମାନସ ଚୌଧୁରୀ, ଡ. ଦେବାଶିଷ ପଟ୍ଟନାୟକ, ମଙ୍ଗୁ ଖୁଲ୍ଲ, ପ୍ରଫୁଲ ପ୍ରଧାନ, ଡ. ଲଲାଟେନ୍ଦୁ ମହାପାତ୍ର, ସନ୍ତୋଷ ସିଂ ସାଲୁଜା, ଶୁଭେନ୍ଦୁ ମହାନ୍ତି, ପ୍ରକାଶ ଜେନା, ସସ୍ମିତା ବେହେରା, ପ୍ରକାଶ ମିଶ୍ର, ସୁଧାଂଶୁ ଦେଓ, ଜାନକୀ ପଟ୍ଟନାୟକ, ମନୋରଞ୍ଜନ ଦାଶ, ରଣଜିତ ପାତ୍ର, ଯାସିର ନୱାଜ, ଉଦିତ ପ୍ରଧାନ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଯୋଗଦେଇଥିଲେ।

# ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସରକାରୀ ଉନ୍ନୟନ ଯୋଜନାର ସମୀକ୍ଷା କଲେ ରାଜ୍ୟପାଳ

ଖୋର୍ଦ୍ଧା, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ମହାମାନ୍ୟ ରାଜ୍ୟପାଳ ଡ.ହାରିବାବୁ କମ୍ପମ ପାଟି ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସମୀକ୍ଷା କରି ଜିଲ୍ଲାକୁ ଦ୍ରୁତ ଶିଳ୍ପାୟନରେ ବିକାଶ କରାଇ ନିଯୁକ୍ତି ଓ ଆର୍ଥିକ ମାନଦଣ୍ଡ ସୁଦୃଢ କରିବାକୁ ଆହ୍ୱାନ ଦେଇଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ବିଭିନ୍ନ ଶିଳ୍ପର ପ୍ରତିଷ୍ଠା ନିମନ୍ତେ ପଦକ୍ଷେପ ନିଆଯାଇଥିବା ଜାଣି ଖୁସି ବ୍ୟକ୍ତ କରିବାସହ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ପ୍ରଶାସନକୁ ଧନ୍ୟବାଦ ଜଣାଇଥିଲେ । ଉକ୍ତ ବୈଠକରେ ଓଡ଼ିଶାର ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱିରାଜ୍ ହରିଚନ୍ଦନ, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍ ବିଏସ ରାଜପୁତ, ଜିଲ୍ଲାପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନ ସିଂହ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଚଞ୍ଚଳ ରାଣା, ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ




ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଉପଜିଲ୍ଲାପାଳ ଭୁବନେଶ୍ୱର ଡ.ମନୋରଞ୍ଜନ ସାହୁ, ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ରାଜ୍ୟପାଳ ପହଞ୍ଚିଲା ପରେ ପୋଲିସ ବାହିନୀ ପକ୍ଷରୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ସମ୍ମିଳନୀ କକ୍ଷରେ ଜାତୀୟ ସଙ୍ଗୀତ ବାଦ୍ୟ ଯନ୍ତ୍ରରେ ରାଜ୍ୟପାଳଙ୍କୁ ସମ୍ମାନ ପ୍ରଦର୍ଶନ ପୂର୍ବକ ଉତ୍ତରୀୟ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲାପାଳ ଚଞ୍ଚଳ ରାଣା ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ରାଜ୍ୟପାଳଙ୍କୁ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପରେ ପାୱାର ପଏଣ୍ଟ ଉପକରଣରେ ଭୁବନେଶ୍ୱର ରାଜଧାନୀ ନଗରର ଆଇନ ଶୃଙ୍ଖଳା ପରିସ୍ଥିତି ଓ ସେବା ଉପରେ ରାଜ୍ୟପାଳଙ୍କୁ ଅବଗତ କରାଯିବା ସହ ଖୋର୍ଦ୍ଧା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥ ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ପୌରାଞ୍ଚଳ, ବାଣପୁର ଓ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ ସହ ସଂପୃକ୍ତ ଅଞ୍ଚଳ ଗୁଡ଼ିକର ଆଇନଶୃଙ୍ଖଳା ପରିସ୍ଥିତି ଓ ସେବା ସମ୍ବନ୍ଧରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ରାଜ୍ୟ ରାଜଧାନୀ ଭୁବନେଶ୍ୱର ଖୋର୍ଦ୍ଧା ଜିଲ୍ଲା ମଧ୍ୟରେ ଯାଉଥିବାରୁ ଖୋର୍ଦ୍ଧା ଓ ଭୁବନେଶ୍ୱରର ଆଇନ ଶୃଙ୍ଖଳା ସେବା କଡାକଡି ରଖାଯିବା ଉପରେ ରାଜ୍ୟପାଳ ନିର୍ଦ୍ଦେଶ ଦେଇଥିଲେ ।

## ଘର ବାରଣ୍ଡାରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ଘଟଣା

# ହତ୍ୟାକାରୀକୁ ତାମିଲନାଡୁରୁ ଗିରଫ କଲା ପୋଲିସ



ବାରିପଦା, ନ୍ୟୁଜ ବ୍ୟୁରୋ

ଘର ବାରଣ୍ଡାରୁ ମହିଳାଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମୃତଦେହ ଉଦ୍ଧାର ଘଟଣାର ପୋଲିସ ପର୍ଦ୍ଦାଫାସ କରିଛନ୍ତି। ହତ୍ୟାକାରୀ ବାରିପଦା ସଦର ଥାନା ଅନ୍ତର୍ଗତ ଦାମୋଦରପୁର ଅଞ୍ଚଳର କାର୍ତ୍ତିକେଶ୍ୱର ସିଂ ଓରଫ କାଲୋକୁ ପୋଲିସ ଗିରଫ କରିଛି । ମୃତ ମହିଳା ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ବରଜୁପୁର ଅଞ୍ଚଳର ସୋମବାରୀ ସିଂ । ତେବେ ହତ୍ୟାକାଣ୍ଡର କିଛି ଦିନ ପୂର୍ବରୁ ତାଙ୍କ ଭଉଣୀ ଚାନ୍ଦମଣି ମୁଣ୍ଡାଙ୍କ ପାଖରେ ଦାମୋଦରପୁର ସ୍ଥିତ ଭଡା ଘରେ ରହୁଥିଲେ । ଦୁହେଁ ମଜୁରିଆ ଭାବେ କାର୍ଯ୍ୟ ମଧ୍ୟ କରୁଥିଲେ। ସୋମବାରୀଙ୍କ କାର୍ତ୍ତିକେଶ୍ୱର ସିଂ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ତେବେ କୋଣସି କାରଣ ପାଇଁ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା। ଯାହାକୁ ନେଇ କାର୍ତ୍ତିକେଶ୍ୱର ଇଟାରେ ସୋମବାରୀର ମୁଣ୍ଡକୁ ଶକ୍ତ ପ୍ରହାର କରିଥିଲା। ଏହା ଫଳରେ ପ୍ରବଳ ରକ୍ତସ୍ରାବ ହୋଇ ସମ୍ବାରିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ବାରିପଦା ସଦର ଥାନାରେ ଅଭିଯୋଗକ୍ରମେ ସାଇଣ୍ଟିଫିକ ଟିମ୍ ସହାୟତାରେ ବାରିପଦା ସଦର ଥାନା ପୋଲିସ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଥିଲେ। ତଦନ୍ତ ସମୟରେ କାର୍ତ୍ତିକେଶ୍ୱର ସମ୍ପୃକ୍ତି ନେଇ ପୋଲିସ ଜାଣିବାକୁ ପାଇଥିଲା। ତେବେ ଅଭିଯୁକ୍ତ କାର୍ତ୍ତିକେଶ୍ୱର ସିଂଙ୍କୁ ପୋଲିସ ତାମିଲନାଡୁରୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବାର ଅତିରିକ୍ତ ଏସ୍‌ପି ଦୀପକ କୁମାର ଗଛାୟାତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଏକ ସୁସ୍ଥ ପୃଥିବୀ ସୁନିଶ୍ଚିତ କରିବା ପାଇଁ ପ୍ରକୃତି ସହିତ ସ୍ଥାୟୀ ଏବଂ ସୁସଂହତ ସମ୍ପର୍କ ସୃଷ୍ଟି ଜରୁରୀ : ଜଙ୍ଗଲମନ୍ତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟବାସୀଙ୍କୁ ଉତ୍ତମ ଗୁଣବତାସମ୍ପନ୍ନ ଜୀବନ ପ୍ରଦାନ କରିବା ପାଇଁ ପ୍ରକୃତି ସହିତ ସମନ୍ୱୟ ଜରୁରୀ ଏବଂ ଆମକୁ ରାଜ୍ୟର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସମୃଦ୍ଧ ଜୈବବିବିଧତାକୁ ସୁରକ୍ଷା ଦେବାକୁ ପଡିବ। ଜମି, ଜଳ, ଜୀବ ଏବଂ ଜଙ୍ଗଲ ସମେତ ପ୍ରାକୃତିକ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଓ ଭବିଷ୍ୟତ ପିଢ଼ି ପାଇଁ ସେମାନଙ୍କର ଉପଲବ୍ଧତା ସୁନିଶ୍ଚିତ କରିବା ଆମର ପରମ କର୍ତ୍ତବ୍ୟ । ଏସମ୍ବନ୍ଧରେ ପାଠ୍ୟକ୍ରମରେ ବିଭିନ୍ନ ସ୍ଥାୟୀ ବ୍ୟବହାର ଅଭ୍ୟାସ ଅନ୍ତର୍ଭୁକ୍ତ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେବା ଆବଶ୍ୟକ । ଏହି ନୀତିଗୁଡ଼ିକୁ ଆପଣେଇ ଏବଂ ସମୁଚିତ କାର୍ଯ୍ୟପନ୍ଥା ଗ୍ରହଣ କରି, ଆମେ ପ୍ରକୃତି ସହିତ ଏକ ଅଧିକ ସ୍ଥାୟୀ ଏବଂ ସୁସଂହତ ସମ୍ପର୍କ ସୃଷ୍ଟି କରିପାରିବା, ସମସ୍ତଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୁନିଶ୍ଚିତ କରିପାରିବା ବୋଲି ଜଙ୍ଗଲମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମତବ୍ୟକ୍ତ କରିଛନ୍ତି ।

ଗୁରୁବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଜୈବବିବିଧତା ବୋର୍ଡ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଆନ୍ତର୍ଜାତୀୟ ଜୈବବିବିଧତା ଦିବସ ପାଳନ



କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଲେ ଯେ ବିସ୍ତୃତ ଜୈବବିବିଧତାକୁ ସଂରକ୍ଷଣ କରିବା ଏବଂ ଏଗୁଡ଼ିକୁ ସ୍ଥାୟୀ ଓ ପୋଷଣୀୟ ଭାବରେ ବ୍ୟବହାର କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ଚଳିତ ୨୦୨୫ ଆନ୍ତର୍ଜାତୀୟ ଜୈବବିବିଧତା ଦିବସର ବିଷୟବସ୍ତୁ ରହିଛି "ପ୍ରକୃତି ସହ ସମନ୍ୱୟ ଓ ଏହାର ସ୍ଥାୟୀ ବିକାଶ" ।

ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ ଏବଂ ବନ ବାହିନୀର ମୁଖ୍ୟ ସୁରେଶ ପନ୍ତ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଏହି ଆଇନର ତିନୋଟି ଉଦ୍ଦେଶ୍ୟ ହାସଲ କରିବାରେ ବିଏମ୍‌ସି ଗୁଡ଼ିକର ଭୂମିକା ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ । ଯୁବପିଢ଼ିଙ୍କ ମଧ୍ୟରେ ଜୈବବିବିଧତା ସଂରକ୍ଷଣ ମାନସିକତା ସୃଷ୍ଟି କରିବା ଦୀର୍ଘକାଳୀନ ଲକ୍ଷ୍ୟ ହାସଲ କରିବା ପାଇଁ ଅତ୍ୟନ୍ତ ଫଳପ୍ରଦ ହେବ ବୋଲି ହୃଦୟଙ୍ଗମ କରି ବିଭିନ୍ନ ସ୍କୁଲ ଏବଂ ବିଶ୍ୱବିଦ୍ୟାଳୟର ଯୁବପିଢୀମାନଙ୍କୁ କାର୍ଯ୍ୟକ୍ରମରେ ସାମିଲ କରିବା କ୍ଷେତ୍ରରେ ବୋର୍ଡର ଉଦ୍ୟମକୁ ପ୍ରଶଂସା କରିଥିଲେ ।

ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଏବଂ ମୁଖ୍ୟ ବନ୍ୟପ୍ରାଣୀ ୱାର୍ଡେନ ପ୍ରେମ କୁମାର ଝା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ କହିଲେ ଯେ ତୃଣମୂଳ ସ୍ତରରେ ଲୋକଙ୍କ ମଧ୍ୟରେ ଜୈବ ବିବିଧତା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ବୋର୍ଡର ପ୍ରୟାସ ପ୍ରଶଂସନୀୟ ।

ଅତିଥିମାନେ ଓଡ଼ିଶାର ସବୁଠାରୁ ବିପଦପୂର୍ଣ୍ଣ ଛଅଟି ଉଦ୍ଭିଦକୁ ଜଳ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ଅତିଥି ଓ ଅନ୍ୟ ଅତିଥିମାନେ ବିଭିନ୍ନ ଅଂଶୀଦାରଙ୍କ ପାଇଁ ବୋର୍ଡ ଦ୍ୱାରା ପ୍ରକାଶିତ ଚାରୋଟି ପୁସ୍ତକ ଯଥା :-ମିଠା ପାଣିର କଇଁଛ ଏବଂ ଓଡ଼ିଶାର ପବିତ୍ର ସ୍ଥାନରୁ ପ୍ରତିଧ୍ୱନି", "ଓଡ଼ିଶାର ସାଧାରଣ ଜଳଜ ଉଦ୍ଭିଦ: ଏକ ପକେଟ କ୍ଷେତ୍ର ଗାଇଡ୍", "ଜୈବ ବିବିଧତା ପରିଚାଳନା କମିଟି ପାଇଁ ଏକ ଦ୍ୱିଭାଷୀ କାର୍ଯ୍ୟକ୍ଷମ ମାର୍ଗଦର୍ଶିକା ଏବଂ ଓଡ଼ିଶା ଜୈବ ବିବିଧତା ବୋର୍ଡର କାର୍ଯ୍ୟକଳାପ ରିପୋର୍ଟ: ୨୦୨୪-୨୫ ଉନ୍ମୋଚନ କରିଥିଲେ। ବୋର୍ଡ ପୂର୍ବରୁ ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡ଼ିକର ସ୍ନାତକୋତର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତର୍କ ପ୍ରତିଯୋଗିତା ଆୟୋଜନ କରିଥିଲା । ଓଡ଼ିଶାର ରାମସାର ସ୍ଥଳ ସଂଲଗ୍ନ ବିଦ୍ୟାଳୟର ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ବଣ୍ଟନ କରିଥିଲେ।

ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ବର୍ତ୍ତମାନର ଏବଂ ଅବସରପ୍ରାପ୍ତ ଅଧିକାରୀ, ରାଜ୍ୟର ସମସ୍ତ ୩୦ ଜିଲ୍ଲାର ଜୈବ ବିବିଧତା ପରିଚାଳନା କମିଟି ସଦସ୍ୟ, ବିଶ୍ୱବିଦ୍ୟାଳୟ ଏବଂ ସ୍କୁଲ ଛାତ୍ରଛାତ୍ରୀମାନେ ସେମାନଙ୍କର ମନୋନୀତ ଶିକ୍ଷକ ଏବଂ ପ୍ରଫେସର, ପାରମ୍ପରିକ ଜ୍ଞାନଧାରୀ ଏବଂ ଅଭ୍ୟାସକାରୀ ଏବଂ ଅନ୍ୟାନ୍ୟ ବିଭିନ୍ନ ଅଂଶୀଦାରଙ୍କ ସହିତ ଅଂଶଗ୍ରହଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନୂଆ ସରକାର...

ସେ କହିଥିଲେ ଯେ, ମାତ୍ର ୧୧୩ ଦିନ ମଧ୍ୟରେ ଦେଇଥିବା ପ୍ରତିଶ୍ରୁତି ଆମ ସରକାର ପୂରଣ କରିଛନ୍ତି । ଆଜି ଏହି ଯେଉଁ ସବୁ ପ୍ରକଳ୍ପ ଆପଣମାନଙ୍କ ସମ୍ମୁଖରେ ଭିତ୍ତିପ୍ରସ୍ତର ସ୍ଥାପନ ହେଲା । ଏହି ସମସ୍ତ ପ୍ରକଳ୍ପର ମେକ୍-ଇନ୍-ଓଡିଶା କନ୍‌କ୍ଲେଭ୍'ରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ପ୍ରକଳ୍ପ ସବୁ ମାଧ୍ୟମରେ ଲକ୍ଷାଧିକ ଓଡ଼ିଆ ଯୁବକ ଓ ଯୁବତୀ ନିଜ ରାଜ୍ୟର ମାଟିରେ ନିଜ ସ୍ୱପ୍ନ ପୂରଣ କରିପାରିବେ। ଏହା କେବଳ ଚାକିରି ନୁହେଁ, ଯୁବବର୍ଗଙ୍କ ପାଇଁ ଏହା ସ୍ୱାଭିମାନ, ଏହା ନୂଆ ଓଡ଼ିଶାର ନୂଆ ପରିଚୟ। ଏହା ସମୃଦ୍ଧ ଓଡ଼ିଶାର ଅୟମାରମ୍ଭ। ସେ ପୁଣି କହିଥିଲେ, ରାଜ୍ୟର ଶିଳ୍ପ ବିକାଶର ଏନ୍ତୁଡିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗ ନଗର। ଶିଳ୍ପ ବିକାଶରେ ଅଗ୍ରଣୀ ଭୂମିକା ଗ୍ରହଣ କରି ରାଜ୍ୟ ପାଇଁ ଏହି ଅଞ୍ଚଳ ଏକ ଦୃଷ୍ଟାନ୍ତ ପାଲଟିଛି । ମେକ ଇନ ଓଡ଼ିଶା କନକ୍ଲେଭ-ଉତ୍କର୍ଷ ଓଡ଼ିଶାର ଚମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ଆମେ ପାଇଥିଲୁ । ଆଉ ଆଜି ବାସ୍ତବତା ଭୂମିରେ ଦୃଶ୍ୟମାନ ହେଉଛି ଯେ ଓଡ଼ିଶା ଆଉ କେବଳ ସମ୍ଭାବନାର ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି। ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଓଡ଼ିଶାବାସୀଙ୍କ ବିଶ୍ୱାସକୁ ସାଥି କରି ଆମ ସରକାର କାର୍ଯ୍ୟ କରୁଛି ଏବଂ ଓଡ଼ିଶା ବିକାଶ ପଥରେ ଆଗେଇ ଚାଲିଛି । ଶିଳ୍ପର ବିକାଶ ଆମ ପ୍ରଥମ ଉଦ୍ଦେଶ୍ୟ ଥିଲା। ଆଉ ସେହି ଉଦ୍ଦେଶ୍ୟକୁ ଆମ ସରକାର ସଫଳ କରୁଛନ୍ତି ବୋଲି ସେ କହିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି। ଶିଳ୍ପର ବିକାଶ ହେଉଛି ଏବଂ ଏହା ଦ୍ୱାରା ଆମ ରାଜ୍ୟର ବିକାଶ ହେଉଛି। ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡଚଣା ବିଧାୟକ ଅମର ନାୟକ ପ୍ରମୁଖଙ୍କ ସମେତ ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାର ଶିଳ୍ପପତିମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

## ସୁଧାକର ବୁର୍ଗି ...

ଓଏସଏସସି ଅଧକ୍ଷ ପଦରୁ ଇସ୍ତଫା ପରେ ସୁଧାକର ବୁର୍ଗିଙ୍କୁ ନୂଆ ଅଧକ୍ଷ ଭାବେ ନିଯୁକ୍ତ କରାଯାଇଛି। ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଶ୍ରୀ ବୁର୍ଗି ଅଧକ୍ଷ ଦାୟିତ୍ୱ ତୁଲାଇବେ।

## ସୁରକ୍ଷା ବାହିନୀଙ୍କ...

ଆତଙ୍କବାଦୀମାନେ ସେନା ଉପରକୁ ଗୁଳି ଚଳାଇଥିଲେ। ଏହାର ଜବାବରେ ସେନା ଦୁଇ ଆତଙ୍କବାଦୀଙ୍କୁ ନିପାତ କରିଛି ।

## ଫେରିଲା କରୋନା...

ରୋଗରେ ପୀଡିତ ଥିବା ସୂଚନା ମିଳିଛି । ଏହି ନୂତନ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ଚୀନ ଏବଂ ସିଙ୍ଗାପୁର ଭଳି ଦକ୍ଷିଣ ଏସୀୟ ଦେଶଗୁଡ଼ିକରେ କୋଭିଡ୍-୧୯ ବ୍ୟାପିଥିବା ବେଳେ, ଏହି ସଂକ୍ରମଣ ଏବେ ଭାରତରେ ପହଞ୍ଚିଛି। ମୁମ୍ବାଇରେ କୋଭିଡ୍-୧୯ ଯୋଗୁ ଦୁଇଜଣଙ୍କ ମୃତ୍ୟୁ ରିପୋର୍ଟ ହୋଇଛି । ସାରା ଭାରତରେ ୨୫୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଭୁବନେଶ୍ୱରର ମାମଲା କରୋନା ସଂକ୍ରମଣକୁ ନେଇ ସରକାରଙ୍କ ଚିନ୍ତାକୁ ଆହୁରି ବଢାଇ ଦେଇଛି।

## ଭୟଭୀତ ହେବାର ...

ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ଓ ସଂଖ୍ୟା ସ୍ଥିର ରହିଛି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର କମିଶନର-ତଥା-ଶାସନ ସଚିବ ଅଶ୍ୱଥି ଏସ. ଗୁରୁବାର ଗଣମାଧ୍ୟମକୁ କହିଛନ୍ତି ଯେ, ଚିନ୍ତାର କୌଣସି କାରଣ ନାହିଁ। କିନ୍ତୁ ଆମେ ପରିସ୍ଥିତି ଉପରେ କଡ଼ା ନଜର ରଖିଛୁ । ଉପଲବ୍ଧ ତଥ୍ୟ ସୂଚାଇ ଦେଉଛି ଯେ, ପ୍ରଚଳିତ ଷ୍ଟ୍ରେନ ହାଲୁକା, କମ ତୀବ୍ରତା ଯୁକ୍ତ। ଚିନ୍ତାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ସେ ଆହୁରି ସ୍ପଷ୍ଟ କରିଛନ୍ତି ଯେ, କେନ୍ଦ୍ର ଦ୍ୱାରା ଏପର୍ଯ୍ୟନ୍ତ କୌଣସି ସରକାରୀ ପରାମର୍ଶ ବା ଗାଇଡ୍ ଲାଇନ୍ ଜାରି କରାଯାଇ ନାହିଁ। ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶାବଳୀ ଜାରି ହେବା ପରେ, ଆମେ ସେହି ଅନୁସାରେ କାର୍ଯ୍ୟକାରୀ କରିବୁ। ପଜିଟିଭ ପରୀକ୍ଷା କରାଯାଇଥିବା ରୋଗୀ ସୁସ୍ଥ ହେଉଛନ୍ତି । ନୂତନ ପ୍ରକାର ସ୍ୱାସ୍ଥ୍ୟ ବିପଦ ବୃଦ୍ଧି କରୁଥିବା ପରି ମନେ ହେଉନାହିଁ ବୋଲି ସେ କହିଛନ୍ତି। ଜନସ୍ୱାସ୍ଥ୍ୟ ପରିଚାଳନାରେ ସତର୍କତାର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଛନ୍ତି ବର୍ତ୍ତମାନର ପରିସ୍ଥିତିରେ କଠୋର ପଦକ୍ଷେପ ନେବାର ଆବଶ୍ୟକତା ନାହିଁ। ଏହା ଏକ ପୃଥକ ମାମଲା। କୌଣସି କ୍ଲଷ୍ଟର ପ୍ରାଦୁର୍ଭାବ କିମ୍ବା ବୃଦ୍ଧି ପାଉଥିବା ସଂକ୍ରମଣର ସୂଚନା ନାହିଁ । ଷ୍ଟ୍ରେନର ଗମ୍ଭୀରତା କମ ରହିଛି ଏବଂ ପରିସ୍ଥିତି ବିଗିଡ଼ି ନାହିଁ ବୋଲି ସେ କହିଛନ୍ତି। ସେ ଏହା ମଧ୍ୟ ନିଶ୍ଚିତ କରିଛନ୍ତି ଯେ, ଯଦି ଅଧିକ ମାମଲା ସାମ୍ନାକୁ ଆସେ କିମ୍ବା ନୂତନ ନିର୍ଦ୍ଦେଶନାମା ଜାରି ହୁଏ, ତେବେ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ। ବର୍ତ୍ତମାନ ପର୍ଯ୍ୟନ୍ତ, କେବଳ ଗୋଟିଏ ମାମଲା ରିପୋର୍ଟ ହୋଇଛି । ଆବଶ୍ୟକ ହେଲେ ଆମେ ଆମର ପ୍ରତିକ୍ରିୟା ପଦକ୍ଷେପ ବୃଦ୍ଧି କରିବୁ। ବର୍ତ୍ତମାନ ପର୍ଯ୍ୟନ୍ତ ଏପରି କୌଣସି ପରାମର୍ଶ ମିଳିନାହିଁ ବୋଲି ସେ କହିଛନ୍ତି।

## ୨୭ରେ ବଙ୍ଗୋପସାଗରରେ ...

ବାଂଲାଦେଶ ଉପକୂଳରେ ଆଘାତ କରିବାର ସମ୍ଭାବନା ଅଧିକ, ତେବେ ଓଡ଼ିଶାର ଉପକୂଳୀୟ ଜିଲ୍ଲାଗୁଡ଼ିକ ମଧ୍ୟ ପରୋକ୍ଷ ପ୍ରଭାବରୁ ବାଦ ପଡ଼ିବ ନାହିଁ । ମେ ୨୪ରୁ ୨୬ ତାରିଖ ମଧ୍ୟରେ ଏହା ଉପକୂଳରେ ପହଞ୍ଚିବାର ଆଶଙ୍କା ରହିଛି, ଯାହା ସହ ପ୍ରବଳ ବର୍ଷା, ଝଡ଼ତୋଫାନ ଏବଂ ଉପକୂଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ। ଆସନ୍ତା ୨୭ରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ନିକଟରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ହେବା ସହ ଲଘୁଚାପରେ ପରିଣତ ହେବ। ଏହା ପରବର୍ତ୍ତୀ ୨ ଦିନ ମଧ୍ୟରେ ଅଧିକ ଘନୀଭୂତ ହୋଇ ଉତ୍ତର ବଙ୍ଗୋପସାଗର ଆଡକୁ ଗତି କରିପାରେ। ପାଣିପାଗ ବିଭାଗ ଅନୁସାରେ, ଏହି ଲଘୁଚାପ ପରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ତେବେ ଏହା ବାତ୍ୟାରେ ପରିଣତ ହେବ କି ନାହିଁ, ତାହା ଲଘୁଚାପ ସୃଷ୍ଟି ହେବା ପରେ ସ୍ପଷ୍ଟ ହେବ । ଏହାର ପ୍ରଭାବରେ ତାମିଲନାଡୁ, ଶ୍ରୀଲଙ୍କା ଏବଂ ଆନ୍ଧ୍ରପ୍ରଦେଶ ଉପକୂଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଓଡ଼ିଶା ଉପରେ ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡିବ କି ନାହିଁ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ତଥାପି ରାଜ୍ୟର କେତେକ ଜିଲ୍ଲାରେ ୨୭ ଓ ୨୮ରେ ବର୍ଷା ହୋଇପାରେ।

## କନ୍ନଡ଼ ଲେଖିକା...

କାହାଣୀକୁ ନେଇ ମୁସ୍ତାକଙ୍କ ପୁସ୍ତକ ହାର୍ଟ ଲ୍ୟାମ୍ପରେ, ଦକ୍ଷିଣ ଭାରତରେ ମୁସଲମାନ ମହିଳାଙ୍କ ଦୁର୍ଦ୍ଦଶା ବିଷୟରେ ଅତ୍ୟନ୍ତ ମର୍ମସ୍ପର୍ଶୀ ବର୍ଣ୍ଣନା କରାଯାଇଛି। ବାନୁ ମୁସ୍ତାକଙ୍କ ଲେଖା ପୁସ୍ତକ ପ୍ରେମୀଙ୍କ ମଧ୍ୟରେ ବେଶ ଜଣାଶୁଣା। କିନ୍ତୁ ଅନ୍ତର୍ଜାତୀୟ ବୁକର ପୁରସ୍କାର ତାଙ୍କ ଜୀବନ ଏବଂ ସାହିତ୍ୟକୁ ବିଶ୍ୱ ସମ୍ମୁଖରେ ଉନ୍ମୁକ୍ତ କରିଛି । ତାଙ୍କ ସାହିତ୍ୟରେ ଧାର୍ମିକ ସଂକୀର୍ଣ୍ଣତା ଏବଂ ପିତୃପୁରୁଷ ସମାଜରୁ ଜନ୍ମ ହୋଇଥିବା ମହିଳାମାନେ ସମ୍ମୁଖୀନ ହେଉଥିବା ଆହ୍ୱାନର ଏକ ଝଲକ ପ୍ରଦାନ କରେ। ମୁସ୍ତାକ କର୍ଣ୍ଣାଟକର ଏକ ଛୋଟ ସହରର ଏକ ମୁସଲମାନ ବସ୍ତିରେ ବଢିଥିଲେ ଏବଂ ତାଙ୍କ ଆଖପାଖର ଅଧିକାଂଶ ଝିଅଙ୍କ ପରି ଉର୍ଦ୍ଦୁ ଏବଂ କୋରାନ ଅଧ୍ୟୟନ କରିଥିଲେ। କିନ୍ତୁ ତାଙ୍କ ବାପା ଜଣେ ସରକାରୀ କର୍ମଚାରୀ ଥିଲେ ଓ ସେ ଚାହୁଁଥିଲେ ଯେ ବାନୁ ମୁସ୍ତାକ ସାଧାରଣ ସ୍କୁଲରେ ପଢ଼ନ୍ତୁ । ଯେତେବେଳେ ତାଙ୍କୁ ଆଠ ବର୍ଷ ହୋଇଥିଲା, ତାଙ୍କ ପିତା ତାଙ୍କୁ ଏକ କନଭେଣ୍ଟ ସ୍କୁଲରେ ନାମ ଲେଖାଇଥିଲେ। ଯେଉଁଠାରେ କନ୍ନଡ ଶିକ୍ଷା ଦିଆଯାଉଥିଲା।

ଭୁବନେଶ୍ୱର
୨୩ ମଇ,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ୨୦୩୫ ସୁଦ୍ଧା ସ୍ଥାପନ ହେବ ଭାରତର ମଡ୍ୟୁଲାର ଅନ୍ତରୀକ୍ଷ କେନ୍ଦ୍ର: ଇସ୍ରୋ ଅଧ୍ୟକ୍ଷ

**ଭୁବନେଶ୍ୱର, ୨୨/୦୫ ନ୍ୟୁଜ ବ୍ୟୁରୋ**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା ଅର୍ଥାତ୍ ଇସ୍ରୋ ମହାକାଶରେ ୨୦୩୫ ସୁଦ୍ଧା ଏକ ମଡ୍ୟୁଲାର ମହାକାଶ କେନ୍ଦ୍ର - "ଭାରତୀୟ ଅନ୍ତରୀକ୍ଷ ଷ୍ଟେସନ୍"ସ୍ଥାପନ କରିବାର ଯୋଜନା ରଖିଛି ବୋଲି ବୁଧବାର ଇସ୍ରୋର ଅଧ୍ୟକ୍ଷ ତଥା ମହାକାଶ ବିଭାଗର ସଚିବ ଡକ୍ଟର ଭି. ନାରାୟଣନ୍ କହିଛନ୍ତି। ବିଏଏସ୍‌ର ସ୍ଥାପନା ମହାକାଶ ଗବେଷଣା ଏବଂ ତତ୍‌ସମ୍ପର୍କିତ ଅତ୍ୟାଧୁନିକ ମହାକାଶ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତର ସ୍ଥିତିକୁ ସୁଦୃଢ଼ କରିବ ବୋଲି ସେ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ, ଗବେଷକ ଏବଂ ଫ୍ୟାକଲ୍ଟିମାନଙ୍କ ସହିତ ଆଲୋଚନା ପରିପ୍ରେକ୍ଷୀରେ ଏହି ସୂଚନା ଦେଇଛନ୍ତି ଇସ୍ରୋର ଅଧ୍ୟକ୍ଷ। ଭାରତର ପ୍ରଥମ ମାନବ ମହାକାଶ ମିଶନ, 'ଗଗନାୟନ' ୨୦୨୭ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକାରୀ ହେବା ନିମନ୍ତେ ପ୍ରଚେଷ୍ଟା ଚାଲିଥିବା ବେଳେ ଏଥି ନିମନ୍ତେ ୪ ଜଣ ଟେଷ୍ଟ ପାଇଲଟଙ୍କୁ ମହାକାଶଚାରୀ ଭାବେ ପ୍ରଶିକ୍ଷଣ ଦିଆଯାଉଥିବା ସେ ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ମନୁଷ୍ୟ ନ ଥାଇ ଏହି ପରୀକ୍ଷା କରାଯିବ। ସେହିପରି ୨୦୪୭ ସୁଦ୍ଧା ଭାରତ ବିଶ୍ୱରେ ଏକ ମହାକାଶ ଶକ୍ତି ଭାବେ ନିଜକୁ ପ୍ରସ୍ତୁତ କରିବାର ଲକ୍ଷ୍ୟ ରଖିଛି। ଏପର୍ଯ୍ୟନ୍ତ ଋଷିଆ, ଯୁକ୍ତରାଷ୍ଟ୍ର ଆମେରିକା ଏବଂ



ଚୀନ୍ ହିଁ ମହାକାଶକୁ ମାନବ ପଠାଇବାରେ ସଫଳ ହୋଇପାରିଛନ୍ତି ବୋଲି ସେ କହିଥିଲେ। ଜଣେ ରକେଟ ବିଶେଷଜ୍ଞ ଭାବେ ପରିଚିତ ଡକ୍ଟର ନାରାୟଣନ କହିଥିଲେ ଯେ ଯଦିଓ ଭାରତର ମହାକାଶ ଅଭିଯାନ ୧୯୬୨ରେ ଆରମ୍ଭ ହୋଇଥିଲା ଏହି ଯାତ୍ରା ଖୁବ୍ ଲମ୍ବା ଥିଲା। ଦେଶ ଏବେ ଜଣେ ଭାରତୀୟଙ୍କୁ ନିରାପଦ ଭାବେ ଚନ୍ଦ୍ରକୁ ପଠାଇ ପୁଣି ସଫଳତାର ସହ ଫେରାଇ ଆଣିବା ନିମନ୍ତେ ଲକ୍ଷ୍ୟ ରଖିଛି। ସେ କହିଥିଲେ ୧୯୬୯ ମସିହାରେ ଯେତେବେଳେ ଇସ୍ରୋ ପ୍ରତିଷ୍ଠା ହୋଇଥିଲା ସେତେବେଳକୁ ଯୁକ୍ତରାଷ୍ଟ୍ର ଆମେରିକା ସଫଳତାର ସହ ନିଲ ଆର୍ମଷ୍ଟ୍ରଙ୍ଗଙ୍କୁ ଚନ୍ଦ୍ରକୁ ପଠାଇସାରିଥିଲା। ତେବେ ବିଳମ୍ବରେ ଆରମ୍ଭ ହେବା ସତ୍ତ୍ୱେ ଇସ୍ରୋ ଖୁବ୍ ଦୃଷ୍ଟାନ୍ତମୂଳକ ବିକାଶ କରିପାରିଛି।

୧୯୮୦ ମସିହାରେ ପ୍ରଥମ ଥର ପାଇଁ ଭାରତ ମହାକାଶକୁ ୩୫ କେଜିର ସାଟେଲାଇଟ୍ ପଠାଇବାରେ ସଫଳ ହୋଇପାରିଥିଲା। ପରବର୍ତ୍ତୀ ସମୟରେ ଭାରତ ୬ଟି ପିଢ଼ିର ଲଞ୍ଚ ଭେହିକଲ ନିର୍ମାଣ କରିବାକୁ ସକ୍ଷମ ହୋଇଛି। ମାତ୍ର ୨୭ ଦିନ ମଧ୍ୟରେ ଏକ ୪୦ ମହଲା ଉଚ୍ଚର ରକେଟ ପ୍ରସ୍ତୁତ କରିବା ଭାରତ ନିମନ୍ତେ ଏକ ଉଲ୍ଲେଖନୀୟ ସଫଳତା ବୋଲି ସେ କହିଥିଲେ। ଡ. ନାରାୟଣନ୍ କହିଥିଲେ ଯେ ଏପରି ଏକ ସମୟ ଥିଲା ଯେତେବେଳେ କ୍ରାୟୋଜେନିକ ଇଞ୍ଜିନ୍‌ର ଜ୍ଞାନକୌଶଳ ନିମନ୍ତେ ଭାରତ ଅନ୍ୟ ଦେଶମାନଙ୍କର ସାହାଯ୍ୟ ଲୋଡ଼ି ଅପଦସ୍ତ ଓ ଅପମାନିତ ହୋଇଥିଲା। ମାତ୍ର ଦେଶ ଏହା ଏବେ ନିଜେ ନିର୍ମାଣ କରିବାକୁ ସକ୍ଷମ ଅଟେ। ଏ ପର୍ଯ୍ୟନ୍ତ ଭାରତ ୩ଟି କ୍ରାୟୋଜେନିକ ଇଞ୍ଜିନ୍ ପ୍ରସ୍ତୁତ କରିସାରିଥିବା ବେଳେ ସେଥିରୁ ୨ଟି ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ବୋଲି ସେ କହିଥିଲେ। ଏହି ଅବସରରେ ଆଇଟିଇଆର୍‌ର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ୍, କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମୃଣା ଦାସ ଏବଂ ବିଭିନ୍ନ ଅନୁଷ୍ଠାନର ଡିନ୍ ମାନେ ଉପସ୍ଥିତ ଥିଲେ। ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁକ୍ତ ୨ରେ କିସ୍‌ର ଶତ ପ୍ରତିଶତ ସଫଳତା



**ଭୁବନେଶ୍ୱର, ୨୨।୫**
**ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ରାଜ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ପାସ୍ ହାର ଯଥାକ୍ରମେ ୮୦.୫୧, ୮୭.୪୯ ଓ ୮୩.୦୩ ଥିବା ବେଳେ କିସ୍‌ର ପାସ୍ ହାର ଉତ୍ସାହଜନକ ରହିଛି। ଚଳିତବର୍ଷ ମଧ୍ୟ କିସ୍‌ର ଛାତ୍ରୀମାନେ ଛାତ୍ରଙ୍କ ଅପେକ୍ଷା ଭଲ ପ୍ରଦର୍ଶନ କରିଛନ୍ତି। କିସ୍‌ରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ମୋଟ୍ ୧୮୭୦ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ କଳାରେ ୩୨ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଥିବାବେଳେ ବିଜ୍ଞାନ ଓ ବାଣିଜ୍ୟରେ ଯଥାକ୍ରମେ ୪୦ ଓ ୩୮ ପ୍ରତିଶତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ପାସ୍ କରିଛନ୍ତି। କଳାରେ ପ୍ରମିଳା ଖିଲ ସର୍ବାଧିକ ୮୪ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ ବିଜ୍ଞାନରେ କ୍ରିଷ୍ଣା କହଁର ସର୍ବାଧିକ ୮୯ ପ୍ରତିଶତ ରଖି ଓ ବାଣିଜ୍ୟରେ ଜେମା ସିଂହ ସର୍ବାଧିକ ୮୭ ପ୍ରତିଶତ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ଦ୍ୱାଦଶ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଡ. ସାମନ୍ତ କହିଛନ୍ତି, କିସ୍ କଲେଜର ଅଧ୍ୟାପକ, ଅଧ୍ୟାପିକାଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ କିସ୍‌କୁ ଏହି ସଫଳତା ଆଣିଦେଇଛି।

# ୨୦ ଲକ୍ଷ ଟଙ୍କାର ସରକାରୀ ପାଣ୍ଠି ହଡ଼ପ କରି ବନ୍ଧାହେଲେ ୪ ଅଧିକାରୀ



**କାଶୀପୁର, ୨୨/୦୫**
**ନ୍ୟୁଜ ବ୍ୟୁରୋ**

ସରକାରୀ ଅର୍ଥ ହଡ଼ପ ଅଭିଯୋଗରେ ୪ ଅଧିକାରୀ ଗିରଫ ହୋଇଛନ୍ତି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକରେ ଏନ୍‌ଆରଇଜିଏସ୍ ଅନ୍ତର୍ଗତ କୃଷି ପୋଖରୀ ଖନନ ନକରି ସରକାରୀ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ୪ ଅଧିକାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ। ସୂଚନାନୁଯାୟୀ, ରାୟଗଡ଼ା ଜିଲ୍ଲା ଜଳଛାୟା ପ୍ରକଳ୍ପରେ ୨୩ଟି ପୋଖରୀ ଖୋଳା ନଯାଇ ୨୦ ଲକ୍ଷ ଟଙ୍କାର ଅର୍ଥ ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସଂପୃକ୍ତ ରାଜେନ୍ଦ୍ରନାଥ ନାୟକ, ଅସିଷ୍ଟାଣ୍ଟ ପ୍ରୋଜେକ୍ଟ ଡିରେକ୍ଟର କମ୍ ପିଆଇଏ, ମୃତ୍ତିକା ସଂରକ୍ଷଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ଖୋସଲା ଏବଂ ଦୀପକ କୁମାର ସାହୁ, ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ ଶ୍ରୀକୁମାର ନାୟକଙ୍କ ବିରୋଧରେ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ବେଳେ ଏହି ୪ ଅଧିକାରୀ ସରକାରୀ ପାଣ୍ଠି ହଡ଼ପ କରିଥିବା ଜଣାପଡ଼ିଥିଲା। ଜବ କାର୍ଡ ଥିବା ଶ୍ରମିକଙ୍କ ଖାତାକୁ ଭିତ୍ତି କରି ଅର୍ଥ ହେରଫେର ହୋଇଥିବା ଜଣାପଡ଼ିଥିଲା। ଭିଜିଲାନ୍ସ ଏବେ ୪ ଅଭିଯୁକ୍ତଙ୍କୁ ଗିରଫ କରି ପଚରାଉଚରା କରୁଛି। ଏ ସଂକ୍ରାନ୍ତରେ କୋରାପୁଟ ଭିଜିଲାନ୍ସ ବିଭାଗ ତରଫରୁ ଏକ ମାମଲା ରୁଜୁ କରାଯାଇଛି।

# ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଇମ୍ଫାର ସମ୍ପ୍ରସାରିତ କାରଖାନାର ଶିଳାନ୍ୟାସ

**ଭୁବନେଶ୍ୱର, ୨୨/୦୫**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିର ପ୍ରମୁଖ ପୁରୋଧା ସ୍ୱର୍ଗତ ଡ. ବଂଶୀଧର ପଣ୍ଡାଙ୍କ ଦ୍ୱାରା ପ୍ରତିଷ୍ଠିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ୍ ଲିମିଟେଡ୍ (ଇମ୍ଫା) ପକ୍ଷରୁ ଗୁରୁବାର କଳିଙ୍ଗ ନଗରରେ ଏହାର ନୂତନ ଅତ୍ୟାଧୁନିକ ପ୍ଲାଣ୍ଟର ଶିଳାନ୍ୟାସ ହୋଇଯାଇଛି। ରାଜ୍ୟର ଶିଳ୍ପ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନଦାୟିତ୍ୱ) ସମ୍ପଦଚନ୍ଦ୍ର ସ୍ୱାଇଁ, ସମବାୟବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପ୍ରଦୀପ ବଳସାମନ୍ତ, ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଇମ୍ଫାର ବରିଷ୍ଠ ସଦସ୍ୟଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଧିବଦ୍ଧ ଭାବେ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ୧୨୪.୨୬ ଏକରରେ ପରିବ୍ୟାପ୍ତ ଏହି କଳିଙ୍ଗନଗର କାରଖାନାରୁ ବାର୍ଷିକ ୧,୦୦,୦୦୦ମେଟ୍ରିକ ଟନ୍ ଫେରୋକ୍ରୋମ୍ ଉତ୍ପାଦନ ହେବ। ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ତ୍ରୈୟ ମାସିକ ସୁଦ୍ଧା ଏହି କାରଖାନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହେବାକୁ ଥିବା ଏହି କାରଖାନା ଚୌଦ୍ୱାର ଏବଂ ଥେରୁବାଲି ଠାରେ ଥିବା ଇମ୍ଫାର ସମନ୍ୱିତ କାର୍ଯ୍ୟସ୍ଥଳୀଗୁଡ଼ିକର ପରିପୂରକ ହେବ ଏବଂ ଏହାର




ମୋଟ ଉତ୍ପାଦନ କ୍ଷମତା ୩,୮୪,୦୦୦ଟନ୍‌କୁ ବୃଦ୍ଧିପାଇବା ସହିତ ମୂଲ୍ୟଯୁକ୍ତ ଭାରତର ଅଗ୍ରଣୀ ଫେରୋକ୍ରୋମ୍ ଉତ୍ପାଦନ କାରୀ ଭାବରେ ଏହାର ସ୍ଥିତିକୁ ସୁଦୃଢ଼କରିବ। ଇମ୍ଫାର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏହି ପ୍ରକଳ୍ପର ମହତ୍ତ୍ୱ ଉପରେ ଆଲୋକପାତ କରି କହିଛନ୍ତି ଯେ, ଓଡ଼ିଶାର ବିକାଶ ପାଇଁ ଆମେସର୍ବଦା ପ୍ରତିଶ୍ରୁତିବଦ୍ଧ ରହିଛୁ । ଏହି ନୂତନ ପ୍ରକଳ୍ପ କେବଳ ରାଜ୍ୟର ଶିଳ୍ପ ମାନଚିତ୍ରକୁ ଉନ୍ନତ କରିବ ନାହିଁ ବରଂ ଦୀର୍ଘସ୍ଥାୟୀ ଏବଂ ଉନ୍ନତ ଜ୍ଞାନ କୌଶଳ ମାଧ୍ୟମରେ ଇମ୍ଫାର ଅଭିବୃଦ୍ଧିରେ ମଧ୍ୟ ସହାୟକ ହେବ। ଫେରୋ ଆଲଏଜ କ୍ଷେତ୍ରରେ ଅଗ୍ରଣୀ ଇମ୍ଫା ଜେଏସ ଡବ୍ଲ୍ୟୁ ଗ୍ରୀନ୍ ଏନର୍ଜି ସହ ମିଳିତ ଉଦ୍ୟମରେ କଳିଙ୍ଗନଗର କାରଖାନାରେ ସ୍ମେଲଟିଙ୍ଗ ପ୍ରକ୍ରିୟା ପାଇଁ ୧୧୦ ମେଗାୱାଟ୍ ହାଇବ୍ରିଡର ନବିକରଣୀୟ ବିଦ୍ୟୁତ ଶକ୍ତି ଯୋଗାଣ କରିବ। ଏହା କେବଳ ଇମ୍ଫାର ସବୁଜ ପରିବେଶ ସୃଷ୍ଟି ପାଇଁ ଉଦ୍ୟମକୁ ତ୍ୱରାନ୍ୱିତ କରିବା ସହିତ ଏକ ସବୁଜ ଭବିଷ୍ୟତ ନିର୍ମାଣ ଦିଗରେ ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ ୨୦୭୦ସୁଦ୍ଧା ନେଟ ଶୂନ୍ୟ ନିର୍ଗମନ ହାସଲ କରିବାରେ ଭାରତର ଅଭିଯାନକୁ ସହାୟତା ମଧ୍ୟ କରିବ ।

# ସଂପ୍ରସାରଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମାପ୍ତି ଉପରେ ନାଲ୍‌କୋ ସିଏମଡିଙ୍କ ଗୁରୁତ୍ୱ

**ଭୁବନେଶ୍ୱର,୨୨/୦୫**
**ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ଆର୍ଥିକ ବର୍ଷ ୨୦୨୪-୨୫ରେ ଐତିହାସିକ ଆର୍ଥିକ ମାଇଲଖୁଣ୍ଟ ହାସଲ କରିଛି। ବ୍ୟବସାୟ କ୍ଷେତ୍ରରେ ଉତ୍କୃଷ୍ଟତା ଏବଂ ଅଭିବୃଦ୍ଧିର ଏକ ନୂତନ ଯୁଗର ପ୍ରାରମ୍ଭ ହୋଇଛି। ଏହି ଉଲ୍ଲେଖନୀୟ ସଫଳତା କମ୍ପାନୀର ସ୍ଥିରତା, କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ମୂଲ୍ୟବୋଧ ସୃଷ୍ଟିକୁ ସୂଚିତ କରୁଅଛି। ବୁଧବାର ଘୋଷିତ ହୋଇଥିବା ଆର୍ଥିକ ଫଳାଫଳ ଅନୁଯାୟୀ, ନାଲ୍‌କୋ ସର୍ବକାଳୀନ ସର୍ବାଧିକ ୫,୩୨୫ କୋଟି ଟଙ୍କାର ନିଟ୍ ଲାଭ ରେକର୍ଡ କରି ଏକ ନୂତନ ଆର୍ଥିକ ମାଇଲଖୁଣ୍ଟ ସ୍ଥାପନ କରିଛି, ଯାହାକି ବିଗତ ଆର୍ଥିକ ବର୍ଷ ତୁଳନାରେ ୧୫୮ ପ୍ରତିଶତ ଅଭିବୃଦ୍ଧି ଅଟେ। କମ୍ପାନୀ ଆର୍ଥିକ ବର୍ଷ ୨୦୨୪-୨୫ ଆରଇ ମଧ୍ୟ ସର୍ବକାଳିନ ସର୍ବାଧିକ ରେକର୍ଡ ସହ ୧୬,୭୮୮ କୋଟି ଟଙ୍କାର ମୋଟ ବ୍ୟବସାୟ କରିଛି। କର୍ମଚାରୀମାନଙ୍କୁ ସମ୍ବୋଧିତ କରିବା ଅବସରରେ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ ସଭିଙ୍କୁ ହାର୍ଦ୍ଦିକ




ଅଭିନନ୍ଦନ ଜଣାଇବା ସହ କମ୍ପାନୀର ସୁସଂଗଠିତ କାର୍ଯ୍ୟପ୍ରଣାଳୀ, ଆର୍ଥିକ ସୁପରିଚାଳନା, କର୍ମଚାରୀଙ୍କ ପ୍ରତିବଦ୍ଧତା ଏବଂ ନାଲ୍‌କୋର ରଣନୈତିକ କାର୍ଯ୍ୟପନ୍ଥା ସଫଳତାର ଭିତ୍ତି ବୋଲି କହିଥିଲେ । ଏହି ଉଲ୍ଲେଖନୀୟ ସଫଳତା କେବଳ ନାଲ୍‌କୋ ପାଇଁ ନୁହେଁ ବରଂ ପ୍ରତ୍ୟେକ କର୍ମଚାରୀ, ଅଂଶୀଦାର, ଖଣି ମନ୍ତ୍ରଣାଳୟ ଓ ଆମ ରାଜ୍ୟ ଓଡ଼ିଶା ପାଇଁ ଗର୍ବର ମୁହୂର୍ତ୍ତ। ଶ୍ରୀ ସିଂହ କହିଥିଲେ ଯେ, "ଆଲୁମିନା ଓ ଆଲୁମିନିୟମର ବଜାର ଦରରେ ବୃଦ୍ଧି କମ୍ପାନୀର ସଫଳତାକୁ ଆଗକୁ ନେବାରେ ସହାୟକ ହୋଇଛି, କିନ୍ତୁ ଦୀର୍ଘକାଳୀନ ସଫଳତା ନିମନ୍ତେ କାର୍ଯ୍ୟକ୍ଷମତାରେ ଉତ୍କର୍ଷତା ଏବଂ ଉଚ୍ଚ କାର୍ଯ୍ୟଦକ୍ଷତା ଗୁରୁତ୍ୱପୂର୍ଣ୍ଣ"। ସଂପ୍ରସାରଣ କାର୍ଯ୍ୟଗୁଡିକ ସଂପୂର୍ଣ୍ଣ କରିବା ନିମନ୍ତେ ସେ ଗୁରୁତ୍ୱ ଦେବା ସହ ୫ମ ଷ୍ଟ୍ରିମ ରିଫାଇନେରୀ ସଂପ୍ରସାରଣ, ପୋଟାଙ୍ଗୀ ଖଣି କାର୍ଯ୍ୟକ୍ଷମ, ସ୍ମେଲ୍ଟର ପ୍ଲାଣ୍ଟ ତଥା କ୍ୟାପ୍ଟିଭ ପାୱାର ପ୍ଲାଣ୍ଟର ପ୍ରସ୍ତାବିତ ସଂପ୍ରସାରଣ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଦର୍ଶାଇଥିଲେ। ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକ୍ଷମ ହୋଇପାରିଲେ ବିଶ୍ୱ ଆଲୁମିନିୟମ ବ୍ୟବସାୟ କ୍ଷେତ୍ରରେ ନାଲ୍‌କୋର ସ୍ଥିତି ଆହୁରି ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପି ଆଣ୍ଡ ଟି) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ ଏବଂ ମୁଖ୍ୟ ସତର୍କତା ଅଧିକାରୀ ପ୍ରଣବଜ୍ୟୋତି ନାଥ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ନିଜ ଅଭିଭାଷଣରେ କମ୍ପାନୀର କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦକତାରେ ପ୍ରତିଯୋଗିତାମୂଳକ ଧାରା ବଜାୟ ରଖିବା ପାଇଁ ନାଲ୍‌କୋ ପରିବାରକୁ ହୃଦୟର ସହିତ ଅଭିନନ୍ଦନ ଜଣାଇଥିଲେ।

# ଦୁଇ ମାସ ବ୍ୟାଙ୍କ ପରିସର ସଫା କରି ଜାମିନରେ ଯାଇ ପାରିବେ ଅଭିଯୁକ୍ତ

**କଟକ, ୨୨/୦୫ ନ୍ୟୁଜ ବ୍ୟୁରୋ**

ଏକ ଜାମିନ ଆବେଦନର ଶୁଣାଣି କରି ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଜଣକ ଦୁଇ ମାସ ପର୍ଯ୍ୟନ୍ତ ବ୍ୟାଙ୍କ ପରିସର ସଫା କରିବାକୁ ସର୍ତ୍ତ ରଖିଛନ୍ତି କୋର୍ଟ। ସକାଳ ୮ ଟାରୁ ୧୦ଟା ମଧ୍ୟରେ ବ୍ୟାଙ୍କ ସଫା କରିବାକୁ ସର୍ତ୍ତ ରହିଛି। କଟକର ଏକ ବ୍ୟାଙ୍କ ଯାଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିବେଦନ କରିବେ ଆବେଦନକାରୀ। ଦୈନିକ ଦୁଇ ଘଣ୍ଟା ଦୁଇ ମାସ ପର୍ଯ୍ୟନ୍ତ ସଫା କରିବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିବେଦନ କରିବେ। ବ୍ୟାଙ୍କ କର୍ତ୍ତୃପକ୍ଷ ମଧ୍ୟ ଆବେଦନକାରୀଙ୍କୁ ସହାୟତା କରିବେ। ସମ୍ପୃକ୍ତ ବ୍ୟାଙ୍କର କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଥାନାଧିକାରୀ ଏହାର ତଦାରଖ କରିବେ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି । ତେବେ ଏହି ସର୍ତ୍ତ ଉଲ୍ଲଂଘନ କଲେ ଆବେଦନକାରୀଙ୍କ ଜାମିନ ରଦ୍ଦ କରାଯିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ସେହିପରି ଜାମିନରେ ଆସିଲେ ସାକ୍ଷ୍ୟମାନଙ୍କୁ ପ୍ରଭାବିତ କରିବେ ନାହିଁ ଏବଂ ତଦନ୍ତରେ ସହଯୋଗ କରିବାକୁ ମଧ୍ୟ ସର୍ତ୍ତ ରଖିଛନ୍ତି କୋର୍ଟ । ଏକ ଋଣ ଜାଲିଆତି ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ପ୍ରସଙ୍ଗରେ ଏପରି ସର୍ତ୍ତ ରଖିଛନ୍ତି ହାଇକୋର୍ଟ। ମାମଲା ବିବରଣୀରୁ ଜଣାପଡ଼ିଛି ଯେ, ଜଣେ ମହିଳା ଆବେଦନକାରୀ ଏକ ଜମିକୁ ବନ୍ଧକ ରଖି ଭୁବନେଶ୍ୱରର ଏକ ବ୍ୟାଙ୍କରୁ ଋଣ ନେଇଥିଲେ। ଏହାକୁ ସେ ସୁଝି ନଥିଲେ ବି ଏହି ସମାନ ଦସ୍ତାବିଜକୁ ବିକୃତ କରି କଟକର ଏକ ବ୍ୟାଙ୍କରୁ ପୁନର୍ବାର ଋଣ ପାଇଁ ଆବେଦନ କରିଥିଲେ। ପ୍ରଥମେ ତାଙ୍କର ଏହି




ଋଣ ପାଇଁ ମଞ୍ଜୁରୀ ମିଳିଥିଲା। ମାତ୍ର ବ୍ୟାଙ୍କ ମ୍ୟାନେଜର ବଦଳିବା ପରେ ନୂଆ ମ୍ୟାନେଜର ଏହାର ଯାଞ୍ଚ କରିବା ବେଳେ ଏହା ନକଲି ଦସ୍ତାବିଜ ବୋଲି ଜାଣି ପାରିଥିଲେ। ପରବର୍ତ୍ତୀ ସମୟରେ ଏହା ନକଲି ଜାଣି କଟକ କ୍ରାଇମବ୍ରାଞ୍ଚକୁ ଏତଲା ଦେଇଥିଲେ। କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରି ଆବେଦନକାରୀ ମହିଳାଙ୍କୁ ଗିରଫ କରିଥିଲେ। ଗିରଫ ପରେ ଆବେଦନକାରୀ ଜାମିନ ପାଇଁ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ଏହି ଜାମିନ ଆବେଦନର ଶୁଣାଣି କରି ଏହି ନିଆରା ସର୍ତ୍ତ ପ୍ରଦାନ କରିଛନ୍ତି । ଏହି ରାୟକୁ ସ୍ୱାଗତ କରିଛନ୍ତି ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଅରୁଣ ବୁଦ୍ଧିଆ। ସେ କହିଛନ୍ତି, ଏହି ପରି ରାୟ ଅଭିଯୁକ୍ତମାନଙ୍କୁ ଅପରାଧିକ କାର୍ଯ୍ୟ ରୋକିବାରେ ବେଶ୍ ସହାୟକ ହେବ। ବିଶେଷକରି ଅପରାଧୀମାନେ ପରବର୍ତ୍ତୀ ସମୟରେ ଅପରାଧ ଘଟାଇବା ପାଇଁ ସାହାସ ଜୁଟାଇବେ ନାହିଁ ବୋଲି ଆଇନଜୀବୀ କହିଛନ୍ତି।

# ବାଇକ୍‌କୁ ଚାପିଦେଲା ହାଇୱା : ଦୁଇ ମୃତ

**କଟକ, ୨୨/୦୫**
**ନ୍ୟୁଜ ବ୍ୟୁରୋ**

ଦୁଇ ବାଇକ୍ ଆରୋହୀଙ୍କୁ ଚାପିଦେଲା ହାଇୱା। ବାରଙ୍ଗ ଗୋଡି ସାହି ମୁଣ୍ଡଳି କେନାଲ ରାସ୍ତାରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ଗୁରୁବାର ସକାଳେ କେନାଲ ରାସ୍ତାରେ ହାଇୱା ଟ୍ରକ୍ ଟି ମୁଣ୍ଡଳୀ ଆଡ଼େ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ବର୍ତ୍ତମାନ୍ ପର୍ଯ୍ୟନ୍ତ ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଦୁର୍ଘଟଣା ପରେ ହାଇୱା ଟ୍ରକଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛି। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଦୁଇଟିକୁ ଜବତ କରିବା ସହ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଧରିବା ପାଇଁ ଉଦ୍ୟମ ଅବ୍ୟାହତ ରଖିଛି।

# ତୁର୍କୀ ଓ ଅଜରବୈଜାନ୍‌କୁ ବୟକଟ୍ : ଥାଇଲାଣ୍ଡ, ଭିଏତ୍‌ନାମ ଯାଉଛନ୍ତି ଭାରତୀୟ

**ନୂଆଦିଲ୍ଲୀ,୨୨/୦୫**

ପାକିସ୍ତାନକୁ ସମର୍ଥନ କରି ତୁର୍କୀ ଏବଂ ଅଜରବୈଜାନ ଭଳି ଦେଶକୁ ମହଙ୍ଗା ପଡ଼ିଛି । ଉଭୟ ଦେଶର ଭିସା ଆବେଦନରେ ୪୨% ହ୍ରାସ ଦେଖିବାକୁ ମିଳିଛି । ଭିସା ପ୍ରୋସେସିଂ ପ୍ଲାଟ୍‌ଫର୍ମ ଏଟ୍‌ଲିସ୍ ମୁତାବକ ଗତ ୩୬ ଘଣ୍ଟାରେ ୬୦% ଭାରତୀୟ ୟୁଜର ଉଭୟ ଦେଶ ପାଇଁ ଭିସା ଆବେଦନ ପ୍ରକ୍ରିୟାକୁ ଅଧାରୁ ଛାଡ଼ି ଦେଇଛନ୍ତି । ବଦଳରେ ଏବେ ଥାଇଲାଣ୍ଡ ଏବଂ ଭିଏତ୍‌ନାମ ଯାଉଛନ୍ତି। ଦିଲ୍ଲୀ-ମୁମ୍ବାଇରୁ ତୁର୍କୀ ଯିବା ପାଇଁ ଭିସା ଆବେଦନ ୫୩% ହ୍ରାସ ପାଇଛି। ସେହିଭଳି ଇନ୍ଦୋର ଏବଂ ଜୟପୁର ଭଳି ଟିୟର-୨ ସହରଗୁଡ଼ିକରୁ ଆବେଦନ ୨୦% ହ୍ରାସ ଘଟିଛି । ସୂଚନାଯୋଗ୍ୟ, ପହଲ୍‌ଗାମ ଆତଙ୍କବାଦ ହମ୍‌ଲାର ଜବାବ ଦେବା ପାଇଁ ଭାରତ ପକ୍ଷରୁ ଆରମ୍ଭ ହୋଇଥିବା 'ଅପରେଶନ୍ ସିନ୍ଦୂର' ପରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରିଥିଲା । ଏହା ପରେ ଭାରତୀୟ ପର୍ଯ୍ୟଟକମାନେ ତୁର୍କୀକୁ ସେମାନଙ୍କ ଟ୍ରିପ୍ ବାତିଲ କରୁଛନ୍ତି । ଏଟ୍‌ଲିସ୍ ଏହି ଦୁଇ ଦେଶର ମାର୍କେଟିଂକୁ ବି ବନ୍ଦ କରିଦେଇଛି । ଏଟ୍‌ଲିସ୍ ଡାଟା ଅନୁସାରେ, ୨୫ରୁ ୩୪ ବର୍ଷୀୟ ୭୦% ଯୁବପିଢ଼ି ନିଜ ନିଜର ଭିସା ଆବେଦନକୁ ଅଧାରୁ ଛାଡ଼ି ଦେଇଛନ୍ତି। ଗ୍ରୁପ୍ ଟ୍ରିପ୍ ଆବେଦନରେ ୪୯% ଏବଂ କପଲ୍ ଟ୍ରିପ୍



ଆବେଦନରେ ୨୭% ହ୍ରାସ ଘଟିଛି। ତୁର୍କୀ ଏବଂ ଅଜରବୈଜାନର ଭିସାରେ ହ୍ରାସ ମଧ୍ୟରେ ଦକ୍ଷିଣପୂର୍ବ ଏସୀୟ ଦେଶକୁ ଫାଇଦା ମିଳୁଛି । ଭିଏତ୍‌ନାମ, ଇଣ୍ଡୋନେସିଆ ଏବଂ ମିଶରର ଭିସା ଆବେଦନ ୩୧% ପର୍ଯ୍ୟନ୍ତ ବଢ଼ିଛି । ପୁରୁଷଙ୍କ ତୁଳନାରେ ମହିଳା ଯାତ୍ରୀ ୨.୩ ଗୁଣା ଅଧିକ ଭିଏତ୍‌ନାମ-ଥାଇଲାଣ୍ଡ ଭଳି ଦେଶ ପାଇଁ ଆବେଦନ କରୁଛନ୍ତି । ମେକ୍ ମାଇଁ ଟ୍ରିପ୍ ଅନୁସାରେ, ଗତ ସପ୍ତାହେ ମଧ୍ୟରେ ତୁର୍କୀ-ଅଜରବୈଜାନ ଯାଉଥିବା ଯାତ୍ରୀଙ୍କ ବାତିଲ ଟିକଟ ସଂଖ୍ୟା ୨୫୦% ବଢ଼ିଛି । ଏହାସହିତ ନୂଆ ବୁକିଂସରେ ୬୦% ହ୍ରାସ ଘଟିଛି । ଅଜରବୈଜାନ ପାଇଁ ୩୦% ଟିକଟ ବାତିଲ ହୋଇଥିବାବେଳେ ତୁର୍କୀ ପାଇଁ ୨୨% ଟିକଟ ବାତିଲ ହୋଇଛି । ଶିଳ୍ପପତି ହର୍ଷ ଗୋଏଙ୍କା ଭାରତୀୟ ପର୍ଯ୍ୟଟକଙ୍କୁ ତୁର୍କୀ ଏବଂ ଅଜରବୈଜାନ ନ ଯିବା ପାଇଁ ଆହ୍ୱାନ ଦେଇଛନ୍ତି । ସେ ନିଜ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି ଯେ, ଗତବର୍ଷ ଭାରତୀୟମାନେ ଉଭୟ ଦେଶରେ ୪,୦୦୦ କୋଟି ଟଙ୍କା ସ୍ୱାହା କରିଛନ୍ତି। ଆମେ ଏଭଳି ଅର୍ଥନୀତିଦ୍ୱୟଙ୍କୁ ସହଯୋଗ କରିବା ଉଚିତ ନୁହେଁ, ଯେଉଁମାନେ ଆମ ଶତ୍ରୁ ସହ ଛିଡ଼ା ହୋଇଛନ୍ତି । ଭାରତ ଏବଂ ବିଶ୍ୱରେ ଅନେକ ସୁନ୍ଦର ସ୍ଥାନ ରହିଛି, ସେଠାକୁ ଭ୍ରମଣ ନିମନ୍ତେ ଯାଇ ଏହି ଦୁଇ ରାଷ୍ଟ୍ରଙ୍କୁ ବର୍ଜନ କରିବାର ସମୟ ଆସିଛି। ଭାରତୀୟମାନେ ଏବେ ତୁର୍କୀ ଏବଂ ଅଜରବୈଜାନ ପର୍ଯ୍ୟଟନ ଓ ସାମଗ୍ରୀକୁ ବର୍ଜନ କରୁଛନ୍ତି । ତୁର୍କୀ ଟ୍ରାଭେଲ ଟ୍ରିପ୍‌କୁ ବାତିଲ କରୁଛନ୍ତି । ତୁର୍କୀର ଆଭିଏସନ୍ ଗ୍ରାଉଣ୍ଡ ହ୍ୟାଣ୍ଡଲିଂ କମ୍ପାନି ସେଲେବିର ସୁରକ୍ଷା ମଞ୍ଜୁରିକୁ ଖାରଜ କରିଛନ୍ତି କେନ୍ଦ୍ର ସରକାର । ବିଭିନ୍ନ ଟ୍ରାଭେଲ ଅପରେଟରମାନେ ସେମାନଙ୍କ ତୁର୍କୀ ଏବଂ ଅଜରବୈଜାନ୍ ଟ୍ରାଭେଲ ପ୍ୟାକେଜ୍‌କୁ ପ୍ରତ୍ୟାହାର କରିଛନ୍ତି । ପହଲ୍‌ଗାମ ଆତଙ୍କବାଦୀ ହମ୍‌ଲା ପରେ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନକୁ ସମର୍ଥନ କରିଥିବା ତୁର୍କୀ ଏବଂ ଅଜରବୈଜାନ ସହ ବ୍ୟବସାୟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ବ୍ୟବସାୟୀମାନେ ଘୋଷଣା କରିଛନ୍ତି । ଗତ ୧୬ ତାରିଖରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବା ପାଇଁ ଦିଲ୍ଲୀରେ ଏକତ୍ର ହୋଇଥଲେ ୨୪ରୁ ଊର୍ଦ୍ଧ୍ୱ ରାଜ୍ୟର ବ୍ୟବସାୟୀ । ତୁର୍କୀ ଏବଂ ଅଜରବୈଜାନ ସହ ସମସ୍ତ ବ୍ୟବସାୟକୁ ବନ୍ଦ କରିବା ପାଇଁ ଏ ଅବସରରେ ଏକ ମିଳିତ ନିଷ୍ପତ୍ତି ନିଆଯାଇଥିଲା । ବିଜେପି ଏମ୍‌ପି ତଥା ସର୍ବଭାରତୀୟ ବ୍ୟବସାୟୀ ମହାସଂଘ(ସିଏଆଇଟି)ର ମହାସଚିବ ପ୍ରବୀଣ ଖଣ୍ଡେଲ୍‌ୱାଲ ବୈଠକ ପରେ କହିଥିଲେ ଯେ, ଉଭୟ ଦେଶ ସହ ବ୍ୟବସାୟ ବନ୍ଦ କରିବାର କାରଣ ସ୍ପଷ୍ଟ ହୋଇଛି। ଭାରତ ବିରୋଧରେ ଯାଇ ଉଭୟ ରାଷ୍ଟ୍ର ଖୋଲାଖୋଲି ଭାବେ ପାକିସ୍ତାନକୁ ସମର୍ଥନ ଦେଇଛନ୍ତି । ତୁର୍କୀ ଏବଂ ଅଜରବୈଜାନ ସହ କୌଣସି ପ୍ରକାର ଆମଦାନି ଏବଂ ରପ୍ତାନି ହେବ ନାହିଁ । ତତ୍କାଳ ଭାବେ ଏହାକୁ କାର୍ଯ୍ୟକାରୀ କରାଯାଇଛି । ଖଣ୍ଡେଲ୍‌ୱାଲ୍ ଆହୁରି କହିଛନ୍ତି ଯେ, ତୁର୍କୀ ଏବଂ ଅଜରବୈଜାନରେ ବିଜ୍ଞାପନ ଏବଂ ଫିଲ୍ମ ସୁଟିଂ ନ କରିବା ପାଇଁ ଭାରତୀୟ କମ୍ପାନିଗୁଡ଼ିକୁ ଆହ୍ୱାନ ଦିଆଯାଇଛି। ଉଭୟ ରାଷ୍ଟ୍ରରେ ଚଳଚ୍ଚିତ୍ର ସୁଟିଂ ନ କରିବା ପାଇଁ ମଧ୍ୟ ଭାରତୀୟ ଚଳଚ୍ଚିତ୍ର ଶିଳ୍ପକୁ ଅନୁରୋଧ କରାଯାଇଛି।

# ୪ ବର୍ଷରେ ଏକ ଲକ୍ଷ ନକଲି ଡିଗ୍ରୀ ବିକ୍ରି: ୨୨୮ ଜଣ କରୁଛନ୍ତି ସରକାରୀ ଚାକିରି




**ଲକ୍ଷ୍ନୌ, ୨୨/୦୫**

ଉତ୍ତର ପ୍ରଦେଶର ହାପୁର ଜିଲ୍ଲାର ମୋନାଡ ବିଶ୍ୱବିଦ୍ୟାଳୟରେ ଏସଟିଏଫ ଚଢଉ ପରେ, ପ୍ରଶାସନ ଏବେ ବିଶ୍ୱବିଦ୍ୟାଳୟ ଉପରେ କଟକଣା କଡ଼ାକଡ଼ି କରିବାକୁ ଯୋଜନା କରୁଛନ୍ତି। ହାପୁରର ପିଲଖୁୱାରେ ଅବସ୍ଥିତ ଏହି ବିଶ୍ୱବିଦ୍ୟାଳୟରେ ନକଲି ଡିଗ୍ରୀ ତିଆରି ଏବଂ ବିକ୍ରି ମାମଲାର ତଦନ୍ତ ଆରମ୍ଭ ହୋଇଛି। ହାପୁରର ଡିଏମ-ଏସପି ମୋନାଡ ବିଶ୍ୱବିଦ୍ୟାଳୟର ମାନ୍ୟତା ବାତିଲ ସମ୍ପର୍କରେ ପ୍ରଶାସନକୁ ଏକ ଚିଠି ଲେଖିଛନ୍ତି। ଏହି ମାମଲାରେ ପୁଲିସ ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ବିଜେନ୍ଦ୍ର ସିଂହ ହୁଡାଙ୍କ ସମେତ ୧୧ ଜଣଙ୍କୁ ଗିରଫ କରି ଜେଲ୍ ପଠାଇଛି। ଛାତ୍ରଛାତ୍ରୀମାନଙ୍କଠାରୁ ଗୋଟିଏ ନକଲି ଡିଗ୍ରୀ ପାଇଁ ୫୦ ହଜାରରୁ ୪ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଡିଏମ ଅଭିଷେକ ପାଣ୍ଡେ ଏବଂ ଏସପି ଜ୍ଞାନଞ୍ଜୟ ସିଂହ ମୋନାଡ୍ ବିଶ୍ୱବିଦ୍ୟାଳୟର ମାନ୍ୟତା ବାତିଲ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କୁ ଏକ ଚିଠି ଲେଖିଥିଲେ। ଯାହା ଦ୍ୱାରା ଯେପରି ଅନ୍ୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନଷ୍ଟ ନହେବ। ଏବେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନର ପରିସର ଆହୁରି ବୃଦ୍ଧି ପାଉଛି। ଯେଉଁ ରାଜ୍ୟରେ ନକଲି ଡିଗ୍ରୀ ବିକ୍ରି ହୋଇଛି, ସେଠାରେ ଏସଟିଏଫ ଟିମ୍ ତଦନ୍ତ କରୁଛି।

ଏପରି ପରିସ୍ଥିତିରେ, ନକଲି ଡିଗ୍ରୀର ଏହି ଖେଳରେ ଅନ୍ୟ ରାଜ୍ୟରୁ ମଧ୍ୟ ଗିରଫଦାରୀ ହୋଇପାରେ। ବିଶ୍ୱବିଦ୍ୟାଳୟରୁ ନକଲି ଡିଗ୍ରୀ ବିକ୍ରି ହେଉଥିବାର ସୂଚନା ଏସଟିଏଫକୁ ଗୋଟିଏ ମାସ ପୂର୍ବରୁ ମିଳିଥିଲା। ପ୍ରାରମ୍ଭିକ ତଦନ୍ତ ପରେ, ମେ' ୫ ତାରିଖରେ, ଲକ୍ଷ୍ନୌର ଅଧିକାରୀମାନେ ହାପୁର-ଗାଜିଆବାଦ ଆସିଥିଲେ ଏବଂ ପ୍ରମାଣ ସଂଗ୍ରହ କରିବା ଆରମ୍ଭ କରିଥିଲେ। ସୂଚନା ଯୋଗ୍ୟ ଯେ, କୋଭିଡ୍ ସମୟରୁ ବିଶ୍ୱବିଦ୍ୟାଳୟରେ ଡିଗ୍ରୀ ଜାଲିଆତିର ଖେଳ ଚାଲିଛି। ଏପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟରୁ ପ୍ରାୟ ଏକ ଲକ୍ଷ ନକଲି ଡିଗ୍ରୀ ତିଆରି ଏବଂ ବଣ୍ଟନ କରାଯାଇଛି। ଏସଟିଏଫ ତଦନ୍ତରୁ ଜଣାପଡିଛି ଯେ, ଏଠାରୁ ୨୨୮ ଜଣ ଯୁବବର୍ଗ ଡିଗ୍ରୀ ହାସଲ କରିବା ପରେ ସରକାରୀ ଚାକିରି କରୁଛନ୍ତି। ସରକାରୀ ଚାକିରି ପାଉଥିବା ଲୋକଙ୍କ ମଧ୍ୟରେ ହରିୟାଣା, ବିହାର ଏବଂ ମହାରାଷ୍ଟ୍ରର ଯୁବବର୍ଗମାନେ ଅଧିକ ଅଛନ୍ତି। ଦେଶର ଅନ୍ୟାନ୍ୟ ରାଜ୍ୟରେ ମଧ୍ୟ ଯୁବବର୍ଗମାନେ ଏହି ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ହାସଲ କରିଛନ୍ତି ଏବଂ ଘରୋଇ ତଥା ସରକାରୀ ପ୍ରତିଷ୍ଠାନରେ କାମ କରୁଛନ୍ତି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ, ମୋନାଡ୍ ଅଧ୍ୟକ୍ଷ ବିଜେନ୍ଦ୍ର ସିଂହ ୨୦୨୦ ମସିହାରେ ବିଶ୍ୱବିଦ୍ୟାଳୟରେ ନକଲି ଡିଗ୍ରୀ ତିଆରି କରିବା ଆରମ୍ଭ କରିଥିଲେ।

ଏଥିପାଇଁ ବିଭିନ୍ନ ସହରରେ ଏଜେଣ୍ଟ ନିଯୁକ୍ତ କରି ସେମାନେ ଯୁବବର୍ଗମାନଙ୍କୁ ଫସାଉଥିଲେ। ଏସଟିଏଫ ଅଧିକାରୀଙ୍କ ଅନୁଯାୟୀ, ଏହି ବିଶ୍ୱବିଦ୍ୟାଳୟର ଦେଶର ନଅଟି ରାଜ୍ୟରେ ଏକ ବଡ଼ ନେଟୱାର୍କ ଅଛି। କେବଳ ଏହି ରାଜ୍ୟଗୁଡ଼ିକରେ ଅଧିକାଂଶ ନକଲି ଡିଗ୍ରୀ ବିକ୍ରି ହୋଇଥିଲା।